

ନୀତୀଶଙ୍କୁ ଧୋଇଦେଲେ ଝିଆରୀ

ପୃଷ୍ଠା ୫


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



## ସହସମ୍ପାଦକ ଆବଶ୍ୟକ

ଦୈନିକ 'ସଂଚାର'' ପାଇଁ ସହ-ସମ୍ପାଦକ ଆବଶ୍ୟକ। ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତି କମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ। ଏଥିସହ ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ। ଓଡ଼ିଆ ଟାଇପିଂ ସହ କମ୍ପ୍ୟୁଟରରେ ତାଙ୍କର ଦକ୍ଷତା ଥିବା ଅନିର୍ବାର୍ଯ୍ୟ। ଆଗ୍ରହୀ ପ୍ରାର୍ଥୀମାନେ ଆସନ୍ତା ୭ ଦିନ ମଧ୍ୟରେ ନିମ୍ନ ଠିକଣାରେ ଆବେଦନ କରିପାରିବେ।



ଯୋଗାଯୋଗ

Mail :- sancharodisha@gmail.com
Whatsapp :- +91 8093008776



Vol. 33 | ISSUE 341 ଭାଗ ୩୩ | ସଂଖ୍ୟା ୩୪୧ | Saturday 7 March 2026 | Page 8 Rs. 5.00 | ଭୁବନେଶ୍ୱର ଶନିବାର ୭ ମାର୍ଚ୍ଚ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


# ବିକଶିତ ଓଡ଼ିଶା ଗଠନରେ ନୂତନ ଅଧ୍ୟାୟ




- ଜନାଦେଶକୁ ବାଧ୍ୟବାଧକତା ଭାବୁଥିଲା ବିଜେଡି
- ୩୨୭୫ କୋଟିରୁ ଅଧିକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ଓଡ଼ିଶା ସମବାୟ ନୀତି-୨୦୨୬ କାର୍ଯ୍ୟକାରିତାର ଶୁଭାରମ୍ଭ
- ବଡ଼ମ୍ବା ଚିନିକଳର ପୁନରୁଦ୍ଧାର ପାଇଁ ଚୁକ୍ତିନାମା ସ୍ୱାକ୍ଷରିତ
- ରାଜ୍ୟର ବିଭିନ୍ନ ଜିଲ୍ଲାରେ ସାଇବର ଥାନା ଉଦ୍‌ଘାଟିତ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ): ଆଗାମୀ ଦିନରେ ଭାରତକୁ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦରୁ ମୁକ୍ତ କରିବା ପାଇଁ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାରେ ମଧ୍ୟ ନୂତନ ସରକାର ଗଠନ ହେବା ପରେ ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ନିର୍ମାଣ କରିବାକୁ ଲକ୍ଷ୍ୟ ରଖି ସରକାରଙ୍କ ପକ୍ଷରୁ କାର୍ଯ୍ୟ କରାଯାଉଛି। ଧାନ ଚାଷୀମାନଙ୍କୁ ୩୧୦୦ ଟଙ୍କାର ଏମ୍‌ଏସପି ପ୍ରଦାନ କରିବାଠାରୁ ଆରମ୍ଭ କରି ମହିଳାମାନଙ୍କୁ ସଶକ୍ତ କରିବା ନିମନ୍ତେ ସୁଭଦ୍ରା ଯୋଜନା ପ୍ରଣୟନ କରାଯାଇଛି। ଆଗାମୀ ଦିନରେ ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ସହ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ଲକ୍ଷ୍ୟ ପୂରଣ ହେବ ଆଜି ଦିନିକିଆ ଓଡ଼ିଶା ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଏହା କହିଛନ୍ତି କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ।

ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ସମବାୟ କ୍ଷେତ୍ର ଓ ଜାତୀୟ ସୁରକ୍ଷା ସହ ଜଡ଼ିତ ଅନେକ ଗୁରୁତ୍ୱପୂର୍ଣ୍ଣ ଉପକ୍ରମର ଶୁଭାରମ୍ଭ କରିଛନ୍ତି ଶ୍ରୀ ଶାହ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଉପସ୍ଥିତ ଥିଲେ।

ନିଜ ଅଭିଭାଷଣରେ ଶ୍ରୀ ଶାହ କହିଛନ୍ତି ଯେ ଓଡ଼ିଶା ହେଉଛି ସମୃଦ୍ଧ କଳା ଓ ସଂସ୍କୃତିର ମାଟି। ➢ପୃଷ୍ଠା-୬

## 'ଦୁଇଟି ନିଷ୍ପତ୍ତି ପାଇଁ ମନେ ରହିବେ ଶାହ'



ଆଧୁନିକ ଭାରତର ରାଜନୈତିକ ଇତିହାସରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦୁଇଟି ଐତିହାସିକ ନିର୍ଣ୍ଣୟ ସର୍ବଦା ମନେ ରହିବ। ପ୍ରଥମଟି ହେଉଛି ଧାରା ୩୭୦ର ଉଚ୍ଛେଦ କରିବା ଏବଂ ଦ୍ୱିତୀୟଟି ହେଉଛି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମଗ୍ର ଦେଶରୁ ମାଓବାଦୀ ହିଂସାକୁ ଦୂର କରିବା। ଏହି ଦୁଇଟି ପଦକ୍ଷେପ ଏଥିପାଇଁ ସେ ସବୁଦିନ ପାଇଁ ମନେ ରହିବେ ବୋଲି ଆଜି ଭୁବନେଶ୍ୱର ଠାରେ ଆୟୋଜିତ ଜାତୀୟ ସୁରକ୍ଷା ସହ ଜଡିତ ବିଭିନ୍ନ କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଦେଶର ସବୁଠାରୁ ବଡ଼ ସମାଲୋଚକ ଏବଂ ରାଜନେତାମାନେ କହୁଥିଲେ ଯେ ଏହି ଦୁଇଟି ପଦକ୍ଷେପ ଏକ ପ୍ରକାର ଅସମ୍ଭବ। କିନ୍ତୁ କେନ୍ଦ୍ର ଗୃହ ମନ୍ତ୍ରୀ ଏହା କରି ଦେଖାଇଲେ। ଆଜି ନକ୍ସଲ ହିଂସା ଶେଷ ହେବାରେ ଲାଗିଛି। ମାର୍ଚ୍ଚ ୩୧ ସୁଦ୍ଧା ନକ୍ସଲ ହିଂସାରୁ ଓଡ଼ିଶା ସମ୍ପୂର୍ଣ୍ଣ ମୁକ୍ତ ହେବ। ଆଜି ଓଡ଼ିଶା ବିକାଶ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଯୋଡ଼ି ➢ପୃଷ୍ଠା-୬

# ଏପ୍ରିଲ୍ ପହିଲାରୁ ଓଡ଼ିଶାରେ 'ଏସ୍‌ଆଇଆର୍'

## ୯୦% ଭୋଟର ତାଲିକା ସଂଶୋଧିତ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ): ଓଡ଼ିଶାରେ ଆସନ୍ତା ଏପ୍ରିଲ ପହିଲାରୁ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ରାଜ୍ୟରେ ୯୦ ପ୍ରତିଶତ ଭୋଟର ତାଲିକାରେ ସଂଶୋଧନ ହୋଇସାରିଛି। ବାକି ୧୦ ପ୍ରତିଶତ ମଧ୍ୟରୁ ଅତି କମ୍‌ରେ ୮ ପ୍ରତିଶତ ସଂଶୋଧନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍‌ଏସ ଗୋପାଳନ୍ ଆଜି ଏଠାରେ ଅନୁଷ୍ଠିତ ଏକ ସମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ଶତ ପ୍ରତିଶତ ସଂଶୋଧନ ପାଇଁ ଚେଷ୍ଟା ଚାଲିଛି। ସବୁଠୁ ବଡ଼ କଥା ହେଲା, ଗତ ୨୦୦୨ ଆଧାରରେ ସଂଶୋଧନ କରାଯିବ। ୨୦୦୨ରେ ଯେଉଁ ବୁଥ୍ ଭୋଟ୍ କରିଥିଲେ, ସେହି ବୁଥ୍ ନମ୍ବର ଏସ୍‌ଆଇଆର୍ ଅଧିକାରୀଙ୍କୁ କହିଲେ ବି ସଂଶୋଧନ ହେବ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି। ତେବେ ଯଦି ମତଦାତାଙ୍କ ନିକଟରେ କିଛି ବି ଲିଙ୍କ୍ ନାହିଁ, ତା'ହେଲେ ତାକୁ ୧୧ ନମ୍ବର ଫର୍ମ ପୂରଣ କରି ଏସ୍‌ଆଇଆର୍ ଅଧିକାରୀଙ୍କୁ ଦେବାକୁ ପଡ଼ିବ। ଏହାର ଉଦ୍ଦେଶ୍ୟ ହେଉଛି ଭୋଟର ଏନରୋଲ୍‌ମେଣ୍ଟ୍ ପୂରା କ୍ଲିନ୍ ହେବା ଦରକାର। ଯଦି କୌଣସି ମତଦାତାଙ୍କ ନାଁ ଦୁଇଟି ସ୍ଥାନରେ ରହିଥାଏ, ତା'ହେଲେ ସେଥିରୁ ଗୋଟିଏ ସ୍ଥାନ ସେ ବାଛିପାରିବେ। ଏସ୍‌ଆଇଆର୍ ପରେ ବି ଯଦି ମତଦାତା ଦୁଇଟି ବା ଏକାଧିକ ସ୍ଥାନରେ ନିଜର ନାଁ ରଖୁଛନ୍ତି, ତା'ହେଲେ ଏହା ଦଣ୍ଡନୀୟ ଅପରାଧ ହେବ ବୋଲି ଶ୍ରୀ ଗୋପାଳନ୍ କହିଛନ୍ତି। ମ୍ୟାପିଂ ସମୟରେ ଭୋଟରଙ୍କ ନାମ, ସମ୍ପର୍କୀୟଙ୍କ ନାମ, ବୟସ/ଜନ୍ମତାରିଖ, ମତଦାନ କେନ୍ଦ୍ର, ଭାଗ ସଂଖ୍ୟା ଓ ଭୋଟରକାର୍ଡ ବିବରଣୀ ମିଳାଯିବ। ଏହି ➢ପୃଷ୍ଠା-୬



## ପ୍ରକାଶ ପାଇଲା ୟୁପିଏସ୍‌ସି ଫଳାଫଳ

## ଅନୁଜ ଅଗ୍ନିହୋତ୍ରୀ ଟପ୍ପର୍



ନୂଆଦିଲ୍ଲୀ,୬।୩: ୨୦୨୫ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷା (ୟୁପିଏସ୍‌ସି) ଫଳ ଆଜି ପ୍ରକାଶ ପାଇଛି। ଏହି ଫଳାଫଳ ତାଲିକାରେ ସମୁଦାୟ ୯୫୮ ଜଣ ପ୍ରାର୍ଥୀ ଚୟନ ହୋଇଛନ୍ତି। ରାଜସ୍ଥାନର ଅନୁଜ ଅଗ୍ନିହୋତ୍ରୀ ୟୁପିଏସ୍‌ସି ଫଳାଫଳରେ ଟପ୍ପର ହୋଇଥିବା ବେଳେ ଦ୍ୱିତୀୟ ସ୍ଥାନରେ ତାମିଲନାଡୁର ମଦୁରାରୀ ନିବାସୀ ରାଜେଶ୍ୱରୀ ସୁଭେ ରହିଛନ୍ତି। ସେହିପରି ତୃତୀୟରେ ଅକାଂଶ ଧୂଲ୍ ରହିଥିବା ବେଳେ ଚତୁର୍ଥରେ ଇଶାନ ଭଟ୍ଟନାଗର, ପଞ୍ଚମରେ ଜିନିଆ ଅରୋରା ରହିଛନ୍ତି। କିଶନ୍ ହରିଆଣାର ଜଣାଶୁଣା ବିଜେପି ନେତା କ୍ରିଶନ୍ ଧୂଲ୍‌ଙ୍କ ସୁପୁତ୍ର। ପ୍ରିଲିମ୍ସ ପରୀକ୍ଷା ଗତ ବର୍ଷ ମେ' ୨୫ରେ ଅନୁଷ୍ଠିତ ହୋଇଥିଲା। ମେନ୍ ପରୀକ୍ଷା ଗତବର୍ଷ ଅଗଷ୍ଟ ୨୨ରୁ ୩୧ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟାୟ, ବ୍ୟକ୍ତିତ୍ୱ ପରୀକ୍ଷା ବା ସାକ୍ଷାତକାର ଗତ ୨୭ ତାରିଖରେ ସରିଥିଲା। ସମସ୍ତ ପରୀକ୍ଷାର୍ଥୀ ସେମାନଙ୍କ ଫଳାଫଳ ୟୁପିଏସସିର ଅଫିସିଆଲ୍ ୱେବସାଇଟ୍ upsc.gov.in ଓ upsconline.nic.inରେ ଫଳାଫଳ ଦେଖିପାରିବେ। କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କ ମଧ୍ୟରେ ସାଧାରଣ ବର୍ଗର ୩୧୭ ଜଣ ଥିବା ବେଳେ ଇଡବ୍ଲ୍ୟୁଏସ୍ ବର୍ଗର ୧୦୪ ଜଣ, ଓବିସି ବର୍ଗର ୩୦୬ ଜଣ, ଏସ୍‌ସି ବର୍ଗର ୧୫୮ ଜଣ, ଏସ୍‌ଟି ବର୍ଗର ୭୩ ଜଣ ରହିଛନ୍ତି।

ତାଲିକାରେ ଓଡ଼ିଶାର ୧୦ ରୁ ଅଧିକ ପରୀକ୍ଷାର୍ଥୀ ଥିବା ଜଣାପଡିଛି। ଭୁବନେଶ୍ୱରର ସାତ୍ୱିକ ସତ୍ୟକାମ ୧୦୦ ରାଙ୍କରେ ରହି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। କଠିନ ପରିଶ୍ରମ, ଦୃଢ଼ ଇଚ୍ଛା ଶକ୍ତି ଥିଲେ ସବୁ ଅସମ୍ଭବ ବି ସମ୍ଭବ ହୋଇପାରିବ। ଏ କଥା ପ୍ରମାଣିତ କରି ଦେଖାଇଛନ୍ତି ଭୁବନେଶ୍ୱରର ସାତ୍ୱିକ ସତ୍ୟକାମ। ଥରେ କି ଦୁଇ ଥର ନୁହେଁ, ଷଷ୍ଠ ପ୍ରୟାସରେ ୟୁପିଏସସି ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି ➢ପୃଷ୍ଠା-୬



ସାତ୍ୱିକ ସତ୍ୟକାମ



ଅମ୍ରିତ ମହାପାତ୍ର

# ପାରାଦୀପ ଦେଶର ଆର୍ଥିକ ପ୍ରୟୋଗଶାଳା



## କମିବ ଉତ୍ପାଦନ ଖର୍ଚ୍ଚ ଉପକୃତ ହେବେ ଚାଷୀ

ପାରାଦୀପ,୬।୩(ସଂଚାର ବ୍ୟୁରୋ): ପାରାଦୀପ ଆଜି କେବଳ ଏକ ବନ୍ଦର ସହର ନୁହେଁ, ବରଂ ଏହା ଭାରତର ଏକ ପ୍ରମୁଖ 'ଆର୍ଥିକ ପ୍ରୟୋଗଶାଳା' ଭାବେ ଉଭା ହୋଇଛି ବୋଲି ଆଜି ଏଠାରେ ଇଫକୋର 'ତୃତୀୟ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ'ର ଶୁଭ ଉଦଘାଟନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ସେ କହିଛନ୍ତି ଯେ ଆଜି ଓଡ଼ିଶାର ଶିଳ୍ପ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଛି। ପ୍ରାୟ ୭୫୦ କୋଟି ଟଙ୍କା ବ୍ୟୟରେ ଲୋକାର୍ପିତ ତୃତୀୟ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟର ଦୈନିକ ଉତ୍ପାଦନ କ୍ଷମତା ୨ ହଜାର ମେଟ୍ରିକ୍ ଟନ୍ ରହିଛି। ଏହି ପ୍ଲାଣ୍ଟ ଦ୍ୱାରା ଫସଫୋରିକ୍ ଏସିଡ୍ ଉତ୍ପାଦନ ପାଇଁ ଆବଶ୍ୟକ ସଲଫ୍ୟୁରିକ୍ ଏସିଡ୍ ଆଉ ବିଦେଶରୁ ଆମଦାନୀ କରିବାକୁ ପଡ଼ିବ ନାହିଁ, ଯାହା 'ଆତ୍ମନିର୍ଭର ଭାରତ' ଅଭିଯାନକୁ ସୁଦୃଢ଼ କରିବ। ସାର ଉତ୍ପାଦନ ଖର୍ଚ୍ଚ ହ୍ରାସ ପାଇବା ଫଳରେ ଓଡ଼ିଶା ସମେତ ଦେଶର କୋଟି କୋଟି ଚାଷୀ ସଠିକ୍ ସମୟରେ ସ୍ୱଳ୍ପ ମୂଲ୍ୟରେ ଖତ-ସାର ପାଇପାରିବେ।

ଗତ ୨୦୧୬ ଫେବ୍ରୁଆରୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାରାଦୀପ ରିଫାଇନାରୀକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ସହ 'ପୂର୍ବୋଦୟ'ର ଯେଉଁ କଳ୍ପନା କରିଥିଲେ, ତାହା ଆଜି ବାସ୍ତବ ରୂପ ନେଉଛି। ପୂର୍ବ ଭାରତର ବିକାଶ ବିନା ସମଗ୍ର ଭାରତର ବିକାଶ ଅସମ୍ଭବ। ଗତ ୧୦ ବର୍ଷର ଓଡ଼ିଶା ତଥା ପାରାଦୀପର ବିକାଶ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଇଛନ୍ତି। କେନ୍ଦ୍ରୀୟ ବଜେଟରେ ପାରାଦୀପର ବିକାଶ ପାଇଁ ସ୍ୱତନ୍ତ୍ର ଉଲ୍ଲେଖ ଓ ଅନୁଦାନର ବ୍ୟବସ୍ଥା କରାଯାଇଛି। ପାରାଦୀପରେ ଇଣ୍ଡିଆନ ଅଏଲ, ଇଫକୋ ଓ ପିପିଏଲ ଭଳି ବୃହତ ଅନୁଷ୍ଠାନଗୁଡ଼ିକ ଆର୍ଥିକ ଅଭିବୃଦ୍ଧିର ମେରୁଦଣ୍ଡ ସାଜିଛନ୍ତି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ଶ୍ରୀ ଶାହଙ୍କ ଦୂରଦୃଷ୍ଟିସମ୍ପନ୍ନ ମନ୍ତ୍ର 'ସହକାର ସେ ସମୃଦ୍ଧି' ବିଷୟରେ ଉଲ୍ଲେଖ କରି ଶ୍ରୀ ପ୍ରଧାନ କହିଛନ୍ତି ଯେ ସମବାୟ କ୍ଷେତ୍ରରେ ଆସିଥିବା ଏହି ପରିବର୍ତ୍ତନ ଯୋଗୁଁ ଆଜି ଜଣେ ଗରିବ ଲୋକ ମଧ୍ୟ ➢ପୃଷ୍ଠା-୬

# ଦିଲ୍ଲୀପଙ୍କ ପାଇଁ ଟିପ୍ସ ଦେଲେ ଶାହ

- ବିଜେପି କାର୍ଯ୍ୟାଳୟରେ ସମୀକ୍ଷା
- ସରକାର ସହ ସମାନ୍ତରାଳ କାମ କରୁ ସଂଗଠନ



ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ): ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ଦିଲ୍ଲୀ ଫେରିବା ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଦଳର ସାଂସଦ, ବିଧାୟକ ଓ ବରିଷ୍ଠ କର୍ମକର୍ତ୍ତାଙ୍କୁ ରାଜ୍ୟସଭା ନିର୍ବାଚନ ଜିତିବାର ଟିପ୍ସ ଦେଇଛନ୍ତି। ଶ୍ରୀ ଶାହ ଦଳର ଦୁଇ ରାଜ୍ୟସଭା ପ୍ରାର୍ଥୀ ଓ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ସହ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଛନ୍ତି। କିଭଳି ଭାବେ ତିନି ଜଣଯାକ ପ୍ରାର୍ଥୀ ନିର୍ବାଚନ ଜିତିବେ, ସେନେଇ ଦଳର ପ୍ରସ୍ତୁତି ଉପରେ ସେ ପଚାରି ବୁଝିଥିଲେ। ସଂଖ୍ୟା ଦୃଷ୍ଟିରୁ ମନମୋହନ ସାମଲ ଓ ସୁଜିତ କୁମାର ଜିତିବାରେ କୌଣସି ସମସ୍ୟା ନାହିଁ। କିନ୍ତୁ ଦଳର ସମର୍ଥନରେ ସ୍ୱାଧୀନ ଭାବେ ଲଢୁଥିବା ଦିଲ୍ଲୀପ ରାୟ କେମିତି ➢ପୃଷ୍ଠା-୬


## SIKSHA 'O' ANUSANDHAN

# SAAT-2026

Empowering students for a brighter future

B.TECH PROGRAMMES IN EMERGING COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଭକ୍ତଙ୍କ ମେଣ୍ଟକୁ ନିରଞ୍ଜନଙ୍କ ତେରଛା ବାଣ

- ବିଜେଡି ଭାଙ୍ଗିଯିବ ବୋଲି କଲେ ପୂର୍ବାନୁମାନ
- ଘୋଡ଼ା ବେପାର ଓ ଟଙ୍କା କାରବାରର ସଙ୍କେତ



ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ): ବିଜେପିକୁ ବିରୋଧ ପାଇଁ ନବୀନଙ୍କ ସହ ହାତ ମିଳାଇଥିବା ଭକ୍ତଙ୍କୁ ଏବେ ନିଜ ଦଳ ଭିତରୁ ବିରୋଧ ହେବା ଆରମ୍ଭ କରିଛି। ରାଜ୍ୟସଭା ନିର୍ବାଚନରେ ଏଥର ବି କ୍ରସ ଭୋଟିଂ ହେବ ବୋଲି କହି ସତର୍କ କରାଇ ଦେଲେଣି ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ। ଖାଲି ସେତିକି ନୁହେଁ, ରାଜ୍ୟସଭା ନିର୍ବାଚନକୁ ନେଇ ବିଜେଡି ଦଳ ଭାଙ୍ଗିଯାଇପାରେ ବୋଲି କହି ନିରଞ୍ଜନ ଯେଉଁ ତେରଛା ବାଣ ମାରିଛନ୍ତି, ସେଥିରେ ଭକ୍ତ ଏକପ୍ରକାର ଘାଇଲା ହେଲେଣି।

ବିଜେଡି ସହ କଂଗ୍ରେସର ମେଣ୍ଟକୁ ଯଦିଓ ନିରଞ୍ଜନ ସିଧାସଳଖ ବିରୋଧ କରିନାହାନ୍ତି, ତଥାପି ବିଜେଡି ଶିବିରରେ ଘୋର ଅସନ୍ତୋଷ ରହିଛି ଓ ଦଳ ଭାଙ୍ଗିଯାଇପାରେ ବୋଲି ପୂର୍ବାନୁମାନ କରିଛନ୍ତି। ଏହାଛଡ଼ା ଅତୀତରେ ରାଜ୍ୟସଭା ନିର୍ବାଚନରେ ଘୋଡ଼ା ବେପାର ହେଉଥିଲା, ଏଥର ବି ହୋଇପାରେ ବୋଲି ସେ କହିଛନ୍ତି। ଟଙ୍କା ପ୍ରତି ଯେହେତୁ ସମସ୍ତଙ୍କର ଲୋଭ ରହିଛି, ତେଣୁ ଏଥର ନିର୍ବାଚନରେ କିଛି ବି ହୋଇଯାଇପାରେ ବୋଲି ନିରଞ୍ଜନଙ୍କ ଖୋଲା ମନ୍ତବ୍ୟ ଏବେ କଂଗ୍ରେସ-ବିଜେଡି ମେଣ୍ଟକୁ ଏକପ୍ରକାର ଅଡୁଆରେ ପକାଇଦେଇଛି।

ଉଲ୍ଲେଖନୀୟ ଯେ ଓଡିଶାର ୪ଟି ରାଜ୍ୟସଭା ଆସନ ପାଇଁ ହେଉଥିବା ନିର୍ବାଚନରେ ଏଥର ବିଜେଡି ସହ କଂଗ୍ରେସ ମେଣ୍ଟ କରିଛି। ପ୍ରଥମେ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ରାଜ୍ୟସଭା ନିର୍ବାଚନ ପାଇଁ ଆଲୋଚନା ସକାଶେ ନବୀନଙ୍କୁ ସମୟ ମାଗିଥିଲେ। ନବୀନ ସମୟ ନ ଦେବାରୁ ୫ଜଣିଆ ପ୍ରାର୍ଥୀ ତାଲିକା ଧରି ଭକ୍ତ ଦିଲ୍ଲୀ ଯାଇଥିଲେ। ସେ ଦିଲ୍ଲୀ ଯାଇଥିବା ସମୟରେ ତାଙ୍କରି ତାଲିକାରେ ଥିବା ଡାକ୍ତର ଦତ୍ତେଶ୍ୱରଙ୍କୁ ବିଜେଡି ପ୍ରାର୍ଥୀ ଘୋଷଣା କରିଥିଲା। ଏହାପରେ ଭକ୍ତ ➢ପୃଷ୍ଠା-୬

## କମନ୍ ପ୍ରାର୍ଥୀଙ୍କୁ କଟକୀ ଭୟ







ରାଜ୍ୟସଭା ଭୋଟ ଗ୍ରହଣ ଯେତିକି ପାଖେଇ ଆସୁଛି ନିର୍ବାଚନ ମଇଦାନରେ ଥିବା ଦୁଇ କମନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଓ ଦିଲ୍ଲୀପ ରାୟଙ୍କ ସମସ୍ୟା ବଢ଼ିବାରେ ଲାଗିଛି। କାହାରି ପାଖରେ ଆବଶ୍ୟକ ସଂଖ୍ୟକ ଭୋଟ ନ ଥିବା ବେଳେ କଟକ ଜିଲ୍ଲାର ୩ ବିଧାୟକ ଏବେ ଏହି ସମସ୍ୟାକୁ ବହୁଗୁଣିତ କରିଛନ୍ତି। ଏହି ତିନି ନେତାଙ୍କ ମଧ୍ୟରେ ରହିଛନ୍ତି ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ପୁଅ ବିଧାୟକ ସୌଭିକ ବିଶ୍ୱାଳ, ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ପୁଅ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଝିଅ ବିଧାୟିକା ସୋଫିଆ ଫିରଦୋସ। ସୌଭିକ ଓ ଦେବୀ ରଞ୍ଜନ ବିଜେଡି ବିଧାୟକ ଥିବା ବେଳେ ସୋଫିଆ କଂଗ୍ରେସ ବିଧାୟିକା ଅଛନ୍ତି। ଦେବୀରଞ୍ଜନଙ୍କ ପିତା ବହୁ ପୂର୍ବରୁ ବିଜେଡିରୁ ବିଦା ହୋଇଥିବା ବେଳେ ନଗଦ ଉପରେ ସୌଭିକଙ୍କ ପିତାଙ୍କୁ ବିଜେଡିରୁ ବିଦା କରିଛି। ସେହିଭଳି ସୋଫିଆଙ୍କ ପିତାଙ୍କୁ ମଧ୍ୟ ➢ପୃଷ୍ଠା-୬

## ଭାରତୀୟ ମଜଦୁର ସଂଘ ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡ଼ା,୬।୩(ସଂଚାର ବ୍ୟୁରୋ)** ଭାରତୀୟ ମଜଦୁର ସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖା ତରଫରୁ ୧୧ଦଫା ଦାବି ଜିଲ୍ଲାପାଳଙ୍କ ଜରିଆରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ, କେନ୍ଦ୍ର ଶ୍ରମମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ମଜଦୁର୍ ସଂଘର ରାଜ୍ୟ କର୍ମକର୍ତ୍ତା ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶ୍ରମିକ ମାନେ ଉପସ୍ଥିତ ଥିଲେ । ଶିଳ୍ପ ସମ୍ପର୍କ କୋର୍ଡ-୨୦୨୦ ଏବଂ ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟସ୍ଥିତି କୋର୍ଡ ୨୦୨୦ ରେ ଥିବା ଶ୍ରମିକ ବିରୋଧୀ ନିୟମକୁ ତୁରନ୍ତ ସଂଶୋଧନ କରିବା, ଶ୍ରମିକ ମାନଙ୍କ କଲ୍ୟାଣ ପାଇଁ ଶୀଘ୍ର ଭାରତୀୟ ଶ୍ରମ ସମ୍ମିଳନୀ ଡକାଯାଉ, କୁଶଳୀ ଶ୍ରମିକ ମାନଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯାଉ, ଇପିଏସ୍ ୯୫ରେ ଥିବା ପେନସନ୍ ହଜାର ଟଙ୍କାକୁ ୭ହଜାର ୫ଶହ ଟଙ୍କାକୁ ବୃଦ୍ଧି କରାଯାଉ । ଏହି ଦାବିପତ୍ର ପ୍ରଦାନ ସମୟରେ ଭାରତୀୟ ମଜଦୁର୍ ସଂଘ କେନ୍ଦ୍ରାପଡା ଜିଲ୍ଲା ସଭାପତି ସାଜନ୍ କୁମାର ମଲ୍ଲିକ, ସଂପାଦକ ପ୍ରଶାନ୍ତ କୁମାର ତ୍ରିପାଠୀ, ଅଲ୍ ଓଡିଶା ଅଙ୍ଗନୱାଡ଼ୀ ଲେଡିଜ୍ ୱାର୍କର୍ସ, ରାଜ୍ୟ ସମିତି ସଦସ୍ୟା ପୁଷ୍ପଲତା ରଥ, ଜିଲ୍ଲା ସଭାନେତ୍ରୀ ଶୈଳବାଳା ମିଶ୍ରଙ୍କ ସମେତ କାହ୍ନୁ ଚରଣ ବେହେରା, ଫକୀର ବେହେରା, ଗୁଣମଣି ଦାସ, ଦୈତାରୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ ଉଦ୍‌ଘାଟିତ




**କେନ୍ଦ୍ରାପଡ଼ା,୬।୩ (ସଂଚାର ବ୍ୟୁରୋ):** ପିଏମଶ୍ରୀ କେନ୍ଦ୍ରାପଡ଼ା ଉଚ୍ଚ ବିଦ୍ୟାଳୟ ପଡିଆରେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବ-୨୦୨୬କୁ ଜିଲ୍ଲାପାଳ ରଘୁରାମ ଆର. ଆୟର ଶୁଭ ଉଦଘାଟନ କରିଛନ୍ତି। ଜିଲ୍ଲାଶିକ୍ଷା ଅଧିକାରୀ ତଥା ସମଗ୍ର ଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ପବିତ୍ର ମୋହନ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଯୋଗ ଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ପସଖାସେତୁ ଭୁବନେଶ୍ୱରର ଅଶୋକ କୁମାର ସିଂହ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଦୀପ୍ତି ନାୟକ, ସ୍ୱାଗତିକା ସ୍ୱାଇଁ ଓ ଶୁଭସ୍ମିତା ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ।

ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବାରିକ ଜିଲ୍ଲାରେ ପ୍ରଥମ ଥର ଭାବେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ ୨୨ଟି ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ଅନୁମୋଦିତ ହୋଇଥିବା ୧୧ଟି ପିଏମଶ୍ରୀ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉକ୍ତ ଜିଲ୍ଲାସ୍ତରୀୟ ଉତ୍ସବରେ ଭାଗ ନେଇଛନ୍ତି ବୋଲି ସେ ନିଜର ଅଭିଭାଷଣରେ କହିଥିଲେ।

ଆକାଂକ୍ଷୀ ଛାତ୍ର ପରିଷଦ-ଟ୍ୟାଲେ ଗ୍ୟାଲେରୀର ସାହିତ୍ୟ ସୃଜନୀ, କୌଶଳୀ, କ୍ରୀଡାଙ୍ଗନ ଓ ଜିଜ୍ଞାସା ବିଭାଗରେ ଛାତ୍ରଛାତ୍ରୀମାନେ ନିଜନିଜ ଷ୍ଟଲମାନଙ୍କର ସୃଜନଶିଳତା, ଦକ୍ଷତା ବିକାଶ, ଖେଳ ମାଧ୍ୟମରେ ମାନବିକ ମୂଲ୍ୟବୋଧର ବିକାଶ, ବୈଜ୍ଞାନିକ ଚିନ୍ତାଧାରା, ଗବେଷଣାତ୍ମକ ମନୋବୃତ୍ତି, ବିକଶିତ ଓଡିଶା-୨୦୩୬ର ପରିକଳ୍ପନା, ଆଦର୍ଶ ଗ୍ରାମ, ସୌରଶକ୍ତିର ଉପଯୋଗ ଆଦି ବିଷୟ ଉପରେ ପ୍ରକଳ୍ପଗୁଡିକୁ ପ୍ରଦର୍ଶନ କରି ଅତିଥିମାନଙ୍କ ମନ ମୋହିଥିଲେ । ଦୋକାନ ଯାତ୍ରା ମାଧ୍ୟମରେ ପିଲାମାନେ ଅର୍ଥନୈତିକ ସ୍ୱାବଲମ୍ବୀ ହେବାର କୌଶଳ ପ୍ରଦର୍ଶନ କରି ସମାଜକୁ ବାର୍ତ୍ତା ରଖିଥିଲେ ଯେ ଅର୍ଥନୈତିକ ମାନଦଣ୍ଡକୁ ସୁଦୃଢ଼ କଲେ ବିକଶିତ ରାଜ୍ୟ ଗଠନ କରାଯାଇପାରିବ। ଏତଦ୍‌ବ୍ୟତୀତ ସମସ୍ତ ୨୨ ଗୋଟି ପିଏମଶ୍ରୀ ବିଦ୍ୟାଳୟ ପକ୍ଷରୁ ମଡେଲ ପାର୍ଲିଆମେ ପ୍ରଦର୍ଶନ କରାଯାଇଥିଲା । ପ୍ରକଳ୍ପଗୁଡିକରୁ ଶ୍ରେଷ୍ଠ ବିବେଚିତ ସ୍କୁଲମାନେ ରାଜ୍ୟସ୍ତରୀୟ ପିଏମଶ୍ରୀ ସମ୍ମିଳନୀରେ ଭାଗ ନେଇପାରିବେ।

ଛାତ୍ରଛାତ୍ରୀମାନେ ନିଜନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ସହ ପ୍ରଦାନ କରାଯାଉଥିବା ଗୁଣାତ୍ମକ ଶିକ୍ଷାକୁ ଆଧାର କରି ନିଜ ବିଦ୍ୟାଳୟର ସୁନାମ ରଖିବାକୁ ଜିଲ୍ଲାପାଳ ତାଙ୍କ ଅଭିଭାଷଣରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଆସନ୍ତାକାଲି ଉଦଯାପନୀ ଉତ୍ସବ ଅନୁଷ୍ଠିତ ହେବ ।

## ୨୮ରେ କେନ୍ଦ୍ରାପଡ଼ା ଜିଲ୍ଲା ଓକିଲ ସଂଘ ନିର୍ବାଚନ

**କେନ୍ଦ୍ରାପଡା,୬।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ଚଳିତମାସ ୨୮ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ରାଜ୍ୟ ବାର୍ କାଉନସିଲ୍ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ରାଜ୍ୟ ବାର୍ ସଂଘ ନିର୍ଦ୍ଦେଶକ୍ରମେ ପ୍ରଭାତ କୁମାର ପ୍ରଧାନଙ୍କୁ ଓକିଲସଂଘ ନିର୍ବାଚନକୁ ପରିଚାଳନା କରିବା ପାଇଁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ପ୍ରଧାନଙ୍କୁ ସହଯୋଗ କରିବା ପାଇଁ ଚାନ୍ଦମଣି ମହାନ୍ତି, ମନୋରଞ୍ଜନ ବାରିକ, ସେକ୍ ମହୁଆଲ୍ଲା ବସ୍, ରମେଶ ଚନ୍ଦ୍ର ମଲ୍ଲିକ, ରବିନ୍ଦ୍ର କୁମାର ପାତ୍ରଙ୍କୁ ସହଯୋଗ କରିବା ପାଇଁ ନିଯୁକ୍ତି ଦିଆଯାଇଛି । ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ଓକିଲସଂଘ ସଭାପତି ଗୋବର୍ଦ୍ଧନ ରାଉତ, ସମ୍ପାଦକ ନୃସିଂହ ଚରଣ ରାଉତ ଓ ସମସ୍ତ ଓକିଲ ସଂଘର ସଦସ୍ୟମାନେ ଜିଲ୍ଲା ଓକିଲସଂଘ ନିର୍ବାଚନ କରିବା ପାଇଁ ବାର୍‌କାଉନ୍ସିଲ୍‌କୁ ଅନୁରୋଧ କରିଥିଲେ ।

## ଅଖିଳ ଭାରତ କୃଷକ ସଭା ତରଫରୁ ୭ଦଫା ଦାବିପତ୍ର ପ୍ରଦାନ



**କେନ୍ଦ୍ରାପଡା,୬।୩ (ସଂଚାର ବ୍ୟୁରୋ):** ଅଖିଳ ଭାରତ କୃଷକ ସଭା ଏଆଇକେଏସ୍ କେନ୍ଦ୍ରାପଡା ଜିଲ୍ଲା କମିଟି ତରଫରୁ ଏକ ସାତଦଫା ଦାବିପତ୍ର କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ଜରିଆରେ ମାନ୍ୟବର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ସମସ୍ତ ମଣ୍ଡି ଗୁଡିକୁ ସୁବ୍ୟବସ୍ଥିତ କରାଯାଇ ସମସ୍ତ ଚାଷୀଙ୍କଠାରୁ ସମସ୍ତ ଧାନ କିଣାଯାଉ । ଟୋକନ୍ ପାଇନଥିବା ତାରିଖ ପଳାଇଥିବା ଭାଗଚାଷୀ ଧାନ କିଣାରୁ ମନା କରିବା ବନ୍ଦ ହେଉ । ଅଖାକୁ ଆଗରୁ ନ ଦେଇ ର୍ବମାନ ଦେବାଦ୍ୱାରା ଯେଉଁ କ୍ଷତି ଚାଷୀ ସହିଛି ତାକୁ ପୂରଣ କରାଯାଉ । ଚାଷୀଙ୍କୁ ଧାନ କ୍ୱିଲ୍ ୩୧୨୯ ଟଙ୍କା ପ୍ରଦାନ କରିବା ସଂଗେ ସଂଗେ ଚାଷୀ ଶୋଷଣ ବନ୍ଦ କରାଯାଉ, ରାଜନଗର ଚାଷୀ ତ୍ରିଲୋଚନ ନାଥଙ୍କୁ କ୍ଷତିପୂରଣ ସହିତ ଜଣଙ୍କୁ ନିଯୁକ୍ତି ଓ ବିଚାର ବିଭାଗୀୟ ତଦନ୍ତ ହେଉ । ଏହି ଦାବିପତ୍ର ପ୍ରଦାନ ସମୟରେ ରମଣୀରଂଜନ ରାଉତରାୟ, ଆଦିକନ୍ଦ ରାଉଳ, ସୁହାନା ବେଗମ୍, ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ନାୟକ, କେଦାରନାଥ ସାମନ୍ତରାୟ, ପ୍ରମୋଦ ରାଉତ, ପ୍ରତ୍ୟୁଷ ରଂଜନ ବେଉରା, ସୋମେନ୍ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## କାର୍ଯ୍ୟରେ ଯୋଗଦେଲେ ନୂତନ ଅଧ୍ୟକ୍ଷ



**ରାଜନଗର,୬।୩ (ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପ୍ରାଧ୍ୟାପକ ଅମୀୟ କୁମାର ଦାସ ଯୋଗ ଦେଇଛନ୍ତି` ଶ୍ରୀ ଦାସ ରେଭେନ୍ସା କଲେଜରୁ ସ୍ନାତକୋତର ଡିଗ୍ରୀ ହାସଲ ପରେ ୧୯୯୨ରୁ ୨୦୧୮ ଇଂରାଜୀ, ଅଧ୍ୟାପକ ଭାବେ, ମହାକାଳପଡ଼ା ବ୍ଲକର ବାୟାବାବା କଲେଜରେ କାର୍ଯ୍ୟ କରୁଥିଲେ | ଏହାପରେ ଇଂରାଜୀ ,ପ୍ରାଧ୍ୟାପକ ଭାବେ ପଟ୍ଟାମୁଣ୍ଡାଇ କଲେଜରେ ୨୦୧୮ରୁ କାର୍ଯ୍ୟ କରୁଥିଲେ | ଚଳିତ ମାସ ୨ ତାରିଖ ଦିନ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ରାଜନଗର ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଅଧକ୍ଷ ଭାବେ ନିର୍ଦ୍ଦେଶନାମା ବାହାରିଥିଲା| ଆଜି ଶ୍ରୀଦାସ ମହାବିଦ୍ୟାଳୟରେ ପହଞ୍ଚି ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି | ଅଧକ୍ଷ ଦାୟିତ୍ୱରେ ଥିବା ପ୍ରାଧ୍ୟାପକ ଡକ୍ଟର ମିତା ରାଉତଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି |

# ଶୃଙ୍ଖଳାର ସହ ଶେଷହେଲା ପ୍ରସିଦ୍ଧ ଓଳକଣା ମେଳନ

### ହରିହରଙ୍କ ମିଳନ ପର୍ବକୁ ଉପଭୋଗ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



**ଡେରାବିଶ, ୬।୩ (ସଂଚାର ବ୍ୟୁରୋ):** ପ୍ରସିଦ୍ଧ ଓଳକଣା ମେଳନ ସୋମବାର ରାତି ୨ଟାରେ ଶୃଙ୍ଖଳାର ସହ ଶେଷ ହୋଇଛି। କେନ୍ଦ୍ରାପଡ଼ା ଓ କଟକ ଜିଲ୍ଲାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଏହି ମେଳନ ମଙ୍ଗଳବାର ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ଗ୍ରହଣ ପାଇଁ ସୋମବାର ଚତୁର୍ଦ୍ଦଶି ତିଥିର ରାତି ୯ଟାରେ ଆରମ୍ଭ ହୋଇଥିଲା। ଏହି ମେଳନର ପରମ୍ପରା ଅନୁଯାୟୀ ଆଳି ରାଜାଙ୍କ ଦୁଇଟି ବିମାନ ଡେରାବିଶ ବ୍ଲକ ଅଧୀନସ୍ଥ ରାଜନଗରରୁ ପଞ୍ଚମୁଖି ବିମାନରେ ଶ୍ରୀ ରାଧାକୃଷ୍ଣ ଓ ଦୁମୁକାହାଟ ସ୍ଥିତ ପ୍ରଭୁ ଶ୍ରୀ ଦଧିବାମନଜୀଉଙ୍କ ମନ୍ଦିରରୁ ଆସୁଥିବା ମା' ଲକ୍ଷ୍ମୀ ଅନ୍ୟ ଏକ ବିମାନରେ ଆସି ପଡ଼ିଆ ମଧ୍ୟରେ ପୂର୍ବରୁ ନିର୍ମିତ ହୋଇଥିବା ମାଟିର ତିଆରି କନକ ବେଦିରେ ଉପବେଶନ କରିବା ପରେ ଅନ୍ୟ ତିନିଦ୍ୱାର ଦେଇ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲା ଅନ୍ତର୍ଗତ ବିଭିନ୍ନ ଗ୍ରାମରୁ ୧୦୦ରୁ ଊର୍ଦ୍ଧ୍ୱ ବିମାନ ପ୍ରବେଶ କରିଥିଲେ।

ଏହି ମେଳନର ମୁଖ୍ୟ ଆକର୍ଷଣ ଥିଲା ମାହାଙ୍ଗା ବ୍ଲକ ଅଧୀନ ଶ୍ରୀ ଭଦ୍ରେଶ୍ୱରଙ୍କ ମନ୍ଦିରରୁ ଆସୁଥିବା ହରରୂପୀ ଶିବଶକ୍ତି। ଜନଶୃତି ଅନୁସାରେ ଭକ୍ତ ବିଦୂରଙ୍କ ଶାଗଭାତ ନୈବିଦ୍ୟରେ ତୁଷ୍ଟ ହୋଇ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ବରପ୍ରାପ୍ତି ହୋଇଥିବା ଚତୁର୍ଦ୍ଦଶୀ ତିଥିର ବ୍ରାହ୍ମ ମୁହୁର୍ତ୍ତରେ ହରିହରଙ୍କ ମିଳନ ପର୍ବର ପ୍ରତୀକ ସ୍ୱରୂପ ଏହି ମେଳନରେ ସମସ୍ତ ବିମାନରେ ଶ୍ରୀ ରାଧାକୃଷ୍ଣ ଆସୁଥିବା ବେଳେ ଭଦ୍ରେଶ୍ୱରଙ୍କ ପୀଠରୁ ହରରୂପୀ ଶିବଶକ୍ତିର ପ୍ରତୀକ ଚୁଳମାଳ ଏକ ସ୍ୱତନ୍ତ୍ର ବିମାନରେ ସୋମବାର ରାତି ୧୨ଟାରେ ପହଞ୍ଚିଥିଲେ। ପରମ୍ପରା ଅନୁଯାୟୀ ୧୦୮ ଘଣ୍ଟ ପଟୁଆର ମଧ୍ୟରେ ଏକ ଆଳତି ଭଦ୍ରେଶ୍ୱରଙ୍କ ବିମାନ ନିକଟରୁ ଭକ୍ତ ବିଦୂରଙ୍କ ମନ୍ଦିରକୁ ଯିବା ପରେ ମେଳନ ଶେଷ ହୋଇଥିଲା। ଚଳିତ ବର୍ଷ ଏହି ମେଳନଟି ରାତିରେ ଅନୁଷ୍ଠିତ ହେଉଥିବାରୁ ମେଳନ ପଡ଼ିଆରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ଅନ୍ୟ ମେଳନରେ ଭୋଗ ଓ ବିଦାକୀ ପରମ୍ପରା ଥିବା ବେଳେ ଏହି ମେଳନରେ ସମସ୍ତ ବିମାନ ସମ୍ମୁଖିରେ ପଡ଼ିଥିବା ଚାଦରରେ ମାନସିକ ଧାରୀ ଶ୍ରଦ୍ଧାଳୁଙ୍କ ବିଭିନ୍ନ ପ୍ରକାର ମ୍ରିନ୍ନ ଓ ଉଖୁଡ଼ା ଭୋଗ ମେଳନର ଏକ ନିଆରା ପରମ୍ପରା।

ତେବେ ଚଳିତ ବର୍ଷ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ଼, ସାଲେପୁର ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି, ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ଓ ଭଦ୍ରେଶ୍ୱର ଥାନା ଅଧିକାରୀ ସନ୍ଧ୍ୟାରାଣୀ ସିଂଙ୍କ ନେତୃତ୍ୱରେ ୧୪ ଜଣ ଅଧିକାରୀ ଓ ୪ ପ୍ଲାଟୁନ୍ ପୋଲିସ୍ ଫୋର୍ସ ମୁତୟନ କରାଯାଇଥିଲା।

## ସ୍ପଷ୍ଟ ଦିବାଲୋକରେ ଦୋକାନରୁ ଲୁଟ୍ ଲୁଟେରାଙ୍କ ପତ୍ତା ପାଉନି ପୁଲିସ



**ନିଶ୍ଚିନ୍ତକୋଇଲି, ୬।୩ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ବଡକ୍ଷୀର ପଞ୍ଚାୟତ ଗୋପପୁର ନିକଟ କଟକ-ଚାନ୍ଦବାଲି ରାସ୍ତାର ପଣସପଡ଼ିଆଠାରେ ଥିବା ଏକ ସିମେଣ୍ଟ ଦୋକାନରୁ ଦୁର୍ବୃତ୍ତମାନେ ପସି ସ୍ପଷ୍ଟ ଦିବାଲୋକରେ ଲୁଟ୍ କରିଛନ୍ତି। ଘଟଣାରୁ ପ୍ରକାଶ ଶୁକ୍ରବାର ପୂର୍ବାହ୍ନରେ ଏହିଠାରେ ଥିବା ପାଟେଶ୍ୱରୀ ଟ୍ରେଡର୍ସ ନାମକ ଏକ ଦୋକାନରେ ପଶି ଦୋକାନୀ ଅଜୟ କୁମାର ସ୍ୱାଇଁଙ୍କଠାରୁ ନଗଦ ୩୬ ହଜାର ଟଙ୍କା ଓ ତାଙ୍କ ବେକରେ ଥିବା ଏକ ସୁନା ଚେନ୍‌କୁ ଲୁଟେରା ମାନେ ଲୁଟି ନେଇଛନ୍ତି। ଦୁର୍ବୃତ୍ତମାନେ ଏକ ବୋଲେରରେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟ୍ କରୁଥିବା ବେଳେ ଦୋକାନୀ ଶ୍ରୀ ସ୍ୱାଇଁ ଏହାର ପ୍ରତିବାଦ କରିବାରୁ ଲୁଟେରାମାନେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ପାଟି ତୁଣ୍ଡ ଶୁଣି ସ୍ଥାନୀୟ ଲୋକେ ଆସି ପହଞ୍ଚିବା କ୍ଷଣି ଲୁଟେରାମାନେ ସେଠାରୁ ଚମ୍ପଟ୍ ମାରିଥିଲେ। ବ୍ୟବସାୟୀ ଶ୍ରୀ ସ୍ୱାଇଁଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ କଟକ ବଡ ମେଡିକାଲ ଚିକିତ୍ସା ପାଇଁ ପଠାଯାଇଛି। ସମ୍ପୃକ୍ତ ବ୍ୟବସାୟୀଙ୍କ ଘର ସରପଡ଼ା ପଞ୍ଚାୟତ ବୋଧଙ୍ଗ ଗ୍ରାମରେ ବୋଲି ଜଣାପଡ଼ିଛି। ବ୍ୟବସାୟୀଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନଥିଲା ବେଳେ ପୋଲିସ ପକ୍ଷରୁ ତଦନ୍ତ ଜାରୀ ରହିଛି ବୋଲି ଥାନା ସୂତ୍ରରୁ ପ୍ରକାଶ।

## ବ୍ଲକସ୍ତରୀୟ ଏଚପିଭି ଟୀକାକରଣର ଶୁଭାରମ୍ଭ



**ମାର୍ଶାଘାଇ, ୬।୩ (ସଂଚାର ବ୍ୟୁରୋ):** ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୁକ୍ରବାର ବ୍ଲକସ୍ତରୀୟ ଏଚପିଭି ଟୀକାକରଣର ଶୁଭାରମ୍ଭ କରାଯାଇଛି । ମାର୍ଶାଘାଇ ପଞ୍ଚାୟତ ସମିତି ଚେୟାରମ୍ୟାନ ମଧୁସ୍ମିତା ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ । ଜିଲ୍ଲାପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡାକ୍ତର ରିତେଶ ସାହୁ, ସିଡିପିଓ ଶୈଳବାଳା ଚାଷୀ,ଏବିଡ଼ିଓ ଇତିଶ୍ରୀ ପଣ୍ଡା, ନାନକର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ସୌରଭ ମହାପାତ୍ର, ବିପିଏମ ହିମାଦ୍ରୀ କେଶରୀ ମହାରଥୀ, ବାମ ଅମରନାଥ ଦାସ, ବିଡ଼ିଏମ ନିରୁପମା ସ୍ୱାଇଁ ପ୍ରମୁଖ ଟୀକାକାରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ମେଡିକାଲ ସୁପର ଭାଇଜର ପ୍ରବୀଣ ସେନାପତି, ମେଲ ହେଲଥ ୱାର୍କର ରଶ୍ମିରଂଜନ ଲେଙ୍କା, ଫିମେଲ ହେଲଥ ୱାର୍କର କାଜମିନୀ ଦାସ, ଏଏନଏମ ସୁଜାତା ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଶିବିରରେ କୋଡିଏ ଜଣ କିଶୋରୀଙ୍କୁ ଟୀକାକରଣ କରାଯାଇଥିଲା ।

## ପ୍ରାଥମିକ ଶିକ୍ଷକ ସଙ୍ଘର ବାର୍ଷିକ ଉତ୍ସବ



**ମାର୍ଶାଘାଇ,୬।୩ (ସଂଚାର ବ୍ୟୁରୋ)** ମାର୍ଶାଘାଇ ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘ (ଏନପିଏସ)ର ବାର୍ଷିକ ଉତ୍ସବ ଏବଂ ଅବସରପ୍ରାପ୍ତ ଶିକ୍ଷକଙ୍କ ସମ୍ବର୍ଦ୍ଧନା ସଭା ଗୋଜବାୟାଣୀ ପୀଠ ପରିସରରେ ସଙ୍ଘର ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଓପେପାର ଉପ ନିର୍ଦ୍ଦେଶକ ତନ୍ମୟ କୁମାର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାର୍ଶାଘାଇ ବ୍ଲକର ଶିକ୍ଷକମାନଙ୍କ ଏକତା ଏବଂ ଭାଇଚାରାର ନିଦର୍ଶନ ସ୍ୱରୂପ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

ସମ୍ମାନିତ ଅତିଥି ଭାବେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ସୁଶାନ୍ତ କୁମାର ବେଉରା, ପ୍ରାକ୍ତନ ବିଆରସିସି ଦିଲ୍ଲୀପ ମଲ୍ଲ,ବଳଦେବ ପ୍ରସାଦ ଜେନା,ଭ୍ରମରବର ବିଶ୍ୱାଳ, ମହାକାଳପଡ଼ା ବ୍ଲକ ନୋଡାଲ ପ୍ରଧାନଶିକ୍ଷକ ରଘୁନାଥ ଦାସ, ଅମରେନ୍ଦ୍ର ଲେଙ୍କା,ଅମରେଶ ମହାରାଜ,ଭଞ୍ଜକିଶୋର ସ୍ୱାଇଁ, ଶିକ୍ଷକନେତା ଅନନ୍ତ ଚରଣ ପରିଡା,ଶିଶିର କୁମାର ଦାସ,ଅଶ୍ୱିନୀ ରାଉତ,ଅମୀୟ ଚୌଧୁରୀ, ମନୋଜ ନନ୍ଦ,ରମେଶ ସାହୁ,ଭକ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଯୋଗଦେଇ ସଙ୍ଘର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଶିକ୍ଷକ ସଙ୍ଘ ସମ୍ପାଦକ ନିରଞ୍ଜନ ରାଉତ ବାର୍ଷିକ ବିବରଣୀ ପାଠ କରିବା ସହିତ ସଙ୍ଘର ଭବିଷ୍ୟତ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ଲକ୍ଷ୍ମୀଧର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ ଏବଂ କେଦାର କୁମାର ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ । ଶିକ୍ଷକ ପ୍ରଭାତ କୁମାର ପ୍ରଧାନ, ଜଗବନ୍ଧୁ ମାଝୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଅବସର ଗ୍ରହଣ କରିଥିବା ଶିକ୍ଷକ ସୁଶାନ୍ତ ପରିଡା,ମିନା ଜେନା, କ୍ଷୀରୋଦ ମନ୍ତ୍ରୀ, ରଘୁନାଥ ବାରିକଙ୍କୁ ସଙ୍ଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ସିଆରସିସି ଏବଂ ସଙ୍ଘର ସଦସ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ



**କେନ୍ଦ୍ରାପଡ଼ା,୬।୩(ସଂଚାର ବ୍ୟୁରୋ):** ତୁଳସୀ ମହିଳା ମହାବିଦ୍ୟାଳୟରେ ଆଜି ବରିଷ୍ଠ ପ୍ରଫେସର ଡ. ବାସନ୍ତୀ ଶୁକ୍ଳା ନୂତନ ଅଧ୍ୟକ୍ଷା ଭାବେ ଯୋଗଦେଇଛନ୍ତି । ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଇଂରାଜୀ ବିଭାଗ ଅଧ୍ୟାପକ ତପନ କୁମାର ଦାସଙ୍କ ଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ନୂତନ ଅଧ୍ୟକ୍ଷା ଡ. ଶୁକ୍ଳାଙ୍କୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଏହି ଅବସରରେ ଡ. ଶୁକ୍ଳା କହିଲେ ଶିକ୍ଷାନୁଷ୍ଠାନକୁ ସର୍ବୋଚ୍ଚ ସ୍ତରରେ ପହାଇବା ପାଇଁ ହେଲେ ଉନ୍ନତମାନର ପାଠପଢ଼ା ସହ ସୁଶାସନ, ସ୍ୱଚ୍ଛତା ଓ ମହିଳାଶସକ୍ତିକରଣ ଉପରେ ଗୁରୁତ୍ୱ ଦେବାକୁ ପଡିବ । ଏଥିସହିତ ଡ. ଶୁକ୍ଳା ଛାତ୍ରୀମାନଙ୍କ ଶିକ୍ଷାଦାନ ଓ ବୌଦ୍ଧିକ ଅଭିବୃଦ୍ଧି କ୍ଷେତ୍ରରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ମହାବିଦ୍ୟାଳୟର ଉନ୍ନତି କ୍ଷେତ୍ରରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ପରେ କଲେଜ ପରିଚାଳନା ପରିଷଦ ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସେ ସାକ୍ଷାତ କରିଥିଲେ । ପ୍ରଫେସର ଡ. ଶୁକ୍ଳା କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଣୀବିଜ୍ଞାନ ବିଭାଗର ବରିଷ୍ଠ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ । ସେ ଏଠାରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦରେ ରହି ଅତ୍ୟନ୍ତ ନିଷ୍ଠାର ସହ ତାଙ୍କ ଦାୟିତ୍ୱ ନିର୍ବାହ କରିଥିଲେ ।

# ଫିଟ୍ ଅଫ ଫାୟାର ଡାନ୍ସ ଏକାଡେମୀର ନୂତନ ନୃତ୍ୟ ଷ୍ଟୁଡିଓ ଉଦ୍‌ଘାଟିତ



**ପଟ୍ଟାମୁଣ୍ଡାଇ,୬।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଅଗ୍ରଣୀ ନୃତ୍ୟାନୁଷ୍ଠାନ ଫିଟ୍ ଅଫ ଫାୟାର ଡାନ୍ସ ଏକାଡେମୀର ନୂତନ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ନୃତ୍ୟ ଷ୍ଟୁଡିଓ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଫିତା କାଟି ଶୁଭ ଉଦଘାଟନ କରିଥିଲେ।

ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଭୁ ଶ୍ରୀଗଣେଶଙ୍କ ବନ୍ଦନା ପୂଜାର୍ଚ୍ଚନା ଓ ଭବ୍ୟ ଆଳତୀ ପରିବେଶକୁ ଭକ୍ତିମୟ କରିଥିଲା। ଏକାଡେମୀର ସଂପାଦକ ପ୍ରଦ୍ୟୁମ୍ନ କୁମାର ଗିରି ଓ ସଭାପତି କୁଞ୍ଜବିହାରୀ ତ୍ରିପାଠୀ ଅତିଥିମାନଙ୍କୁ ଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ। ନୃତ୍ୟଗୁରୁ ଶ୍ରୀ ପ୍ରଶାନ୍ତ ପାତ୍ରଙ୍କ ଅଧ୍ୟକ୍ଷତା ଓ ନିର୍ଦ୍ଦେଶନାରେ ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉପସ୍ଥିତ ଅତିଥି ଓ ଅଭିଭାବକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲା । ମୁଖ୍ୟଅତିଥି ଆଇଆଇସି ଶ୍ରୀମତୀ ପାତ୍ର ଏକାଡେମୀର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ ।

ଫିଟ ଅଫ ଫାୟାର ଡ୍ୟାନ୍ସ ଏକାଡେମୀର ନୂତନ ଅତ୍ୟାଧୁନିକ ଷ୍ଟୁଡିଓ ମାଧ୍ୟମରେ ସ୍ଥାନୀୟ ଅଞ୍ଚଳର ପ୍ରତିଭାବାନ ପିଲାମାନେ ଉନ୍ନତ ଜ୍ଞାନ କୌଶଳ ଓ ପରିବେଶରେ ନୃତ୍ୟ ଶିକ୍ଷା ଗ୍ରହଣ କରି ରାଜ୍ୟ ଓ ଜାତୀୟ ସ୍ତରରେ ନିଜ ପ୍ରତିଭା ପ୍ରଦର୍ଶନ କରିପାରିବେ ବୋଲି ଅଂଚଳବାସୀ ଆଶା ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ପିଏମଶ୍ରୀ ଉତ୍ସବରେ କୋରୋ ପଞ୍ଚାୟତ ହାଇସ୍କୁଲ




**କେନ୍ଦ୍ରାପଡ଼ା,୬।୩(ସଂଚାର ବ୍ୟୁରୋ):** ଜିଲ୍ଲା ଶିକ୍ଷାବିଭାଗ ଦ୍ୱାରା ପ୍ରାୟୋଜିତ ଜିଲ୍ଲା ସ୍ତରୀୟ ପିଏମଶ୍ରୀ ଉତ୍ସବରେ କୋରୋ ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ଅଂଶଗ୍ରହଣ କରିଛି । ବିଦ୍ୟାଳୟର ଅଠେଇଶ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ମଡେଲ ଏହି ଉତ୍ସବରେ ପ୍ରଦର୍ଶିତ ହୋଇଛି। ଆକାଂକ୍ଷୀ ଛାତ୍ର ପରିଷଦର ଛାତ୍ରଛାତ୍ରୀ ସାହିତ୍ୟ ସୃଜନୀ, ଜିଜ୍ଞାସା, କୌଶଳୀ ଓ କ୍ରୀଡାଙ୍ଗନାରେ ବିଭିନ୍ନ ସୃଜନାତ୍ମକ ପ୍ରକଳ୍ପ ଏଥିରେ ପ୍ରଦର୍ଶିତ କରିଥିଲେ। ଏଥିସହିତ ଆକାଂକ୍ଷୀ ମେଳା ଓଡିଶା ୨୦୩୬ର ଏକ ନୂଆ ଓଡିଶା ପ୍ରକଳ୍ପ ଛାତ୍ରଛାତ୍ରୀମାନେ ପ୍ରସ୍ତୁତ କରି ପ୍ରଦର୍ଶିତ କରିଥିଲେ । ସେହିପରି ବିଜନେସ ସମିଟ୍‌ରେ ପିଲାମାନେ ନୂଆ ବାଣିଜ୍ୟ କାରବାର ଉପରେ ପ୍ରକଳ୍ପ ପ୍ରଦର୍ଶିତ କରି ଦର୍ଶକ ମାନଙ୍କର ପ୍ରସଂଶା ସାଉଁଟିଛନ୍ତି । ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ଜିଲ୍ଲାସ୍ତରୀୟ ସ୍ୱାଗତ ସଂଗୀତ ମଧ୍ୟ ପରିବେଷଣ କରାଯାଇଥିଲା।

## ଜବରଦଖଲରେ ମହାରାଜା ପ୍ରତାପ ଚନ୍ଦ୍ର ସରକାରୀ ହାଇସ୍କୁଲର ଖେଳପଡ଼ିଆ ସାମନା ଫାଟକ

**ବେତନଟୀ,୬।୩ (ସଂଚାର ବ୍ୟୁରୋ):** ବେତନଟୀ ସହରାଞ୍ଚଳରେ ଥିବା ଏକମାତ୍ର ସରକାରୀ ହାଇସ୍କୁଲ ଯାହା ମହାରାଜା ପ୍ରତାପ ଚନ୍ଦ୍ର ମୟୂରଭଞ୍ଜର ମହାରାଜାଙ୍କ ନାମରେ ରହିଛି । ଏହି ଖେଳ ପଡିଆର ପ୍ରବେଶ ପଥ ସାମନାରେ ଜବରଦଖଲକାରୀ ନିର୍ମାଣ କାର୍ଯ୍ୟ ନିମନ୍ତେ ଫାଉଣ୍ଡେସନ ପାଇଁ ଖୋଳିଥିବାର ଦେଖାଯାଇଛି। ଏହା ଫଳରେ ପ୍ରବେଶପଥ ସଙ୍କୁଚିତ ହେବା ସହିତ ଖୋଲା ରହିଆସିଥିବା ଖେଳ ପଡିଆଟିର ସୀମା ସରହଦ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଥିବା ସହରବାସୀଙ୍କ ପକ୍ଷରୁ କୁହାଯିବା ସହିତ ବେତନଟୀ ତହସିଲଦାରଙ୍କ ପକ୍ଷରୁ ତୁରନ୍ତ ସରଜମିନ ତଦନ୍ତ କରାଯିବାକୁ ଦାବି କରାଯାଇଛି। କାରଣ ସହରାଞ୍ଚଳ ଏନଏସି ମାନ୍ୟତା ପାଇସାରିଥିବା ବେଳେ ନିର୍ବାଚନ ଶେଷ ହୋଇ ପ୍ରଶାସନିକ ନିୟନ୍ତ୍ରଣ ଅଧିନକୁ ସହର ଯିବା ପୂର୍ବରୁ ଖେଳପଡିଆ ସାମନା ଅଂଶକୁ ବେଆଇନ ଦଖଲ କରିବାକୁ କୌଣସି ବ୍ୟକ୍ତି ବା ଅନୁଷ୍ଠାନ ଯିବା ପୂର୍ବରୁ କୌଣସି ସୂଚନା ଫଳକ ଲଗାଯାଇ ନଥିବାରୁ ଏହା ଯେ ବେଆଇନ ଜବର ଦଖଲ ସ୍ପଷ୍ଟ ଜଣାଯାଇଛି। ଏଣୁ ଏହି ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଲୁମିନି କମିଟି ତଥା ସ୍କୁଲ ଏସଏମସି କମିଟି ପକ୍ଷରୁ ଦୃଷ୍ଟି ଦିଆନଗଲେ ସହରରେ ଅନେକ ଜବର ଦଖଲଥିବାବେଳେ ଏହି ସରକାରୀ ଜାଗା ମଧ୍ୟ ହଡପ କରିନେବା ପାଇଁ ସୁଯୋଗ ମିଳବ ବୋଲି କୁହାଯାଇଛି। ଏଠାରେ ପ୍ରକାଶ ଥାଉକି ବେତନଟୀ ସହର ବାସୀଙ୍କ ପକ୍ଷରୁ ଏହି ସରକାରୀ ପଡିଆରେ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ଜାତୀୟ ଦିବସ ପାଳନ କରାଯିବା ସହିତ ବିଭିନ୍ନ ପ୍ରକାରର ସରକାରୀ ଉତ୍ସବାନୁଷ୍ଠାନ ସରକାରୀ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥାଏ। ଏଣୁ ବେତନଟୀ ତହସିଲଦାରଙ୍କ ପକ୍ଷରୁ ଜବରଦଖଲ କାରୀଙ୍କୁ ଚିହ୍ନଟ କରାଯିବା ସହିତ ଏଠାରେ ଯେ କୌଣସି ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯିବାକୁ ସହରବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

# ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ




**ବାରିପଦା,୬।୩ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ପକ୍ଷରୁ ସ୍ଥାନୀୟ ଛଉ ପଡ଼ିଆ ଠାରେ ଆଜିଠାରୁ ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା ର ଶୁଭାରମ୍ଭ ହୋଇଅଛି। ଦୀର୍ଘ ପାଞ୍ଚ ଦିନ ଧରି ଆତ୍ୟାଧୁନିକ କୃଷି ଜନ୍ତ୍ରପାତି ପ୍ରଦର୍ଶନ ସହିତ ଓ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବାକୁ ସରକାରଙ୍କ ପ୍ରୋତ୍ସାହନ ପ୍ରତିଫଳିତ ହେଉଛି। ଉଦଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ନବ ଚରଣ ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଚାଷୀମାନେ ଅବଗତ ହୋଇ ଲାଭାନ୍ୱିତ ହେବେ ବୋଲି ଆଶାବ୍ୟକ୍ତ କରିଛନ୍ତି ବୋଲି ନିଜ ବ୍ୟକ୍ତବ୍ୟରେ କହିଛନ୍ତି ।

ମୁଖ୍ୟବକ୍ତା ଭାବେ ବିଧାୟକ ରାଇରଙ୍ଗପୁର ଜଲେନ୍ ନାଏକ ଯୋଗଦେଇ ବୈଷୟିକ ଜ୍ଞାନ ଓ ଜୈବିକ ସାର ବ୍ୟବହାର କରି ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ସରକାର ପ୍ରତିବଦ୍ଧ ଥିବା କହିଛନ୍ତି। ସେହିପରି ସମ୍ମାନିତ ଅତିଥି ଭାବେ ବିଧାୟକ ବଡସାହି ସନାତନ ବିଜୁଳି, ବିଧାୟିକା ବାଙ୍ଗିରିପୋଷି ସଞ୍ଜଳୀ ମୁର୍ମୁ, ଅତିରିକ୍ତ ଜିଲ୍ଲାପାଳ ଦୁଖିବନ୍ଧୁ ନାୟକ , ଜିଲ୍ଲା ମୁଖ୍ୟ ଉଦ୍ୟାନ କୃଷି ଅଧିକାରୀ,ଲୋକନାଥ ମିଶ୍ର , ପ୍ରମୁଖ ଯୋଗଦେଇ ଅତ୍ୟାଧୁନିକ କୃଷି ଜନ୍ତ୍ରପାତି ପାଇଁ ସରକାରଙ୍କ ସବସିଡ଼ି ବ୍ୟବସ୍ଥା ସମ୍ପର୍କରେ ଅବଗତ କରିବା ସହିତ ଉନ୍ନତ ଚାଷ ପାଇଁ ଚାଷୀଙ୍କୁ ସର୍ବଦା ସହାୟତା କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହାସହ ମିଶ୍ରିତ ଫସଲ ଚାଷ, ଅର୍ଥକାରୀ ଫସଲ ପାଇଁ ଉନ୍ନତ ଯନ୍ତ୍ରପାତିର ସଠିକ ଉପଯୋଗ ଓ ପରିଚଳନା, ଉନ୍ନତ ମାନର ଯାନ୍ତ୍ରିକ ସୁବିଧା ଓ ସୁଯୋଗ ନେବା ପାଇଁ ଚାଷୀଙ୍କୁ ମଧ୍ୟ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏହି ମେଳା ଦ୍ୱାରା ଚାଷୀମାନେ ବହୁତ ଜ୍ଞାନ ଅର୍ଜନ କରିଥିବା କହିବା ସହିତ କୃଷିର ବିକାଶ ପାଇଁ ଏଭଳି ମେଳା ହେବା ଏବଂ ଏହା ମାଧ୍ୟମରେ କୃଷକଙ୍କୁ ସଚେତନ କରାଯିବା ଆବଶ୍ୟକ ବୋଲି ଚାଷୀମାନେ ମତବ୍ୟକ୍ତ କରିଛନ୍ତି।

**ଆଧୁନିକ କୃଷି ଯନ୍ତ୍ରପାତି ସମ୍ପର୍କରେ ଜାଣିବେ ଚାଷୀ**

**ରିହାତି ଦରରେ କିଣି ଲାଭାନ୍ୱିତ ହୋଇ ପାରିବେ**

ସୂଚନାଯୋଗ୍ୟ, ଏହି କୃଷି ଯନ୍ତ୍ରପାତି ମେଳାରେ ୧୧୪ ଟି ଷ୍ଟଲ ଖୋଲାଯାଇ ବିଭିନ୍ନ ଆଧୁନିକ କୃଷି ଯନ୍ତ୍ରପାତି ପ୍ରଦର୍ଶନ କରାଯାଉଛି। ସରକାରଙ୍କ ରିହାତି ଦରରେ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଯନ୍ତ୍ରପାତି ମଧ୍ୟ ପ୍ରଦାନ କରାଯିବ। ବର୍ତ୍ତମାନ ସମୟ ଓ ଶ୍ରମିକ ଅଭାବକୁ ଏଡାଇବାକୁ ଏବଂ କୃଷକକୁ ଅଧିକ ସଫଳ କରାଇବା ସରକାରଙ୍କ ଏହା ଏକ ବଡ ପ୍ରୟାସ ।

# ନିର୍ମାଣ ନିଗମ କାର୍ଯ୍ୟର ସମୀକ୍ଷା କଲେ ସଚିବ



ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଆଜି ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ଏକ ସମୀକ୍ଷା ବୈଠକ ଭୁବନେଶ୍ୱରସ୍ଥିତ ଓସିସିଏଲ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନିଗମ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ସାମ୍ପ୍ରତିକ ସ୍ଥିତି ଓ ଭବିଷ୍ୟତର ରୋଡମ୍ୟାପ୍ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହି ସମୀକ୍ଷା ବୈଠକରେ ଓସିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ. ବିଘ୍ନରାଜ ପୁରୋହିତଙ୍କ ସମେତ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବିଭିନ୍ନ ପ୍ରକଳ୍ପସ୍ଥଳର ମୁଖ୍ୟମାନେ ଆଭାସୀ ମାଧ୍ୟମରେ ଯୋଗଦେଇ କ୍ଷେତ୍ରସ୍ତରୀୟ ରିପୋର୍ଟ ଓ ତଥ୍ୟ ଉପସ୍ଥାପନ କରିଥିଲେ।

ବୈଠକରେ ଓଡ଼ିଶା ନିର୍ମାଣ ନିଗମ ଲିମିଟେଡର ପ୍ରଶାସନିକ କାର୍ଯ୍ୟଧାରାକୁ ଅଧିକ ସୁଦୃଢ଼ କରିବା ପାଇଁ ଆଉଟସୋର୍ସିଂ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାର ନିୟମିତ ମୂଲ୍ୟାୟନ ଉପରେ ଗୁରୁତ୍ୱାରୋପ କରାଯାଇଛି। ପ୍ରକଳ୍ପଗୁଡ଼ିକର ସମୟାନୁବର୍ତ୍ତୀ ସମାପ୍ତି ପାଇଁ ଅଧିକାରୀମାନଙ୍କୁ ସଘନ କ୍ଷେତ୍ର ପରିଦର୍ଶନ କରିବାକୁ ଓ କାର୍ଯ୍ୟର ଅଗ୍ରଗତି ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାପ୍ତ ହୋଇଥିବା ଓ ଚାଲୁ ରହିଥିବା ପ୍ରକଳ୍ପର ବଜେଟ ଅନୁଦାନ ଏବଂ ବ୍ୟୟ ଅଟକଳର ବ୍ୟାପକ ସମୀକ୍ଷା କରାଯାଇଥିଲା। ରାଜ୍ୟର ବିଭିନ୍ନ ନଦୀରେ ନିର୍ମାଣାଧୀନ 'ଇନଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର୍'ଗୁଡ଼ିକର ଅଗ୍ରଗତିର ମୂଲ୍ୟାୟନ କରାଯାଇଥିଲା। ମୌସୁମୀ ପୂର୍ବରୁ କାନପୁର ଓ ସୁକତେଲ ପ୍ରକଳ୍ପର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜଳ ସଂରକ୍ଷଣ ନିଶ୍ଚିତ କରିବା ପାଇଁ କଠୋର ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ବିଭାଗ ଅଧୀନରେ ଥିବା ପ୍ରକଳ୍ପଗୁଡ଼ିକର ବନ୍ଧରେ ଗେଟ୍ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବାକୁ ଗୁରୁତ୍ୱାରୋପ କରାଯାଇଛି।

# ସଂତୃପ୍ତ ମିଶ୍ର ସବୁଠୁ ଧନୀ ପ୍ରାର୍ଥୀ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଓଡ଼ିଶାରେ ରାଜ୍ୟସଭା ନିର୍ବାଚନ ଏକ ରୋଚକ ସ୍ଥିତିରେ ପହଞ୍ଚିଛି। ଚାରୋଟି ଆସନ ପାଇଁ ମୈଦାନରେ ୫ ପ୍ରାର୍ଥୀ ଥିବା ବେଳେ ସବୁଠୁ ଧନୀ ହେଉଛନ୍ତି ବିଜେଡି ପ୍ରାର୍ଥୀ ସନ୍ତୃପ୍ତ ମିଶ୍ର। ତାଙ୍କ ପଛକୁ ରହିଛନ୍ତି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ।

ଗତକାଲି ସବୁ ପ୍ରାର୍ଥୀ ନିଜର ନାମାଙ୍କନ ଦାଖଲ କରିଥିଲେ। ନାମାଙ୍କନପତ୍ର ସହ ସେମାନେ ନିଜ ନିଜର ସମ୍ପତ୍ତି ଓ ଅପରାଧିକ ପୃଷ୍ଠଭୂମୀ ସମ୍ପର୍କିତ ସତ୍ୟପାଠ ମଧ୍ୟ ଦାଖଲ କରିଛନ୍ତି। ସତ୍ୟପାଠ ଅନୁଯାୟୀ ସଂତୃପ୍ତ ମିଶ୍ରଙ୍କ ଅସ୍ଥାବର ସମ୍ପତ୍ତି ଅର୍ଥାତ ନଗଦ ଟଙ୍କା, ବ୍ୟାଙ୍କ ଜମା, ବିଭିନ୍ନ ସେୟାର ମାର୍କେଟରେ ନିବେଶ, ଜୀବନ ବୀମା ଆଦିର ମୂଲ୍ୟ ୫୧୨ କୋଟି ୯୦ ଲକ୍ଷରୁ ଅଧିକ। ତାଙ୍କ ପତ୍ନୀଙ୍କ ନାଁରେ ରହିଛି ୨୦ କୋଟି ୪୮ ଲକ୍ଷରୁ ଅଧିକ ଟଙ୍କାର ଅସ୍ଥାବର ସମ୍ପତ୍ତି। ସେହିଭଳି ତାଙ୍କର ନିଜସ୍ୱ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫୩ କୋଟି ୦୬ ଲକ୍ଷ ଟଙ୍କା ହେବ। ତାଙ୍କ ପତ୍ନୀଙ୍କ ନାମରେ ପ୍ରାୟ ୮ କୋଟି ୬୮ ଲକ୍ଷ ଟଙ୍କାର ସ୍ଥାବର ସମ୍ପତ୍ତି ରହିଛି। ତେବେ



- ୫୧୨ କୋଟିର ଅସ୍ଥାବର ଓ ୫୩ କୋଟିର ସ୍ଥାବର ସମ୍ପତ୍ତି
- ଦିଲ୍ଲୀପ ରାୟଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩୯୧ କୋଟି



ସଂତୃପ୍ତ ମିଶ୍ରଙ୍କ ପାଖରେ ନଗଦ ୧୦ ହଜାର ଟଙ୍କା ଏବଂ ତାଙ୍କ ପତ୍ନୀଙ୍କ ପାଖରେ ୧୫ ହଜାର ଟଙ୍କା ନଗଦ ଆକାରରେ ରହିଥିବା ସେ ସତ୍ୟପାଠରେ ଦର୍ଶାଇଛନ୍ତି।

ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ପ୍ରାୟ ୩୯୧ କୋଟି ୬୨ ଲକ୍ଷ ଟଙ୍କା। ତାଙ୍କ ପତ୍ନୀ ପୂଜା ରାୟଙ୍କ ନାମରେ ପ୍ରାୟ ୧୧ କୋଟି ୧୬ ଲକ୍ଷ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କର ମୋଟ ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୪୫.୫୦ କୋଟି ଟଙ୍କା। ସେମଧ୍ୟରେ ତାଙ୍କର ନିଜସ୍ୱ ସମ୍ପତ୍ତି ପ୍ରାୟ ୨୫.୫୦ କୋଟି ଏବଂ ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ପ୍ରାୟ ୨୦ କୋଟି ଟଙ୍କା ରହିଛି।

ସେହିପରି ମନମୋହନ ସାମଲଙ୍କ ଦ୍ୱାରା ପ୍ରଦତ୍ତ ସତ୍ୟପାଠ ଅନୁଯାୟୀ ତାଙ୍କର ୪୩ ଲକ୍ଷ ୯୦ ହଜାର ୯୭୪ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ତାଙ୍କ ପତ୍ନୀ ପ୍ରଣତୀ ସାମଲଙ୍କ ନାମରେ ପ୍ରାୟ ୨ କୋଟି ୮୬ ଲକ୍ଷରୁ ଅଧିକ ଟଙ୍କାର ଅସ୍ଥାବର ସମ୍ପତ୍ତି ରହିଛି। ସ୍ଥାବର ସମ୍ପତ୍ତିର ଆନୁମାନିକ ବଜାର ମୂଲ୍ୟ ୧ କୋଟି ୩୦ ଲକ୍ଷ ଟଙ୍କା। ଏଥିମଧ୍ୟରେ ତାଙ୍କର ନିଜସ୍ୱ ସମ୍ପତ୍ତି ପ୍ରାୟ ୮୦ ଲକ୍ଷ ଟଙ୍କା ଏବଂ ଉତ୍ତରାଧିକାର ସୂତ୍ରରେ ପାଇଥିବା ସମ୍ପତ୍ତି ପ୍ରାୟ ୭୦ ଲକ୍ଷ ଟଙ୍କା। ତାଙ୍କ ପତ୍ନୀଙ୍କ ନାମରେ କୌଣସି ସ୍ଥାବର ସମ୍ପତ୍ତି ନାହିଁ ବୋଲି ସତ୍ୟପାଠରେ ଦର୍ଶାଯାଇଛି। ମନମୋହନଙ୍କ ନିଜ ନାମରେ କୌଣସି ବ୍ୟାଙ୍କ ଋଣ ନ ଥିବା ବେଳେ ତାଙ୍କ ପତ୍ନୀଙ୍କ ନାମରେ ପ୍ରାୟ ୭୫ ଲକ୍ଷ ଟଙ୍କାର ଋଣ ରହିଛି।

ଏହାଛଡ଼ା ବିଜେପି ପ୍ରାର୍ଥୀ ସୁଜିତ କୁମାରଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୩ କୋଟି ୮୫ ଲକ୍ଷ ୨୩ ହଜାର ୨୦୦ ଟଙ୍କା ଏବଂ ତାଙ୍କ ପତ୍ନୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟି ୩ ଲକ୍ଷ ୯୬ ହଜାର ୧୨୫ ଟଙ୍କା। ବିଜେଡି ଓ କଂଗ୍ରେସର କମନ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୪ କୋଟି ୯୨ ଲକ୍ଷ ୯୬ ହଜାର ୭୭୭ ଟଙ୍କା ଏବଂ ତାଙ୍କ ପତ୍ନୀଙ୍କ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୨ କୋଟି ୭୧ ଲକ୍ଷ ୨୪ ହଜାର ୭୫ ଟଙ୍କା।

## ଚିତ୍ରାଙ୍କନ ପ୍ରତିଯୋଗିତା ମାଧ୍ୟମରେ ସଚେତନତା ଉଦ୍ୟମ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଜାତୀୟ ସୁରକ୍ଷା ସପ୍ତାହ/ମାସ ପାଳନ ଅବସରରେ 'ସୁରକ୍ଷା ସଚେତନତା ବୃଦ୍ଧି ପାଇଁ ସହଭାଗିତା ଏବଂ ସଶକ୍ତିକରଣ' ବିଷୟବସ୍ତୁ ଉପରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ସରକାରୀ ହାଇସ୍କୁଲ, ଡମଣାଠାରେ ଗେଲ (ଇଣ୍ଡିଆ) ଲିମିଟେଡ୍ ସିଜିଡି ଭୁବନେଶ୍ୱର ଓ କଟକ ଆନୁକୁଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ସଡକ ସୁରକ୍ଷା, ଅଗ୍ନି ନିରାପତ୍ତା ଓ ଦୈନନ୍ଦିନ ଜୀବନରେ ସୁରକ୍ଷା ଭଳି ବିଷୟଗୁଡ଼ିକୁ ରଙ୍ଗତୂଳୀରେ ଉପସ୍ଥାପନ କରି ସୁରକ୍ଷା ସମ୍ପର୍କିତ ସେମାନଙ୍କ ଧାରଣାର ପରିପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ



ବିଶ୍ୱନାଥ ସାହୁ ଓ ସିଜିଡିର ଡିଜିଏମ ଅମିତାଭ ଘୋରାଇ ଏବଂ ବରିଷ୍ଠ ଅଧିକାରୀ (ଅଗ୍ନି ଓ ସୁରକ୍ଷା) ବୋମନା ଅନିରୁଦ୍ଧ ଉପସ୍ଥିତି ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଯୁବ ଛାତ୍ରମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତାକୁ ପ୍ରୋତ୍ସାହିତ କରିବା ଓ ସମାଜରେ ନିରାପଦ ଅଭ୍ୟାସଗୁଡ଼ିକୁ ଆପଣାଇବା ସକାଶେ ପ୍ରବର୍ତ୍ତାଇବା ଉଦ୍ଦେଶ୍ୟରେ ଜାତୀୟ ସୁରକ୍ଷା ସପ୍ତାହ ଓ ମାସ ପାଳନ କରାଯାଉଛି। ଗେଲ (ଇଣ୍ଡିଆ) ଲିମିଟେଡ୍ ସିଜିଡି ଭୁବନେଶ୍ୱରର ବରିଷ୍ଠ ଅଧିକାରୀ (ଅଗ୍ନି ଓ ସୁରକ୍ଷା) ଜେଫ୍ ଲୋପେଜ୍ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ, ଆତ୍ମରକ୍ଷା କର୍ମଶାଳା ଅନୁଷ୍ଠିତ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଆଜିଠାରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମର ପ୍ରଥମ ଦିନରେ




ସ୍ଥାନୀୟ କିସ କ୍ୟାମ୍ପସରେ ଜୁଡୋ ଆଧାରିତ ଆତ୍ମରକ୍ଷା କର୍ମଶାଳା ଅନୁଷ୍ଠିତ ହୋଇଛି। ଏଥିରେ କିସର ପ୍ରାୟ ୫୦୦ ଛାତ୍ରୀ ଯୋଗଦେଇ ଜୁଡୋର ବିଭିନ୍ନ ସ୍ୱୟଂରକ୍ଷା କୌଶଳ ଶିଖିଛନ୍ତି। ଏହି ଅବସରରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ଉତ୍ତମ ସମାଜ ଗଠନରେ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କର୍ମଶାଳାରେ ଅନ୍ତର୍ଜାତୀୟ ଜୁଡୋ ରେଫରୀ କାନ୍ଦନ ମୁର୍ମୁ ଓ ଅନ୍ତର୍ଜାତୀୟ ଜୁଡୋ ରେଫରୀ ଗୀତାଞ୍ଜଳି ପଣ୍ଡା ଉପସ୍ଥିତ ରହି ଛାତ୍ରୀମାନଙ୍କୁ ଜୁଡୋ ଆଧାରିତ ସ୍ୱୟଂରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରୀମାନେ ନିଜକୁ ସୁରକ୍ଷିତ ରଖିବା ସହ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ ମୂଲ୍ୟବାନ କୌଶଳ ହାସଲ କରିଥିଲେ।

### ସାର ଉତ୍ପାଦନରେ ଆତ୍ମନିର୍ଭର ହେଲା ରାଜ୍ୟ

# ପାରାଦୀପ ଉଦୀୟମାନ ଓଡ଼ିଶାର ପ୍ରତୀକ

ପାରାଦୀପ,୬।୩(ସଂଚାର ବ୍ୟୁରୋ)ଃ ଇଫ୍‌କୋ ଆମ ଦେଶର ସର୍ବବୃହତ କୋ-ଅପରେଟିଭ୍ ସଂସ୍ଥା ମଧ୍ୟରୁ ଅନ୍ୟତମ। ସାର ଉତ୍ପାଦନରେ ଏହା ସାରା ବିଶ୍ୱରେ ଏକ ନମ୍ବର। ୟୁରିଆ ଓ ପଟାସ୍ ଜାତୀୟ ସାର ପ୍ରସ୍ତୁତ କରିବାରେ ଇଫ୍‌କୋ ହେଉଛି ଦେଶର ଅଗ୍ରଣୀ ସଂସ୍ଥା। ଏଥିରେ ଏହି ପାରାଦୀପ ୟୁନିଟ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଫ୍‌କୋର ଏହି ୟୁନିଟ୍ ଏକ ଘରୋଇ ଉଦ୍ୟୋଗ ଥିଲା, କିନ୍ତୁ ତା' ଅଚଳ ହୋଇପଡ଼ିଥିଲା। ଇଫ୍‌କୋ ଏହାକୁ ଅଧିଗ୍ରହଣ କରିବା ପରେ ଆଜି ଏହା ଦେଶର ସାର ଉତ୍ପାଦନରେ ଏକ ଅଗ୍ରଣୀ ଭୂମିକା ନେଇ ଚାଷୀମାନଙ୍କର ଆବଶ୍ୟକତାକୁ ପୂରଣ କରୁଛି। ୨୦୦୫-୦୬ରେ ଏହାର ଉତ୍ପାଦନ ପ୍ରାୟ କିଛି ନ ଥିଲା କହିଲେ ଚଳେ। କିନ୍ତୁ ଆଜି ଏହା ତା'ର ସମ୍ପୂର୍ଣ୍ଣ କ୍ଷମତା ଅନୁସାରେ ଉତ୍ପାଦନ କରୁଛି ବୋଲି ଇଫକୋ ସଲଫ୍ୟୁରିକ ଏସିଡ ପ୍ଲାଣ୍ଟର ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆଜି ପାରାଦୀପଠାରେ ତୃତୀୟ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟର ଲୋକାର୍ପଣ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହ କରିଥିବା ବେଳେ ଏଥିରେ ଯୋଗଦେଇ ମୁଖ୍ୟମନ୍ତ୍ରୀ

**ପାରାଦୀପରୁ ପୁରୀ ହେବ ଇକୋନୋମିକ ହବ୍**

ଶ୍ରୀ ମାଝୀ କହିଛନ୍ତି ଯେ ଏହି ସଲ୍‌ଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଷ୍ଟ୍ରିମ୍-୩ର ଉଦ୍‌ଘାଟନ ଯୋଗୁଁ ସାର ଉତ୍ପାଦନ କ୍ଷେତ୍ରରେ ଆଜି ଓଡ଼ିଶା ଆତ୍ମନିର୍ଭରତା ଆଡ଼କୁ ଆଉ ଏକ ପାଦ ଆଗକୁ ବଢ଼ିପାରିଛି। ଏଥିରେ ଦିନକୁ ପ୍ରାୟ ୨ ହଜାର ଟନ୍ ସଲ୍‌ଫ୍ୟୁରିକ୍ ଏସିଡ୍ ଉତ୍ପାଦିତ ହେବ। ବର୍ଷକୁ ୬ ଲକ୍ଷ ମେଟ୍ରିକ୍ ଟନ୍ ସଲଫ୍ୟୁରିକ୍ ଏସିଡ୍ ବିଦେଶରୁ ଆମଦାନୀ ହେଉଛି। କିନ୍ତୁ ଏହି ପ୍ଲାଣ୍ଟ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେଲେ ଦେଶକୁ ଆଉ ଆମଦାନୀ କରିବାକୁ ପଡ଼ିବ ନାହିଁ। ଏହା ହେଉଛି ଆତ୍ମନିର୍ଭର ଭାରତର ଆଉ ଏକ ନିଦର୍ଶନ ବୋଲି ଶ୍ରୀ ମାଝୀ କହିଛନ୍ତି।

କୃଷକମାନଙ୍କ ଦ୍ୱାରା ପରିଚାଳିତ ଏକ ସଂସ୍ଥା ଆଜି ଦେଶକୁ ସାର ଉତ୍ପାଦନରେ ଆତ୍ମନିର୍ଭର କରୁଛି। ପ୍ରଧାନମନ୍ତ୍ରୀ କୃଷକଙ୍କୁ ଅନ୍ନଦାତା ଭାବେ ସମ୍ବୋଧନ କରି ସମ୍ମାନ ପ୍ରଦର୍ଶନ କରନ୍ତି। କାରଣ କୃଷକମାନେ ହିଁ ଆମ ଦେଶକୁ ଖାଦ୍ୟଶସ୍ୟ ଉତ୍ପାଦନରେ ଆତ୍ମନିର୍ଭର କରିଛନ୍ତି। ଏବେ କୃଷକମାନେ ସାର ଉତ୍ପାଦନରେ ମଧ୍ୟ ଆତ୍ମନିର୍ଭର କରିବାରେ ସଫଳତା ହାସଲ କରିଛନ୍ତି। ସେହିଭଳି ପାରାଦୀପ ସହର ହେଉଛି ଉଦୀୟମାନ ଓଡ଼ିଶାର ପ୍ରତୀକ। ବନ୍ଦର, ପେଟ୍ରୋକେମିକାଲ୍ କମ୍ପ୍ଲେକ୍ସ, ସାର କାରଖାନା ଓ ଆହୁରି ଅନେକ ଶିଳ୍ପର




କେନ୍ଦ୍ରସ୍ଥଳ ହେଉଛି ପାରାଦୀପ। ଆଗାମୀ ଦିନରେ ଏହି ସହର ରାଜ୍ୟ ସମୃଦ୍ଧିର ପ୍ରତିବିମ୍ବ ହେବ। ପାରାଦୀପରେ ଟେକ୍ସଟାଇଲ୍ ପାର୍କ ଭଳି ଅନେକ ଶିଳ୍ପ ଓ ଶିଳ୍ପ ଭିତ୍ତିଭୂମି ସୃଷ୍ଟି ହେବ। ପାରାଦୀପରୁ କଟକ, ଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଏକ ଇକୋନୋମିକ୍ ରିଜିଅନ୍ କରାଯିବ। ଏଥିପାଇଁ କେନ୍ଦ୍ର ସରକାର ୫ ହଜାର କୋଟି ଟଙ୍କା ବରାଦ କରିଛନ୍ତି। ଏଥିରେ ସମୃଦ୍ଧ ଓଡ଼ିଶାର ଭିତ୍ତିଭୂମି ନିର୍ମାଣ କରାଯିବ। ପାରାଦୀପରୁ ପୁରୀ ପର୍ଯ୍ୟନ୍ତ ଅଞ୍ଚଳ ପୂର୍ବ ଭାରତର ମୁମ୍ବାଇ ଭଳି ଇକୋନୋମିକ୍ ହବ୍ ହେବ ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ପାଇଁ ଏକ ଗେଟ୍‌ୱେ ଭଳି କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି।



ୟୁନିଟ-୩ସ୍ଥିତ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଶୁକ୍ରବାର ନାଗରିକ କୈନ୍ଦ୍ରିକ ନ୍ୟାୟ ସଂହିତା ଉପରେ ପର୍ଯ୍ୟବସିତ ତିନିଦିନିଆ ପ୍ରଦର୍ଶନୀର ଉଦ୍‌ଘାଟନୀ ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଡିଜି ପୁଲିସ ଯୋଗେଶ ବାହାଦୁର ଖୁରାନିଆ, ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଉପସ୍ଥିତ ଥିଲେ।

## ଶାହଙ୍କ ଗସ୍ତ ପୂର୍ବରୁ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ଅଟକ ଘଟଣାକୁ ନିନ୍ଦା

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କର ଓଡ଼ିଶା ଗସ୍ତ ସମୟରେ ଭୟଭୀତ ହୋଇ ଯୁବ କଂଗ୍ରେସର ରାଜ୍ୟ ସଭାପତି ରଞ୍ଜିତ ପାତ୍ରଙ୍କୁ ବିମାନବନ୍ଦର ନିକଟରୁ ଗିରଫ କରିଥିଲା କମିଶନରେଟ ପୁଲିସ। ଏହାପରେ ଯୁବ କଂଗ୍ରେସର ରାଜ୍ୟ କାର୍ଯ୍ୟକର୍ତ୍ତା ସୁଦୀପ ସାମଲ, ଗୋପନ ମାର୍ଥା, ସ୍ପନ୍ଦନ ସ୍ୱାଇଁ, ସୂରଜ ରାଉତ, ଅମରେଶ ପରିଡ଼ାଙ୍କ ସହ କାର୍ଯ୍ୟକର୍ତ୍ତାମାନଙ୍କୁ ଅଟକ ରଖିଥିଲେ। ଓଡ଼ିଶା ପୁଲିସର ଏଭଳି କାର୍ଯ୍ୟାନୁଷ୍ଠାନ ପାଇଁ ଯୁବ କଂଗ୍ରେସ ଓ କଂଗ୍ରେସ ଦଳ ପକ୍ଷରୁ ଏହାକୁ ଦୃଢ଼ ଭାବେ ନିନ୍ଦା କରାଯାଇଛି। କେନ୍ଦ୍ର ସରକାର ଯେଭଳି ଯୁବବିରୋଧୀ, କୃଷକବିରୋଧୀ କାର୍ଯ୍ୟ କରୁଛନ୍ତି ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକା ସହ ଟ୍ରେଡ୍ ଡିଲ କରି ଯୁବକ ଓ କୃଷକମାନଙ୍କର ଅଧିକାରକୁ ଛଡ଼ାଇନେବା ପାଇଁ ପ୍ରୟାସ କରୁଛନ୍ତି, ଏହାର ପ୍ରତିବାଦ ଯୁବ କଂଗ୍ରେସ ପକ୍ଷରୁ ସାରା ଦେଶରେ କରାଯାଉଛି। ଯୁବକ ଓ କୃଷକମାନେ ଏହି ଟ୍ରେଡ୍ ଡିଲକୁ ବହୁ ମାତ୍ରାରେ ବିରୋଧ କରିଆସୁଛନ୍ତି ବୋଲି ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି। ଭାରତୀୟ ଯୁବ କଂଗ୍ରେସର ସଭାପତି ଉଦୟଭାନୁ ଚିବଙ୍କୁ ଯେଭଳି ଅଗଣତାନ୍ତ୍ରିକ ଉପାୟରେ ଗିରଫ କରାଯାଇଥିଲା, ଏହାର ପ୍ରତିବାଦରେ ସାରା ଦେଶରେ ଯୁବ କଂଗ୍ରେସ ପ୍ରତିବାଦ କରିଆସୁଛି। ସେହିପରି ଆଜି ଅମିତ ଶାହଙ୍କ ଗସ୍ତ ପୂର୍ବରୁ ଯୁବ କଂଗ୍ରେସର କର୍ମକର୍ତ୍ତାଙ୍କୁ ଅଗଣତାନ୍ତ୍ରିକ ଉପାୟରେ ଗିରଫ କରି ଥାନାରେ ଅଟକ ରଖାଯାଇଥିବା ବେଳେ ଏହାକୁ ଦୃଢ଼ ନିନ୍ଦା କରାଯାଇଛି।



## ଟେଟ୍ରା ପ୍ୟାକ୍ ବିରୋଧରେ ଏଆଇଏମଏସଏସର ବିକ୍ଷୋଭ




କଟକ,୬।୩(ସଂଚାର ବ୍ୟୁରୋ)ଃ ଟେଟ୍ରା ପ୍ୟାକ୍ ମଦ ପ୍ରସାର ବନ୍ଦ ସହ ମଦକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଦାବି ନେଇ ଆଜି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଏମଏସଏସ ପକ୍ଷରୁ ଟେଟ୍ରା ପ୍ୟାକ୍ ମଦ ବନ୍ଦ ଦାବି ନେଇ ରାଜ୍ୟବ୍ୟାପୀ ପ୍ରତିବାଦ କରାଯାଉଛି। ବିଜେପି ସରକାର କ୍ଷମତାକୁ ଆସିଲେ ରାଜ୍ୟରେ ସମ୍ପୂର୍ଣ୍ଣ ମଦ ବନ୍ଦ କରିବା ସକାଶେ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ସରକାର ନିଜର ଏହି ପ୍ରତିଶ୍ରୁତି ପାଳନ ତ ଦୂରର କଥା, ବରଂ ଟେଟ୍ରା ପ୍ୟାକ୍ ମଦ ପ୍ରଚଳନ କରି ରାଜ୍ୟରେ ମଦ ବନ୍ୟା ଯୋଜନା କରିଛନ୍ତି। କାଗଜ ଡବାରେ (ଟେଟ୍ରା ପ୍ୟାକ୍) ମଦ ମିଳିଲେ ଗାଁରୁ ସହର ବିଭିନ୍ନ ଛକ ବଜାର, ରାସ୍ତାଘାଟ, ଯାତାୟାତ କରୁଥିବା ଲୋକେ ଓ କୋମଳମତି ଛାତ୍ରଛାତ୍ରୀ ଏହାକୁ ଅନାୟାସରେ ବ୍ୟାଗ୍‌ରେ ନେଇପାରିବେ, ଯାହାକି ସେମାନଙ୍କୁ ନିଶାଗ୍ରସ୍ତ କରିବ। ଲୋକେ ନିଶାଗ୍ରସ୍ତ ହେଲେ ସରକାରଙ୍କ ଜନବିରୋଧୀ ନୀତି ଓ ବିଭିନ୍ନ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିପାରିବେ ନାହିଁ। ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଉଦବେଗଜନକ ଥିବା ବେଳେ ନାରୀ, ଛାତ୍ରୀ, ଓ ଶିଶୁ ନିର୍ଯ୍ୟାତନା, ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଭଳି ଜଘନ୍ୟ ଅପରାଧ ବଢ଼ିଚାଲିଛି। ଏହାର ନିରାକରଣ ଦିଗରେ ପଦକ୍ଷେପ ନେବା ସକାଶେ ବିକ୍ଷୋଭକାରୀମାନେ ଜିଲ୍ଲାପାଳଙ୍କ ଜରିଆରେ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏଆଇଏମଏସଏସ ଜିଲ୍ଲା ସଭାନେତ୍ରୀ ମାଳବିକା ସାମଲ, ସମ୍ପାଦିକା ସ୍ୱାଧିନୀ ବେହେରା, ଉପସଭାନେତ୍ରୀ ସିପ୍ରା ମହାନ୍ତି, ନାରୀନେତ୍ରୀ ମନସ୍ୱିନୀ ପ୍ରଧାନ, ଜ୍ୟୋତ୍ସ୍ନାମୟୀ ଦାଶ, ସୁଜାତା ମହାପାତ୍ର, ମାଧବୀଲତା ଚାତାର, ଶ୍ରଦ୍ଧାଞ୍ଜଳି ପାତ୍ର, ମାନି ବେହେରା, ନମିତା ବେହେରା, ବୀରେନ ବଡ୍ରା ପ୍ରମୁଖ ବିକ୍ଷୋଭର ନେତୃତ୍ୱ ନେଇଥିଲେ।

# ରାଜ୍ୟସଭା ନିର୍ବାଚନ, ହ୍ୱିପ୍ ପାଇଁ ସାମ୍ବିଧାନିକ ବ୍ୟବସ୍ଥା ନାହିଁ

ଭୁବନେଶ୍ୱର,୬।୩ଃ ରାଜ୍ୟସଭା ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କୁ ଭୋଟ ନଦେଇ କ୍ରସ ଭୋଟିଂ କଲେ କୌଣସି ବିଧାୟକଙ୍କ ବିଧାନସଭା ସଦସ୍ୟ ପଦ ରଦ୍ଦ ହୋଇପାରିବ ନାହିଁ। ଆଇନ୍‌ଗତ ବ୍ୟବସ୍ଥା ଅନୁଯାୟୀ ସମ୍ବିଧାନର ୧୦ମ ଅନୁଚ୍ଛେଦ ମୁତାବକ ଦଳବଦଳ ନିରୋଧ ଆଇନ୍ ବଳରେ ଜଣେ ବିଧାୟକ କିମ୍ବା ସାଂସଦଙ୍କ ସଦସ୍ୟ ପଦ ରଦ୍ଦ କରାଯାଇପାରିବ। ରାଜ୍ୟସଭା ନିର୍ବାଚନ ନିର୍ବାଚନ କମିଶନ ପରିଚାଳନା କରିଥାନ୍ତି ଏବଂ ଏଥିରେ ବିଧାନସଭାର କୌଣସି ନିୟନ୍ତ୍ରଣ ନଥିବାରୁ କ୍ରସ ଭୋଟିଂ କରୁଥିବା ସଦସ୍ୟମାନଙ୍କ ସଭ୍ୟ ପଦ ରଦ୍ଦ କରିବା ଲାଗି କାହାକୁ ଆଇନ୍‌ଗତ କ୍ଷମତା ଦିଆଯାଇ ନାହିଁ।

ଓଡ଼ିଶାର ଖାଲି ହେଉଥିବା ୪ଟି ରାଜ୍ୟସଭା ଆସନ ପାଇଁ ୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ପରିପ୍ରେକ୍ଷୀରେ ଏବେ ବିଭିନ୍ନ ମହଲରେ କ୍ରସ ଭୋଟିଂ ଚର୍ଚ୍ଚା ଜୋର ଧରିଛି। ତେବେ ଆଇନ୍ ବିଶେଷଜ୍ଞମାନେ କହୁଛନ୍ତି ଯେ ରାଜ୍ୟସଭା ନିର୍ବାଚନ ନିର୍ବାଚନ କମିଶନଙ୍କ ଦ୍ୱାରା ପରିଚାଳିତ ହେଉଥିବାବେଳେ ଏହାକୁ ବିଧାନସଭାର କାର୍ଯ୍ୟାବଳୀ ଭାବେ ଗ୍ରହଣ କରାଯାଇପାରିବ ନାହିଁ। ବୈଷୟିକ ଦୃଷ୍ଟିରୁ ଏ କ୍ଷେତ୍ରରେ ଦଳୀୟ ହ୍ୱିପ୍ ମଧ୍ୟ ଜାରି କରାଯିବା କଥା ନୁହେଁ। ଏହା ସତ୍ତ୍ୱେ ବିଭିନ୍ନ ଦଳ ପକ୍ଷରୁ ସେମାନଙ୍କ ବିଧାୟକମାନଙ୍କୁ କାହାକୁ ଭୋଟ ଦେବେ ସେ ସଂକ୍ରାନ୍ତରେ ହ୍ୱିପ୍ ଜାରି କରାଯାଉଛି। ଏ ପରିପ୍ରେକ୍ଷୀରେ ରାଜ୍ୟସଭା ନିର୍ବାଚନର ଭୋଟ ଗ୍ରହଣ ବିଧାନସଭାର କାର୍ଯ୍ୟାବଳୀ ବାହାରେ ହୋଇଥିବାରୁ ଏବଂ ଏହା ଗୃହର ବିବରଣୀ ହେଉନଥିବାରୁ ଏ କ୍ଷେତ୍ରରେ ହ୍ୱିପ୍‌ର କୌଣସି ଆଇନ୍‌ଗତ ପ୍ରାସଙ୍ଗିକତା ନାହିଁ। ଆଇନ୍ ବିଶାରଦମାନେ କହୁଛନ୍ତି ଯେ ବିଧାୟକମାନେ ସେମାନଙ୍କ ବିବେକାନୁମୋଦିତ ପନ୍ଥାରେ ଭୋଟ ଦେଇପାରିବେ। କେଉଁ ବିଧାୟକ କାହାକୁ ପ୍ରଥମ, ଦ୍ୱିତୀୟ ପସନ୍ଦର ଭୋଟ ଦେବେ ତାହା ତାଙ୍କ ବିବେକ ଉପରେ ନିର୍ଭର କରେ। ଏ କ୍ଷେତ୍ରରେ ସମ୍ବିଧାନର ୧୦ମ ଅନୁଚ୍ଛେଦ ଲାଗୁ ହେଉନଥିବାରୁ ଦଳୀୟ ହ୍ୱିପ୍ ବିରୋଧରେ ମତଦାନ କରୁଥିବା ବିଧାୟକଙ୍କ ସଦସ୍ୟ ପଦ ରଦ୍ଦ କରାଯାଇପାରିବ ନାହିଁ କିମ୍ବା ଏ କ୍ଷେତ୍ରରେ ମଧ୍ୟ କାହା ବିରୋଧରେ କ୍ରସଂ ଭୋଟିଂ ଲାଗି ଆଇନ୍‌ଗତ ପଦକ୍ଷେପ ବି ନିଆଯାଇପାରିବ ନାହିଁ।



କେଉଁ ଦଳର ବିଧାୟକ କାହାକୁ ଭୋଟ ଦେବେ ନଦେବେ ତାହା ସଂପୃକ୍ତ ଦଳର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ସଂପୃକ୍ତ ରାଜନୈତିକ ଦଳ ଦଳୀୟ ସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅବଶ୍ୟ କିଛି ବାରଣ ନାହିଁ। ରାଜ୍ୟସଭା ନିର୍ବାଚନରେ ମତଦାନ କରୁଥିବା ବିଧାୟକମାନେ ସେମାନଙ୍କ ବାଲାଟକୁ ଗୋପନ ରଖିପାରିବେ ନାହିଁ। ଦଳର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କୁ ସେମାନେ ବାଲାଟ ପେପର୍ ଦେଖାଇବେ। ଏ ପରିପ୍ରେକ୍ଷୀରେ 'ଓପନ୍ ବାଲାଟ୍' ହେଉଥିବାରୁ କ୍ଷମତାପ୍ରାପ୍ତ ପ୍ରତିନିଧି ଜାଣିପାରନ୍ତି ତାଙ୍କ ଦଳର କେଉଁ ବିଧାୟକ କାହାକୁ ଭୋଟ ଦେଲେ ବୋଲି। ବିଧି ବିଶେଷଜ୍ଞମାନଙ୍କ କହିବା କଥା ଯେ ରାଜ୍ୟସଭା ନିର୍ବାଚନରେ ବିଧାୟକମାନଙ୍କ ଉପରେ ହ୍ୱିପ୍ ଲଗାଇବା ବାଧ୍ୟତାମୂଳକ ନୁହେଁ କିମ୍ବା ଏଭଳି ହ୍ୱିପ୍ ଯଦି କୌଣସି ଦଳ ଲଗାଇଥାନ୍ତି ତାହାକୁ ମାନିବା ଲାଗି ସମ୍ପୃକ୍ତ ଦଳର ବିଧାୟକମାନେ ବି ବାଧ୍ୟ ନୁହନ୍ତି। ତେବେ ଏ କ୍ଷେତ୍ରରେ କେବଳ ଦଳୀୟ କର୍ତ୍ତୃପକ୍ଷ ସେମାନଙ୍କ ସମ୍ବିଧାନ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇପାରନ୍ତି। କିନ୍ତୁ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଆଧାରରେ କୌଣସି ବିଧାୟକଙ୍କ ସଦସ୍ୟ ପଦ ବି ରଦ୍ଦ ହୋଇପାରିବ ନାହିଁ। ଏଠାରେ ଉଲ୍ଲେଖନୀୟ ଯେ ଏ ଯାବତ୍ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟର ରାଜ୍ୟସଭା ନିର୍ବାଚନରେ ବହୁବାର କ୍ରସ ଭୋଟିଂ ହୋଇଥିଲେ ମଧ୍ୟ କୌଣସି ବିଧାୟକଙ୍କ ସଦସ୍ୟ ପଦ ବି ଉକ୍ତ ଅଭିଯୋଗରେ ରଦ୍ଦ କରାଯାଇଥିବାର ନଜିର ନାହିଁ। (ତଥ୍ୟ)

## ମହିଳା ଆୟୋଗଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

### ୮୬ ମାମଲାରେ ପକ୍ଷଙ୍କୁ ନୋଟିସ୍ ଜାରି

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ମହିଳାଙ୍କ ବିରୋଧରେ ଘରୋଇ ହିଂସା, ନିର୍ଯାତନା, ଯୌତୁକ, ସମ୍ପତ୍ତି ବିବାଦ, କାର୍ଯ୍ୟାଳୟରେ ନିର୍ଯାତନା, ସାଇବର ଅପରାଧ, ପରିତ୍ୟାଗ, ବୈବାହିକ ବିବାଦ ଏବଂ ମହିଳା ଅଧିକାର ଉଲ୍ଲଂଘନ ଏବଂ ମହିଳା କଲ୍ୟାଣ, ଇତ୍ୟାଦି ସମ୍ପର୍କିତ ଅନ୍ୟାନ୍ୟ ପ୍ରସଙ୍ଗ ସହିତ ଜଡିତ ଅଭିଯୋଗର ଉପସ୍ଥାପନା ଓ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୂର୍ବରୁ ବିଭିନ୍ନ ସମୟରେ ୧୫୦ଟି ମାମଲାରେ ଖୋର୍ଦ୍ଧା ଜିଲ୍ଲାର ପୁଲିସ କର୍ତ୍ତୃପକ୍ଷ, ଜିଲ୍ଲା ସୁରକ୍ଷା ଅଧିକାରୀ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଇତ୍ୟାଦି କର୍ତ୍ତୃପକ୍ଷଙ୍କୁ ଉକ୍ତ ମାମଲାଗୁଡ଼ିକର ତଦନ୍ତ କରି ରିପୋର୍ଟ ଦାଖଲ ସହ ଆଇନ ସେବା ଯୋଗାଇ ଦେବାକୁ ଆୟୋଗ ପକ୍ଷରୁ ସୁପାରିସ୍ କରାଯାଇଥିଲା। ତେଣୁ ଆଜିର ଉକ୍ତ ଜନଶୁଣାଣି




ଶୁଣାଣି ପାଇଁ ମହିଳାମାନଙ୍କୁ ଏକ ନିଶୁଳ୍କ ପ୍ଲାଟଫର୍ମ ଯୋଗାଇବା ଲକ୍ଷ୍ୟରେ ଜାତୀୟ ମହିଳା ଆୟୋଗ ଏବଂ ଓଡିଶା ରାଜ୍ୟ ମହିଳା ଆୟୋଗଙ୍କ ମିଳିତ ସହଯୋଗରେ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଆଜି ସ୍ଥାନୀୟ ଲକ୍ଷ୍ମୀସାଗରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଅନୁଷ୍ଠିତ ହୋଇଛି।

କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଞ୍ଚଳର ସମୁଦାୟ ୮୬ ମାମଲାରେ ପକ୍ଷମାନଙ୍କୁ ନୋଟିସ୍ ଜାରି ହୋଇଥିବା ବେଳେ ସେଥିମଧ୍ୟରୁ ମୋଟ ୪୫ଟି ମାମଲାରେ ଜନଶୁଣାଣି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ଅଭିଯୋଗର ଶୁଣାଣି ହୋଇ ଅଭିଯୋଗଗୁଡ଼ିକର ଆଶୁ ସମାଧାନ ପାଇଁ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ମାମଲାରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିଥିଲେ। ସେହିପରି ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୬ଟି ନୂତନ ମାମଲା ମଧ୍ୟ ପଞ୍ଜିକୃତ ହୋଇଥିଲା।

ମହିଳା ଆୟୋଗ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆୟୋଗର ସଦସ୍ୟା ଉର୍ମିଳା ମହାପାତ୍ର, ପ୍ରତିଭା ଶତପଥୀ, ମୁକ୍ତା ସାହୁ ଓ ଡକ୍ଟର କଳ୍ପନା ମାଳିକ ଶୁଣାଣି ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଆୟୋଗର ଆବାହକ ସଚିବ ବିବେକାନନ୍ଦ ସାହୁ ଉକ୍ତ ଜନଶୁଣାଣି କାର୍ଯ୍ୟକ୍ରମ ପରିଚାଳନା ସହ ତଦାରଖ କରିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ଶନିବାର ୭ ଫେବ୍ରୁଆରୀ ୨୦୨୬, ଭୁବନେଶ୍ୱର
Saturday 7 February 2026, Bhubaneswar

# ଉତ୍କଟ ହେବ ଭାରତର ତେଲ ସଙ୍କଟ




ବର୍ତ୍ତମାନ ବିଶ୍ୱ ରାଜନୈତିକ ଅସ୍ଥିରତାରେ ଯୁଦ୍ଧର ଧୂଆଁ ସବୁଠାରୁ ଅଧିକ ପ୍ରଭାବିତ କରିଛି ଅର୍ଥନୀତିକୁ। ରୁଷ-ୟୁକ୍ରେନ୍ ଯୁଦ୍ଧରୁ ଆରମ୍ଭ କରି ମଧ୍ୟପ୍ରାଚ୍ୟରେ ଇରାନ-ଇସ୍ରାଏଲ ସଂଘର୍ଷ ପର୍ଯ୍ୟନ୍ତ, ବିଶ୍ୱ ତେଲ ବଜାରରେ ଅନିଶ୍ଚିତତା ବଢ଼ିଛି। ଭାରତ, ଯାହାର ତେଲ ନିର୍ଭରତା ୮୫ ପ୍ରତିଶତ ଅତିକ୍ରମ କରିଛି, ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ରହିଛି। ଯୁଦ୍ଧ ଯୋଗୁଁ ତେଲ ସମୁଦ୍ରାରଣ ଓ ପରିବହନରେ ବାଧା ପଡ଼ିବା ଫଳରେ ଭାରତରେ ତେଲର ଅଭାବ ଅନିବାର୍ଯ୍ୟ ହେଉଛି। ଏହା କେବଳ ଅର୍ଥନୀତିକୁ ନୁହନ୍ତି, ଜନସାଧାରଣର ଦୈନନ୍ଦିନ ଜୀବନକୁ ମଧ୍ୟ ଧ୍ୱଂସକାରୀ ଭଳି ପ୍ରଭାବିତ କରିବ।

ପ୍ରଥମେ, ଯୁଦ୍ଧର ସିଧାସଳଖ ପ୍ରଭାବକୁ ଦେଖିବା। ରୁଷ, ଯାହା ବିଶ୍ୱର ଦ୍ୱିତୀୟ ସର୍ବବୃହତ ତେଲ ଉତ୍ପାଦକ, ପଶ୍ଚିମ ଦେଶମାନଙ୍କ ନିର୍ବାଚନ ସଂସ୍କାର ଫଳରେ ସୀମିତ ହୋଇଛି। ଭାରତ ପୂର୍ବରୁ ରୁଷରୁ ୪୦ ପ୍ରତିଶତ ତେଲ ଆମଦାନୀ କରୁଥିଲା, କିନ୍ତୁ ଏହା ଏବେ ବିନିୟମିତ ସଂକଟରେ ପଡ଼ିଛି। ସୀମାନ୍ତରେ, ମଧ୍ୟପ୍ରାଚ୍ୟରେ ହୁତି ବିଦ୍ରୋହୀମାନଙ୍କର ଆକ୍ରମଣରେ ରେଡ୍ ସି ଓ ବାବେଲ୍ ମାଣ୍ଡେବ୍କୁ ଅତିକ୍ରମ କରିବା ବାଧାପ୍ରାପ୍ତ ହୋଇଛି, ଯାହା ବିଶ୍ୱର ୧୨ ପ୍ରତିଶତ ତେଲ ପରିବହନର ପଥ। ଏହାର ଫଳରେ ତେଲର ମୂଲ୍ୟ ୧୦୦ ଡଲାରରୁ ଅଧିକ ପ୍ରତି ବାରେଲ୍ରେ ପହଞ୍ଚିଛି। ଯାହା ଫଳରେ ଭାରତର ଆମଦାନୀ ବିଲ୍ ୩୦ ପ୍ରତିଶତ ବୃଦ୍ଧି ହେବ। ଏହା କେବଳ ସରକାରୀ ରାଜକୋଷ ଉପରେ ବୋଝ ବଢ଼ାଉ ନାହିଁ, ବରଂ ଇନ୍ଧନ ମୂଲ୍ୟରେ ବୃଦ୍ଧି ସହିତ ଦରଦାମ ବୃଦ୍ଧିକୁ ମଧ୍ୟ ଆମନ୍ତ୍ରଣ କରୁଛି।

ଦ୍ୱିତୀୟତଃ, ଏହାର ଅର୍ଥନୈତିକ ପ୍ରଭାବ ଅନ୍ତହୀନ। ଭାରତର ଜିଡିପିର ୭ ପ୍ରତିଶତ ତେଲ ଆମଦାନୀ ଉପରେ ନିର୍ଭର କରେ। ତେଲ ସଙ୍କଟରେ ରପ୍ତାନି ଓ ଉତ୍ପାଦନ ହ୍ରାସ ହେବ। କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବଜେଟ କମ୍ ହୋଇବ, ଯାହା ଗରିବ ଶ୍ରେଣୀକୁ ସବୁଠାରୁ ଅଧିକ ପ୍ରଭାବିତ କରିବ। ଉଦାହରଣ ସ୍ୱରୂପ, ୨୦୨୨ର ରୁଷ-ୟୁକ୍ରେନ୍ ଯୁଦ୍ଧରେ ଭାରତର ଇନ୍ଧନ ମୂଲ୍ୟ ୫୦ ପ୍ରତିଶତ ବୃଦ୍ଧି ପାଇଥିଲା, ଯାହା ଏବେ ଆହୁରି ତୀବ୍ର ହେବ। ଏହା କେବଳ ବାଣିଜ୍ୟିକ ନୁହେଁ; ଦେଶର ନିଜସ୍ୱ ରିଫାଇନରୀଗୁଡ଼ିକରୁ କଞ୍ଚାମାଲ ଅଭାବରୁ ଉତ୍ପାଦନ ହ୍ରାସ ହେବା ପରିଣାମରେ, ଟ୍ରାନ୍ସପୋର୍ଟ, ଇଣ୍ଡଷ୍ଟ୍ରି ଓ ଘରୋଇ ବ୍ୟବହାରରେ ଅଭାବ ହୋଇପାରେ। ଯାହାଦ୍ୱାରା ଅନାବଶ୍ୟକ ବିକଳ୍ପ ଇନ୍ଧନର ଦରକାର ପଡ଼ିବ।

ତୃତୀୟତଃ, ସରକାରୀ ନୀତିର ଦୁର୍ବଳତା ଏହି ସଙ୍କଟକୁ ବଢ଼ାଉଛି। ପୁନରୁଦ୍ଧାରଣୀୟ ଶକ୍ତି ଉପରେ ମାତ୍ରାଧିକ ନିର୍ଭରତା ଯୋଗୁଁ ଦେଶରେ ଏହି ସମସ୍ୟା ବହୁଗୁଣିତ ହେଉଛି। ଦୀର୍ଘସ୍ଥାୟୀ ବ୍ୟବସ୍ଥା ଭାବେ ଇଣ୍ଡିଆନ୍ ଅଇଲ୍ କର୍ପୋରେସନ୍ ଭଳି ସଂସ୍ଥାମାନଙ୍କର ବିଦେଶୀ ନିବେଶ ବଢ଼ାଇବା ଓ ବାୟୋଫୁଏଲ୍, ଇଲେକ୍ଟ୍ରିକ୍ ଭେହିକଲ୍ ପ୍ରୋତ୍ସାହନ ଆବଶ୍ୟକ। ଯୁଦ୍ଧର ଅନିଶ୍ଚିତତାରେ ଅନ୍ୟ ଦେଶ ଉପରେ ନିର୍ଭରତା କମାଇବା ପାଇଁ ସ୍ୱୟଂପର୍ଯ୍ୟାପ୍ତ ନୀତି ନିର୍ମାଣ ହେବା ଉଚିତ।

ଶେଷରେ, ଯୁଦ୍ଧ ଯୋଗୁଁ ତେଲ ସଙ୍କଟ ଭାରତକୁ ଏକ ସମୟୋଚିତ ସତର୍କତା। ଏହା କେବଳ ଅର୍ଥନୈତିକ ନୁହନ୍ତି, ବରଂ ଦେଶବାସୀଙ୍କ ଭବିଷ୍ୟତ ସୁରକ୍ଷାର ପ୍ରଶ୍ନ ମଧ୍ୟ। ସରକାର, ବ୍ୟବସାୟ ଓ ସାଧାରଣ ନାଗରିକ ମିଶି ଏହାକୁ ଏକ ସୁଯୋଗ ଭାବେ ବ୍ୟବହାର କରି ସ୍ୱାବଲମ୍ବୀ ଭାରତ ଗଢ଼ିବା ଦରକାର। ନହେଲେ, ଯୁଦ୍ଧର ଧୂଆଁ ଆମ ଅର୍ଥନୀତିକୁ ଧ୍ୱଂସ କରିବ। ଏଥିପାଇଁ କେନ୍ଦ୍ର ସରକାର ଏବେଠାରୁ ଚେତିବା ଦରକାର। ତେଲଠୁ ଆରମ୍ଭ କରି ସବୁ କ୍ଷେତ୍ରରେ ବିଦେଶୀ ଶକ୍ତି ଉପରେ ମାତ୍ରାଧିକ ନିର୍ଭରତା ଦେଶର ନିଜସ୍ୱ ଅର୍ଥନୀତି ଓ ଉତ୍ପାଦନ କ୍ଷମତାକୁ ହ୍ରାସ କରୁଛି। ବିଶ୍ୱସ୍ତରରେ ସୃଷ୍ଟି ହେଉଥିବା ଏମିତି ଗୋଟିଏ ଗୋଟିଏ ଯୁଦ୍ଧକୁ କେନ୍ଦ୍ର ସରକାର ସୁଯୋଗ ଭାବେ ଗ୍ରହଣ କରିବା ଉଚିତ।



# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଓଡ଼ିଆ ଜନଜୀବନରେ ବସନ୍ତ ଋତୁରେ ପ୍ରେମମୟ ଶ୍ରୀକୃଷ୍ଣଙ୍କ ଦୋଳଉତ୍ସବ ଓ ହୋଲି ପ୍ରତିଟି ଓଡ଼ିଆ ପାଇଁ ଅତ୍ୟନ୍ତ ଭାବପୂର୍ଣ୍ଣ ପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ଗୀତ ଗୋବିନ୍ଦରେ ଉଲ୍ଲେଖ ରହିଛି-'ରାଧାମାଧବୟୋର୍ଜୟନ୍ତି ଯମୁନା କୂଳେ ରହଃ କେଳୟଃ'। ଲଳିତ ଲବଙ୍ଗ ଲତାକୁ ଛୁଇଁ ବହି ଆସୁଥିବା ମଳୟ ସମୀରଣର ତାନେ ତାନେ ଜୀବରୂପିଣୀ ଗୋପୀମାନେ ପରମାତ୍ମାଶ୍ରୀକୃଷ୍ଣଙ୍କ ସାନ୍ନିଧ୍ୟ ଲାଭକରି, ବୃନ୍ଦାବନରେ ଯେଉଁ ରାସଲୀଳା ଆରମ୍ଭ କରିଥିଲେ, ତାହା ହେଉଛି-ଦୋଳଯାତ୍ରା ବା ହୋଲି ପର୍ବର ମୂଳ ଉତ୍ସ। ଜନ ସମାଜର ପ୍ରତୀକ ଗୋପୀମାନେ ଶ୍ରୀରାଧାଙ୍କ ନେତୃତ୍ୱରେ ସମସ୍ତ ସାଂସାରିକ ବାସ୍ନାରୁ ମୁକ୍ତ ହୋଇ, ପରମବ୍ରହ୍ମ ଶ୍ରୀକୃଷ୍ଣଙ୍କ ଶ୍ରୀଚରଣରେ ଆତ୍ମ ସମର୍ପଣ କରିବା ସଙ୍ଗେ ସଙ୍ଗେ ରଙ୍ଗ ପିଚକାରୀ ଖେଳ ଆରମ୍ଭ କରିଥାନ୍ତି। ପ୍ରେମାନୁରାଗ ଭକ୍ତିର ଚରମ ସୋପାନରେ ଆସୀନା ଗୋପୀଗଣ ଶ୍ରୀକୃଷ୍ଣଙ୍କ ନବନୀରଦ ଶ୍ୟାମ ଶରୀରରେ; ଅବିର, ଅଗୁରରୁ ଚନ୍ଦନ ବୋଳି ମିଳନର ଆକୁଳତା ପ୍ରକାଶ କରନ୍ତି। ଭକ୍ତଗଣଙ୍କ କାନ୍ତଭାବାଶ୍ରିତ ଭକ୍ତିରେ ପ୍ରୀତ ପରମେଶ୍ୱର ଶ୍ରୀକୃଷ୍ଣ; ସେମାନଙ୍କ ସହିତ ପଦାତ୍ମ୍ୟଭାବ ପ୍ରକାଶ କରି, ଏକାକାର ହୋଇ ଯାଆନ୍ତି। ଏହା ହିଁ ହେଉଛି ହୋଲି ଖେଳର ଆତ୍ମିକ ଅଭିବ୍ୟକ୍ତି।

ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଭାବଗମ୍ଭୀର ଓ ଆନନ୍ଦିତ ସ୍ୱରରେ ଶ୍ରୀକୃଷ୍ଣଙ୍କ ରାସଲୀଳା ବ୍ୟାଖ୍ୟା କଲେ। ଶ୍ରୀମଦ୍ ଭାଗବତରେ ବର୍ଣ୍ଣିତ ଅଛି-ଏକ ଜ୍ୟୋସ୍ନାପ୍ଲାବିତ ଶାରଦ ରଜନୀରେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ କେନ୍ଦ୍ର କରି ଗୋପୀମାନେ ଆନନ୍ଦରେ ନୃତ୍ୟ କରୁଥିଲେ। ଏହି ନୃତ୍ୟଲୀଳା କେବଳ ଆକ୍ଷରିକ ଅର୍ଥରେ, ଏକ ବିଶେଷ ସ୍ଥାନରେ ବା ବିଶେଷ ସମୟରେ ଯେ ସଂଗଠିତ ତାହା ନୁହେଁ। ଏହି ନୃତ୍ୟ ଚିରନ୍ତନ। ଏହାକୁ କୁହାଯାଏ ଜୀବନର ଛନ୍ଦାୟିତ ଚଳନ, ଯାହାର ତାଳ କେବେ ଭଙ୍ଗ ହୁଏନାହିଁ। ଅନ୍ୟ ଅର୍ଥରେ ଏହିପରି ଚଳନରେ ଯିଏ ଚାଲେ ତାର କେବେ ବେତାଳରେ ଗୋଡ଼ ପଡ଼େ ନାହିଁ। ଜୀବନ ଯେତେବେଳେ ଇଷ୍ଟଗୁରୁଙ୍କ (ଶ୍ରୀକୃଷ୍ଣ) ପ୍ରତି ଅନୁରାଗବଦ୍ଧ ହୋଇ ଉଠେ ଓ ପ୍ରଭୁଙ୍କର ଆଦିଷ୍ଟ ଚଳନରେ ଚାଲେ, ସେତେବେଳେ ଆଉ ଭ୍ରାନ୍ତି ଆସେନାହିଁ। ରାସଲୀଳା ହେଉଛି ଏହାର ଇଙ୍ଗିତ। ଜୀବକୁଳ ଯଦି ଏହି ଭାବରେ କୁଳମାଲିକଙ୍କୁ କେନ୍ଦ୍ର କରି ସୁତାଳ ଚଳନରେ ଚାଲନ୍ତି ତେବେ ଆଉ ଦିଗ୍ଭ୍ରାନ୍ତ ହେବାର ସମ୍ଭାବନା ନଥାଏ। ଏହି କେନ୍ଦ୍ରାୟିତ ଆବର୍ତ୍ତନ ସୃଷ୍ଟିର ସୂକ୍ଷ୍ମାତିସୂକ୍ଷ୍ମ ପର୍ଯ୍ୟାୟରେ ଏକ ଏଟମ୍ ଭିତରେ ମଧ୍ୟ ନିହିତ ଅଛି। ସେଠାରେ ମଧ୍ୟ ଏକ ପ୍ରୋଟନ୍କୁ କେନ୍ଦ୍ର କରି ଚାଲିଛି ଇଲେକ୍ଟ୍ରନର ଆବର୍ତ୍ତନ। ଶ୍ରୀ ଶ୍ରୀ ଠାକୁର କଥା ପ୍ରସଙ୍ଗରେ ଦିନେ କହିଲେ - ଭଗବାନ ଶ୍ରୀକୃଷ୍ଣଙ୍କର ରାସଲୀଳା ଏହି ଏଟମ୍ ଭିତରେ ନିତ୍ୟ ଗତିଶୀଳତାର ଅଭିବ୍ୟକ୍ତି। ଏକ ଏଟମ୍ର କେନ୍ଦ୍ରାୟିତ ଆବର୍ତ୍ତନ ଯେଉଁଭଳି ସେହି ଏଟମ୍କୁ ଧରି ରଖିବାରେ ସାହାଯ୍ୟ କରେ, ଭାଙ୍ଗିଯିବାକୁ ଦିଏ ନାହିଁ, ସେହିପରି ଜୀବନକୁ ସୁସଂସ୍ଥ ଓ ସୁସମ୍ବଦ୍ଧ କରି ରଖିବାକୁ ହେଲେ ଆବଶ୍ୟକ ଜୀବନର କୁଳମାଲିକ ବା ଇଷ୍ଟଗୁରୁଙ୍କ ପ୍ରତି ଅଚ୍ୟୁତ ନିଷ୍ଠାନନ୍ଦିତ ସୁକେନ୍ଦ୍ରିକ ଅନୁଚଳନ। ଏହି ଚଳନରେ ହିଁ ଜାଗି ଉଠେ ବ୍ୟକ୍ତିତ୍ୱ, ଜୀବନ ହୁଏ ଆନନ୍ଦମୟ ଓ ସେହି ଦିବ୍ୟ ଚଳନର ଦ୍ୟୋତକ ହିଁ ରାସଲୀଳା। ଶ୍ରୀକୃଷ୍ଣଙ୍କର ଲୀଳାକାଳରେ ଏକ ବିଶେଷ ଅଂଶ ଘଟେ ବୃନ୍ଦାବନରେ। ସେଠାରେ ସେ ବହୁ ଅସୁର ମାନଙ୍କର ନିଧନ କରି ବହୁ ଶରଣାଗତଙ୍କୁ ରକ୍ଷା କରିଛନ୍ତି। ଏହି ବୃନ୍ଦାବନ ହେଉଛି ଏକ ସ୍ଥାନର ନାମ। ଶ୍ରୀକୃଷ୍ଣ ବୃନ୍ଦାବନକୁ ଏତେ ଭଲପାନ୍ତି ଯେ ସେ ବୃନ୍ଦାବନ ପରିତ୍ୟାଗ କରି ଅନ୍ୟତ୍ର ଯିବାକୁ ଚାହାଁନ୍ତି ନାହିଁ - ବୃନ୍ଦାବନଂ ପରିତ୍ୟାଜ୍ୟ ପାଦମେକଂ ନ ଗଚ୍ଛାମି। କିନ୍ତୁ ବୃନ୍ଦାବନ ବାଲ୍ୟଲୀଳା ପରେ ମଧ୍ୟ ଶ୍ରୀକୃଷ୍ଣ ଲୀଳା କରିଛନ୍ତି ମଥୁରା, ହସ୍ତିନାପୁର ଓ ଦ୍ୱାରକାରେ। ଏହି ପ୍ରସଙ୍ଗରେ ଦୟାଲ ଶ୍ରୀ ଶ୍ରୀ ଠାକୁର କହିଛନ୍ତି - ବୃନ୍ଦାବନ ଶବ୍ଦ ଭିତରେ ଅଛି ବୃନ୍ଦ ଓ ଅବନ। ବୃନ୍ଦ ମାନେ ସମୂହ - ବିଶ୍ୱଜଗତର ସବୁକିଛି। ଅବନ ଆସିଛି ଅବ୍ ଧାତୁ ଠାରୁ ମାନେ ରକ୍ଷା କରିବା। ତେଣୁ ବୃନ୍ଦାବନ ଶବ୍ଦର ଅର୍ଥ ହେଉଛି ବିଶ୍ୱ ଦୁନିଆର ପ୍ରତିଟି ବସ୍ତୁ ଯେଉଁଠାରେ ସୁରକ୍ଷିତ ରହିଛନ୍ତି। ପୁରୁଷୋତ୍ତମ ଶ୍ରୀକୃଷ୍ଣଙ୍କର ନୀତିବିଧି ହେଲା ଜୀବନପାଳନୀ। ଏହି ଗୁଡ଼ିକ ଯେଉଁମାନେ ପାଳନ କରି ଚାଲନ୍ତି ସେମାନେ ମୃତ୍ୟୁ ଓ ସହସ୍ର ସହସ୍ର ଆପଦ ବିପଦ ମଧ୍ୟରୁ ରକ୍ଷା ପାଆନ୍ତି। ତେଣୁ ଶ୍ରୀକୃଷ୍ଣଙ୍କର ଅନୁଶାସନ ହେଲା ବୃନ୍ଦାବନ।

ପାରସ୍ପରିକ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ସୌହାର୍ଦ୍ଦ୍ୟର ପ୍ରତୀକ ହେଉଛି ହୋଲି ଖେଳ। କର୍ମବ୍ୟସ୍ତ ତେଲଲୁଣର ସଂସାର ହେଉ ବା କର୍ମକ୍ଷେତ୍ରର ଗୁରୁଦାୟିତ୍ୱ ଭିତରେ ପ୍ରାୟତଃ ସମସ୍ତେ କିଛି ସମୟ କାଢ଼ି ଥାନ୍ତି ରଙ୍ଗ ଓ ଆନନ୍ଦର ମହାପାର୍ବଣ ହୋଲିରେ ନିଜକୁ ସାମିଲ କରିବାପାଇଁ। ପବିତ୍ର ହୋଲି ରଙ୍ଗ ଆନନ୍ଦର ପାର୍ବଣ ସମସ୍ତଙ୍କ ଭିତରେ ସେବା ଠାରୁ ସ୍ନେହଶ୍ରଦ୍ଧା ଓ ଭଲ ପାଇବା ଠାରୁ ସମାଜ ସେବାରେ ନିଜକୁ ବ୍ରତୀ ରଖିଲେ ହୋଲିର ଅନ୍ତର୍ନିହିତ ତାତ୍ପର୍ଯ୍ୟ ନିଶ୍ଚିତ ଭାବେ ସମସ୍ତଙ୍କ ପାଇଁ ପ୍ରେରଣାପ୍ରଦାୟକ ହୋଇପାରିବ ଏହା ହିଁ ସମସ୍ତଙ୍କ ପାଇଁ କାମନା।

**ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭**

# ଆକ୍ରମଣର ପ୍ରଭାବ: ବିଶ୍ୱ ଚକିତ



**ଡକ୍ଟର ଲକ୍ଷ୍ମଣ ସାହୁ**

ଇରାନ ଉପରେ ଆମେରିକା-ଇସ୍ରାଏଲର ବଡ଼ ଆକ୍ରମଣର ଦୁଇ ଦିନ ବିତିଗଲାଣି। ଏବେ ଏହା ସ୍ପଷ୍ଟ ହୋଇସାରିଛି ଯେ ଏହା ମଧ୍ୟପ୍ରାଚ୍ୟ ଓ ବିଶେଷକରି ଉପସାଗର ଉପରେ ଗଭୀର ପ୍ରଭାବ ପକାଇବ। ଆମେରିକା-ଇସ୍ରାଏଲ ବୋମା ବିସ୍ଫୋରଣରେ ସର୍ବୋଚ୍ଚ ନେତା ଅଲି ଖାମେନି ଓ ତାଙ୍କ ପରିବାର ସମେତ ଅନେକ ବରିଷ୍ଠ ଅଧିକାରୀ ପ୍ରାଣ ହରାଇଥିଲେ। ତେଣୁ ଇରାନ ୪୦ ଦିନିଆ ଶୋକ ପାଳନ କରୁଛି। ତେହେରାନ କେବଳ ଇସ୍ରାଏଲ ନୁହେଁ ବରଂ ଏହି ଅଞ୍ଚଳର ଅନେକ ଦେଶ ଉପରେ ଆକ୍ରମଣ କରି ଜବାବ ଦେଇଛି।

ସାଉଦି ଆରବ, କତାର, ସଂଯୁକ୍ତ ଆରବ ଏମିରେଟ୍ସ, ବାହାରିନ, କୁଏତ ଓ ଓମାନ ସମସ୍ତେ ଇରାନୀ କ୍ଷେପଣାସ୍ତ୍ର କିମ୍ବା ଡ୍ରୋନ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ। ଯଦିଓ ଏହି ଦେଶଗୁଡ଼ିକ ସେମାନଙ୍କ ଅଞ୍ଚଳରୁ ଇରାନ ବିରୁଦ୍ଧରେ ଆକ୍ରମଣ ଆରମ୍ଭ କରିନଥିଲେ। କିନ୍ତୁ ଏହି ଦେଶଗୁଡ଼ିକର ଅନେକ ସ୍ଥାନକୁ ଟାର୍ଗେଟ କରାଯାଇଥିଲା। ଯେଉଁଥିରେ ଆମେରିକାର ସାମରିକ ଘାଟି, ବିମାନବନ୍ଦର, ବନ୍ଦର ଓ ବାଣିଜ୍ୟିକ କ୍ଷେତ୍ର ଅନ୍ତର୍ଭୁକ୍ତ। ଯଦି ଏହି ଯୁଦ୍ଧ ଲମ୍ବିଥାଏ, ତେବେ ଏହା ଉପସାଗରୀୟ ଦେଶଗୁଡ଼ିକ ପାଇଁ ଏକ ପ୍ରକୃତ ମୋଡ଼ ହୋଇପାରେ। ଏକ ମୋଡ଼ ଯାହା ଦେଶଗୁଡ଼ିକର ସୁରକ୍ଷା, ଦ୍ୱିପାକ୍ଷିକ ସହଯୋଗ ତଥା ସେମାନଙ୍କ ଦୀର୍ଘକାଳୀନ ଆର୍ଥିକ ଭବିଷ୍ୟତ ବିଷୟରେ ଚିନ୍ତା କରିବାର ଧାରାକୁ ପରିବର୍ତ୍ତନ କରିବ।

ଇରାନ ସହିତ ଜଡିତ ଯେକୌଣସି ଦୀର୍ଘକାଳୀନ ସଂଘର୍ଷ ସାମୁଦ୍ରିକ ପରିବହନକୁ ପ୍ରଭାବିତ କରିବ। ବିଶେଷକରି ବିଶ୍ୱର ଅର୍ଥନୈତିକ ଧମନୀ ମଧ୍ୟରୁ ଗୋଟିଏ ହର୍ମୁଜ୍ ପ୍ରଣାଳୀକୁ ପ୍ରଭାବିତ କରିବ। ସାମାନ୍ୟ ବିଭ୍ରାଟ ମଧ୍ୟ ଶକ୍ତି ମୂଲ୍ୟ ବୃଦ୍ଧି କରିବ, ଯାହା ନିବେଶକମାନଙ୍କ ପାଇଁ ନୂତନ ଚିନ୍ତା ସୃଷ୍ଟି କରିବ। ତୈଳ ମୂଲ୍ୟ ବୃଦ୍ଧି ପାଇଲେ କ୍ଷଣସ୍ଥାୟୀ ରାଜସ୍ୱ ବୃଦ୍ଧି ପାଇପାରେ, ଶକ୍ତି ବଜାର ଅସନ୍ତୁଳିତ ହୋଇଯିବ। ଟ୍ରମ୍ପ ମଧ୍ୟ ତେଲ ମୂଲ୍ୟ ବୃଦ୍ଧି ଚାହୁଁଥିଲେ କି ? ଚୀନ୍ ଓ ରୁଷ ଅଧିକ ସମୟ ପାଇଁ ଚୁପ୍ ରହିବେ ନାହିଁ। ଯଦିଓ ସେମାନେ ସିଧାସଳଖ ଏଥିରେ ସାମିଲ ନ ହୁଅନ୍ତି, ସେମାନେ ଏହି ଅଶାନ୍ତିର ସୁଯୋଗ ନେଇ ଅସ୍ତ୍ରଶସ୍ତ୍ର ବିକ୍ରୟ ବୃଦ୍ଧି କରିପାରିବେ ଓ ଆଞ୍ଚଳିକ ବିଭାଜନକୁ ମଧ୍ୟ ଶୋଷଣ କରିପାରିବେ।

ଏହି ପରିପ୍ରେକ୍ଷୀରେ ଯଦି ଜେନେଭାରେ ଚାଲିଥିବା ଆଲୋଚନାକୁ ପରୀକ୍ଷା କରାଯାଏ, ତେବେ ଏହି ପ୍ରସଙ୍ଗରେ ମଧ୍ୟସ୍ଥତା କରୁଥିବା ଲୋକଙ୍କୁ ମଧ୍ୟ ବିଶ୍ୱାସକୁ ନିଆଯାଇ ନଥିଲା। ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଆବାସ ଆରାକଚି ଓମାନର ମଧ୍ୟସ୍ଥତାରେ ଓ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ନିର୍ଦ୍ଦେଶକ ଜେନେରାଲ ରାଫେଲ ଗ୍ରାସିଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ଆଲୋଚନାକୁ "ଅତି ଗମ୍ଭୀର ଉଦ୍ବେଗଜନକ ଓ ସବୁଠାରୁ ନରମ" ବୋଲି ବର୍ଣ୍ଣନା କରିଛନ୍ତି। ଆଲୋଚନାର ପରିବେଶ ଓ ମଧ୍ୟସ୍ଥତାରେ ଓମାନର ଭୂମିକାକୁ ଉଲ୍ଲେଖ କରି, ଇରାନର ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ' କିଛି ପ୍ରସଙ୍ଗରେ ସହମତି ବହୁତ ନିକଟତର ହୋଇଛି '। ନିଶ୍ଚିତ ଭାବରେ ମତଭେଦ ଏବେ ବି ରହିଛି, ଯାହା ସ୍ୱାଭାବିକ। କିନ୍ତୁ ଆଲୋଚନାର ସମାଧାନରେ ପହଞ୍ଚିବା ପାଇଁ ଉଭୟ ପକ୍ଷ ପୂର୍ବ ଅପେକ୍ଷା ଅଧିକ ଗମ୍ଭୀରତା ଥିବା ଦେଖାଯାଉଛି।

ଏହି ସମୟରେ, ଇରାନର ବୈଦେଶିକ ମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ, "ଏହା ସହମତ ହୋଇଥିଲା ଯେ ବୈଷୟିକ ଦଳଗୁଡ଼ିକ ସୋମବାର ଦିନ ଭିଏନା ଓ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥାରେ ବିଶେଷଜ୍ଞ ସମୀକ୍ଷା ଆରମ୍ଭ କରିବେ। ଏହି ବୈଠକର ଉଦ୍ଦେଶ୍ୟ ଏକ ନିର୍ଦ୍ଦିଷ୍ଟ ଢାଞ୍ଚା ମଧ୍ୟରେ କିଛି ବୈଷୟିକ ପ୍ରସଙ୍ଗକୁ ସଂଗଠିତ କରିବା ବୋଲି କୁହାଯାଇଛି।" ଆରାକଚିଙ୍କ ଅନୁଯାୟୀ, ଏହା ନିଷ୍ପତ୍ତି ନିଆଯାଇଛି ଯେ ଆମର ବିଶେଷଜ୍ଞମାନେ ଆସନ୍ତା ସୋମବାର ଦିନ ଆଜେରି ବିଶେଷଜ୍ଞଙ୍କ ସହ ସାକ୍ଷାତ କରିବେ। ସେଠାରେ କିଛି ବୈଷୟିକ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ।

ଏହି ବୈଷୟିକ ଦିଗଗୁଡ଼ିକୁ ସ୍ପଷ୍ଟ କରିବା ପାଇଁ ଦିଗଗୁଡ଼ିକ ଉପରେ ଆଲୋଚନା କରାଯିବା ଆବଶ୍ୟକ। ଯାହା ପରେ ଆମେ ରାଜନୈତିକ ବୈଠକରେ ସେଗୁଡ଼ିକ ଉପରେ ନିଷ୍ପତ୍ତି ନେଇପାରିବା।' ଆରାକଚିଙ୍କ ବିବୃତ୍ତି ନିକଟ ଭବିଷ୍ୟତରେ ଚତୁର୍ଥ ପର୍ଯ୍ୟାୟ ଆଲୋଚନା କରିବାର ଯୋଜନା ମଧ୍ୟ ପ୍ରକାଶ କରିଛି, ଯାହା ପ୍ରାୟ ଗୋଟିଏ ସପ୍ତାହ ମଧ୍ୟରେ ଅନୁଷ୍ଠିତ ହେବ।



ଏହି ସମୟ ମଧ୍ୟରେ, ଉଭୟ ପକ୍ଷକୁ କିଛି ପଦକ୍ଷେପ ନେବାକୁ ପଡିବ, ଦଲିଲ ପ୍ରସ୍ତୁତ କରିବାକୁ ପଡିବ ଏବଂ ସ୍ୱାଭାବିକ ଭାବରେ, ନିଜ ନିଜ ରାଜଧାନୀରେ ଆଲୋଚନା କରିବାକୁ ପଡିବ।ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରିବାକୁ ପଡିବ। ପ୍ରତିବନ୍ଧକ ଉପରେ ଇରାନର ସ୍ଥିତି ସ୍ପଷ୍ଟ କରି, ଏହା ଜୋର ଦେଇ କହିଛି ଯେ ତେହେରାନର ଆଶା ସ୍ପଷ୍ଟ ଭାବରେ କୁହାଯାଇଛି। ଏହା ସୂଚାଇ ଦିଏ ଯେ ଆମେରିକାର ଏକ ରଣନୈତିକ ସହଯୋଗୀ ଓମାନକୁ ମଧ୍ୟ ସାମରିକ କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ଦିଆଯାଇ ନଥିଲା। ଓମାନର ବୈଦେଶିକ ମନ୍ତ୍ରୀ ଚନ୍ଦ୍ର ଅଲ-ବୁସାଇଦି ଜେନେଭାରେ ଇରାନ ଓ ଆମେରିକା ମଧ୍ୟରେ ତୃତୀୟ ପର୍ଯ୍ୟାୟ ପରୋକ୍ଷ ଆଲୋଚନାକୁ "ଗଠନାତ୍ମକ ଓଯଥମ ସକାରାତ୍ମକ" ମତ ବିନିମୟ ଭାବରେ ବର୍ଣ୍ଣନା କରିଛନ୍ତି। ଏହି ନୀତିଗୁଡ଼ିକୁ ସମର୍ଥନ ଜାରି ରଖିବା ପାଇଁ ଓମାନର ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଆମେରିକାର ଉପରାଷ୍ଟ୍ରପତି ଜେଡି ବେସଙ୍କ ସହ ସାକ୍ଷାତ କରିବା ପରେ, ଓମାନର ବୈଦେଶିକ ମନ୍ତ୍ରୀ ବଦର ବିନ୍ ହମାଦ ଅଲ-ଗୁସାଇଦି କହିଛନ୍ତି ଯେ ପରମାଣୁ ଆଲୋଚନା ଏପର୍ଯ୍ୟନ୍ତ ସବୁଠାରୁ ସକାରାତ୍ମକ, ଗୁରୁତ୍ୱପୂର୍ଣ୍ଣ ଓ ସଫଳ ହୋଇଥିଲା। କିନ୍ତୁ କ'ଣ ହ୍ୱାଇଟ୍ ହାଉସ୍ ପ୍ରତାରଣାରେ ଆଲୋଚନା ଉପରେ ଆକ୍ରମଣ କରିବାକୁ ପୂର୍ବ ଯୋଜନା କରିଥିଲା। ଇରାନରୁ ମିଳିଥିବା ରିପୋର୍ଟ ସୂଚିତ କରେ ଯେ ତେହେରାନର ୟୁନିଭର୍ସିଟି ଷ୍ଟ୍ରିଟ୍ ଓ ଜିମହୌରି ଅଞ୍ଚଳରେ ଏପରିକି ଇରାନର ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କର୍ପସର ମୁଖ୍ୟାଳୟ ନିକଟରେ ଆକ୍ରମଣ ହୋଇଥିଲା। ପୃଥକ ରିପୋର୍ଟରେ ମଧ୍ୟ ଇରାନର ରାଜଧାନୀରେ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନିଙ୍କ କାର୍ଯ୍ୟାଳୟ ନିକଟରେ ଏକ ଆକ୍ରମଣ ସୂଚିତ ହୋଇଛି। ତେହେରାନର ଉତ୍ତର ସୟଦ ଖାନଦାନ ଅଞ୍ଚଳରେ ମଧ୍ୟ ବିସ୍ଫୋରଣ ଘଟିଛି। ତାବ୍ରିଜ୍, କେରମାନଶାହ, କାମ୍, ଇଲାମ୍, ଏରଫାହାନ୍, ଲାରେସ୍ତାନ ଭଳି ସହରଗୁଡ଼ିକରେ ବୋମା ମାଡ଼ କରାଯାଇଛି।

ଦୁଇଟି କଥା ଅସ୍ପଷ୍ଟ ରହିଛି ଯୁଦ୍ଧ କେତେ ଦିନ ଚାଲିବ। ଏହା ବ୍ୟତୀତ, ଲେବାନନର ହିଜବୋଲା ଏବଂ ପାଲେଷ୍ଟାଇନର ହୁଥି ବିଦ୍ରୋହୀମାନେ ଇସ୍ରାଏଲ ବିରୁଦ୍ଧରେ ଆକ୍ରମଣ କରିବେ କି ନାହିଁ। ତେହେରାନ ବାଲିଷ୍ଟିକ୍ କ୍ଷେପଣାସ୍ତ୍ରର ଭଣ୍ଡାର ହ୍ରାସ କରିବାକୁ ରାଜି ହୋଇଛି। ତେହେରାନ ବେସାମରିକ ପରମାଣୁ ଯୁଦ୍ଧାସ୍ତ୍ରର ପ୍ରକ୍ରିୟାକରଣ ଉପରେ କଟକଣା ଉପରେ ଆଲୋଚନାରେ ନମନୀୟତା ଦେଖାଇଛି। କିନ୍ତୁ ଏହାର କ୍ଷେପଣାସ୍ତ୍ରକୁ ସମ୍ପୂର୍ଣ୍ଣ ଭାବରେ ସମାପ୍ତ କରିବାକୁ ରାଜି ହୋଇନାହିଁ।

ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଉଛି ଯେ ଭିଏନାରେ ରଣନୀତିଜ୍ଞମାନେ କେବେ ଇସ୍ରାଏଲର ପରମାଣୁ ଅସ୍ତ୍ର ଓ କ୍ଷେପଣାସ୍ତ୍ର ପ୍ରସଙ୍ଗ ଉଠାନ୍ତି ନାହିଁ। ସେମାନେ ପଚାରନ୍ତି ନାହିଁ ଯେ ଇସ୍ରାଏଲ ପାଖରେ ୯୦ କିମ୍ବା ୧୦୦ ପରମାଣୁ ଅସ୍ତ୍ର ଅଛି କି ନାହିଁ। ଏହା ଏପରି ଅସ୍ତ୍ରର ଅସ୍ତିତ୍ୱକୁ ନିଶ୍ଚିତ କରେ ନାହିଁ କିମ୍ବା ଅସ୍ୱୀକାର କରେ ନାହିଁ। ଏହା କ୍ଷେପଣାସ୍ତ୍ର, ବୁଡ଼ାଜାହାଜ ଏବଂ ବିମାନରୁ ପରମାଣୁ ଅସ୍ତ୍ର ନିକ୍ଷେପ କରିବାକୁ ସକ୍ଷମ ବୋଲି ବିଶ୍ୱାସ କରାଯାଏ। ୨୦୨୪ ସୁଦ୍ଧା, ଇସ୍ରାଏଲ ଏହାର ପରମାଣୁ ବୋମା ବିକାଶ ଓ ରକ୍ଷଣାବେକ୍ଷଣ ପାଇଁ ୧୧୦ ବିଲିୟନ ଆମେରିକୀୟ ଡଲାର ଖର୍ଚ୍ଚ କରିଥିଲା। ଯଦି କେବଳ ପରମାଣୁ ଆକ୍ରମଣର ଧମକରେ ଇରାନ ଉପରେ ଆକ୍ରମଣ କରାଯାଇପାରିବ, ତେବେ ପାକିସ୍ତାନ ଭାରତକୁ ଅନେକ ଥର ଏପରି ଧମକ ଦେଇଆସିଛି।

ଇରାନ ଉପରେ ଆକ୍ରମଣ ଏପରି ସମୟରେ ହୋଇଛି ଯେତେବେଳେ ପାକିସ୍ତାନ ଓ ଆଫଗାନିସ୍ତାନ ଉପରେ ବୋମା ମାଡ଼ କରାଯାଉଛି। ପାକିସ୍ତାନ ଏହି ସାମରିକ ଅଭିଯାନକୁ ଅପରେସନ୍ ଗାଜାବ୍ ଲିଲ୍-ହକ୍ ବୋଲି କହି ଖୋଲା ଯୁଦ୍ଧ ଘୋଷଣା କରିଛି। ପାକିସ୍ତାନ ଦାବି କରିଛି ଯେ ଏହାର ଆକ୍ରମଣରେ ୧୩୦ ରୁ ଅଧିକ ତାଲିବାନ ଲଢୁଆ ନିହତ ହୋଇଛନ୍ତି। ଏହା ଆଶ୍ଚର୍ଯ୍ୟଜନକ ଯେ ଡୋନାଲ୍ଡ ଟ୍ରମ୍ପଙ୍କ ବାର ମାସର କାର୍ଯ୍ୟକାଳ ମଧ୍ୟରେ, ଯେଉଁମାନେ ପାକିସ୍ତାନ ଓ ଭାରତ ମଧ୍ୟରେ ଯୁଦ୍ଧବିରତିର ମିଥ୍ୟା ଦାବି କରନ୍ତି। ସାତଟି ଦେଶ ଉପରେ ଆକ୍ରମଣ ହୋଇଛି ଓ ଜଣେ ନେତାଙ୍କୁ ବନ୍ଦୀ କରାଯାଇଛି। ସବୁଠାରୁ ଦୁଃଖଦ କଥା ହେଉଛି ଯେ ଅନ୍ତର୍ଜାତୀୟ ସମ୍ପ୍ରଦାୟ ଟ୍ରମ୍ପଙ୍କ ଏକପାଖିଆ କାର୍ଯ୍ୟ ପ୍ରତି ନୀରବ ଦର୍ଶକ ହୋଇ ରହିଛନ୍ତି, ଏହାହିଁ ସବୁଠାରୁ ବଡ଼ ବିଡ଼ମ୍ବନା....!!!!

ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ -୪
ମୋବାଇଲ୍: ୯୦୪୦ ୧୫୧୪ ୭୫

# ମହାନଦୀ ପଠାରେ ଦୁଃସାହସିକ ଜଳକ୍ରୀଡା



**ଡ଼. ମନୋଜ କୁମାର ମହାନ୍ତି**

ରାଷ୍ଟ୍ରୀୟ ସେବା ଯୋଜନା ମାଧ୍ୟମରେ ଭାରତର ଅବସ୍ଥିତ ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ ଜାତୀୟ ସେବା ଯୋଜନାରେ କାର୍ଯ୍ୟରତ ସମସ୍ତ ସ୍ୱେଚ୍ଛାସେବୀଙ୍କୁ ବର୍ଷର ଭିନ୍ନଭିନ୍ନ ସମୟରେ ଭାରତ ତଥା ରାଜ୍ୟରେ ବିଭିନ୍ନପ୍ରାନ୍ତରେ ସାମାଜିକ ତଥା ସଚେତନମୂଳକ କାର୍ଯ୍ୟକ୍ରମ ଶିବିରର ଆୟୋଜନ କରାଯାଇ ସେବାର ମୂଲ୍ୟବୋଧକୁ ସମାଜରେ ବାଣ୍ଟିବା ସହ ମାନବିକ ମହତ୍ୱକୁ ପ୍ରତିପାଦନ କରିବା ଜାତୀୟ ସେବା ଯୋଜନାର ମୂଳଲକ୍ଷ୍ୟ। ଯେବେ କର୍ମ ନିଜପାଇଁ କରାଯାଏ ତାହାକୁ ଶ୍ରମ କୁହାଯାଏ କିନ୍ତୁ ସେଇ କର୍ମ ଯେବେ ସାମୁହିକ ଉଦ୍ଦେଶ୍ୟରେ ସମ୍ପାଦନା କରାଯାଇଥାଏ ତାହା ସେବାରେ ରୂପାନ୍ତରିତ ସହ ସେବାର ସ୍ୱୀକୃତି ଲାଭ କରେ। ସେବା ହିଁ ସଚେତନତା, ସେବା ହିଁ ସାଧନା ଓ ସମାଜକୁ ଯୋଡ଼ିବାରେ, ସେତୁବାନ୍ଧିବାରେ ଏକ ବିକଳ୍ପ। ପ୍ରତ୍ୟେକ ମଣିଷ ନିଜର ମହନୀୟ କର୍ମ ତଥା ସମାଜପାଇଁ ଦେଇଥିବା ଯୋଗଦାନ ଯାହା ସାମାଜିକ ଉନ୍ନତି ସହ ଏକ ପରିବର୍ତ୍ତନର ବାର୍ତ୍ତା ମଣିଷ ମଧ୍ୟରେ ଆଣିଥାଏ।

ଭାରତ ବର୍ଷ ତାର ନିର୍ଦ୍ଦିଷ୍ଟ ମୂଲ୍ୟବୋଧପାଇଁ ବିଶ୍ୱରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆମ ପରମ୍ପରା ଓ ସଂସ୍କୃତି ଆମ ପରିଚୟ। ଦେଶର ସମସ୍ତ କ୍ଷେତ୍ରରେ ଛାତ୍ରରୂପକ ଯୁବକମାନଙ୍କର ଭୂମିକା ଯୁଗେଯୁଗେ। ଯୌବନ ପ୍ରତ୍ୟେକ ଜୀବନପାଇଁ ଶକ୍ତି ଓ ସାମର୍ଥ୍ୟର ଏକ ତେଜୀୟାନ ଦ୍ୱୀପଶିଖା। ଭାରତର ସ୍ୱାଧୀନତା ସଂଗ୍ରାମରୁ ଏପର୍ଯ୍ୟନ୍ତ ଭିନ୍ନଭିନ୍ନ କ୍ଷେତ୍ରରେ ବହୁମାତ୍ରାରେ ଯୁବଗୋଷ୍ଠୀ ଓ ଛାତ୍ର ସମାଜର ଯୋଗଦାନ ସହ ଅଂଶଗ୍ରହଣ ଯୁବଶକ୍ତିର ଏକ ଆନ୍ତରିକ ସ୍ପୃହା। ଯୁବଶକ୍ତି ହିଁ ଅସମ୍ଭକୁ ସମ୍ଭବ କରିବାରେ ଦକ୍ଷ। ବିଶେଷକରି ଛାତ୍ରସମାଜ ଯେଉଁମାନେ ଆଗମୀ ଭବିଷ୍ୟତ, ଯାହାକୁ ନେଇ ଦେଶ ଓ ସମାଜ ଦେଖେ ଅନେକ ସ୍ୱପ୍ନ। ଛାତ୍ରମାନଙ୍କୁ ଚାରିତ୍ରିକ ଶୃଙ୍ଖଳା ସହ ସାମାଜିକ ଦାୟିତ୍ୱବୋଧକୁ ଶିକ୍ଷା ମାଧ୍ୟମରେ ଦିଆଗଲେ ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ଘଟିବାଗାଁଗହଳିରେ ସାଧାରଣଜନତାଙ୍କ ମଧ୍ୟରେ ସଚେତନ କରିବାର ପ୍ରୟାସରେ ଆରମ୍ଭ ହୋଇଥିବା ଜାତୀୟ ସେବା ଯୋଜନା ବିଭିନ୍ନ ଶିବିର ମାଧ୍ୟମରେ ଗ୍ରାମରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା, ବନୀକରଣ, ନିଶା ନିବାରଣ, ନାରୀଶିକ୍ଷା, ସ୍ୱାକ୍ଷରତା, ଯୋଗାଭ୍ୟାସ, ନାରୀ ସଶକ୍ତକରଣ, ରକ୍ତଦାନ, ଦୁର୍ନୀତି ତଥା ଭାରତୀୟ ସଂସ୍କୃତିର ମୁଲ୍ୟବୋଧକୁ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଶିକ୍ଷାନୁଷ୍ଠାନର ସ୍ୱେଚ୍ଛାସେବୀମାନେ କେଉଁଠି ସାତ ଦିନର ରହଣୀ, ତ କେଉଁଠି ପାଞ୍ଚ ଦିନ, ଚାରିଦିନିଆ ପୁଣି ତିନିଦିନିଆ ଶିବିର ମାଧ୍ୟମରେ ସମ୍ପାଦନ କରୁଛନ୍ତି। ଶିବିରର ପ୍ରତିଟି ସକାଳ ଓ ରାତି ଏକ ଅଭୂଲା ସ୍ମୃତି। ସ୍ୱେଚ୍ଛାସେବୀମାନଙ୍କର ଉତ୍କଣ୍ଠା ଓ ଆନ୍ତରିକତା ମୋତେ ଅନେକ ସମୟରେ ଉତ୍ସାହିତ କରେ। ସାମାଜିକ ସେବାର ମହତ୍ୱକୁ ପ୍ରତିପାଦନ କରିବାରେ ଜାତୀୟ ସେବା ଯୋଜନା ଯେଉଁ ବୃହତ୍ ସଂକଳ୍ପ ନେଇଛି ତାହା ସତରେ ପ୍ରଶଂସାର ଯୋଗ୍ୟ। କେନ୍ଦ୍ର ସରକାରଙ୍କ ଜାତୀୟ ସେବା ଯୋଜନା ଭାରତର ବିଭିନ୍ନ ରାଜ୍ୟରେ ଥିବା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ପ୍ରତିବର୍ଷ ଜାତୀୟ ଏକତା ଶିବିର, ରାଜ୍ୟ ଜାତୀୟ ସେବା ଶିବିର, ଜିଲ୍ଲା ସ୍ତରୀୟ ଯୁବନେତୃତ୍ୱ ଶିବିରମାନ ଆୟୋଜନ ଦ୍ୱାରା ଯୁବକମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଏକତାକୁ ଅକ୍ଷୁଣ୍ଣ ରଖିବା ସହିତ ସେମାନଙ୍କ ମଧ୍ୟରେ ସମ୍ପର୍କର ସେତୁ ନିର୍ମାଣ କରିବାରେ ଏକ ସୁନ୍ଦର ପ୍ରୟାସ।

ଚଳିତ ବର୍ଷ ଫେବୃଆରୀ ମାସରେ ଆମ ରାଜ୍ୟରେ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶା ବିଳାସୀ ନୌକା ଭ୍ରମଣ କ୍ରୀଡ଼ା ସଂଘଠନ ଆନୁକୁଲ୍ୟରେ ଆୟୋଜିତ ଦୁଶାହାସିକ ଜଳକ୍ରୀଡ଼ା ଶିବିରରେ ଭଦ୍ରକ ଜିଲ୍ଲାର ଜାତୀୟ ସ୍ୱେଚ୍ଛାସେବୀଙ୍କ ସହ ଶିବିରରେ ଉପସ୍ଥିତି ମୋର ଏକ ଅନ୍ୟତମ ଅନୁଭୂତି। କଟକର ହରିଣ ଉଦ୍ୟାନ ନିକଟସ୍ଥ ଚିଦାନନ୍ଦ ଆଶ୍ରମ ଘାଟରୁ ଛଅଶହ ମିଟର ଜଳ ମଧ୍ୟରେ ଅବସ୍ଥିତ ବାଲିପଠାରେ ଏହି ଦୁଃସାସିକ ଜଳକ୍ରୀଡ଼ା ଶିବିରର ଆୟୋଜନ ଓଡ଼ିଶା କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗର ସୁନ୍ଦର ପରିକଳ୍ପନା। ଯେଉଁଠି ସନ୍ତରଣ, ନୌକାଚାଳନା, ଗଭୀର ଜଳରେ ପ୍ରବେଶ ତଥା ବନ୍ୟାଭଳି ପ୍ରାକୃତିକ ବିପର୍ଯ୍ୟସ୍ତ ସମୟରେ କିପରି ଜଳରୁ ନିଜକୁ ଉଦ୍ଧାର କରିବା ସହ ଅନ୍ୟକୁ ରକ୍ଷାକରିବାର ସମସ୍ତ କୌଶଳକୁ ଜଳରେ ପ୍ରଶିକ୍ଷଣ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ ନିଶ୍ଚିତଭାବେ ଓଡ଼ିଶାର ଛାତ୍ରତଥା ଯୁବଗୋଷ୍ଠୀଙ୍କୁ ରାଜ୍ୟ ତଥା ଜାତୀୟ ସ୍ତରରେ ଜଳକ୍ରୀଡ଼ା କ୍ଷେତ୍ରରେ ପ୍ରେରଣା ସହ ସେମାନଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ। ଦୁସାହାସିକ ଜଳକ୍ରୀଡ଼ା ଶିବିର ଓଡ଼ିଶା ଭଳି ରାଜ୍ୟପାଇଁ ଏକ ସୁନ୍ଦର ପଦକ୍ଷେପ। ନଦନଦୀର ପରିଚିତ ରାଜ୍ୟ ଓଡ଼ିଶା ଆଗମୀ ଦିନରେ ଜଳକ୍ରୀଡ଼ା ପ୍ରତିଯୋଗିତାର ଯୁବଗୋଷ୍ଠୀ ଅଂଶଗ୍ରହଣ କରି ରାଜ୍ୟପାଇଁ ନିଶ୍ଚିତ ସୁନାମ ଆଣିବେ। ଦକ୍ଷ ପ୍ରଶିକ୍ଷଙ୍କ ଉପସ୍ଥିତି ତଥା ମାର୍ଗଦର୍ଶନରେ ରାଜ୍ୟରୁ ଅନେକ ପ୍ରତିଭାର ଆବିଷ୍କାର ହେବା ସୁନିଶ୍ଚିତ। କଟକ, ହରିଣ ଉଦ୍ୟାନ, ବାଲିଯାତ୍ରା ପଡ଼ିଆ ଓ ମହାନଦୀ କୂଳ ସହ ମୋର ଅନେକ ଦୁର୍ବଳତା। ମୋ ଯୌବନର ସବୁଠୁ ଅଧିକ ସମୟ କଟକରେ ଅତିବାହିତ କରିଛି। ଉଚ୍ଚ ମାଧ୍ୟମିକରୁ ସ୍ନାତକୋତ୍ତର ଶିକ୍ଷା କଟକରେ ଅଧ୍ୟୟନ ସମୟରେ କେବେ କିଛି ପ୍ରିୟ ବନ୍ଧୁଙ୍କ ସହ ପୁଣି କେବେ ଏକାଏକା କଟକର ବାଉନ ବଜାର ତେପନ ଗଳି ମୁଁ ସାଇକେଲରେ ବୁଲିଛି। ମହାନଦୀରେ ଖରାଦିନେ ହୋଲି ସମୟରେ ଗାଧୋଇଛି। କିନ୍ତୁ ସେ ପଠାକୁ ଯିବାକୁ ସୁଯୋଗ ପାଇନଥିଲି।

ଓଡ଼ିଶା ନୌକାଭ୍ରମଣ ସଂଘଠନ ତତ୍ତ୍ୱାବଧାନରେ ଚାରିଦିନିଆ ଜଳକ୍ରୀଡ଼ା ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଥିବା ମହାନଦୀ ବାଲିପଠା ଏକ ଛୋଟ ଦ୍ୱୀପ ସଦୃଶ। ସେଇ ପଠାରେ ତିରିଶ ବର୍ଷରୁ ଅଧିକ ସମୟ ବସତିସ୍ଥାପନ କରୁଥିବା ଜଣେ ବୃଦ୍ଧାଙ୍କ କହିବା ଅନୁସାରେ ପଠାଟି ଗଡ଼ଗଡ଼ିଆ ପଠାଭାବେ ପରିଚିତ। ତା ଆଗକୁ ନନ୍ଦକିଶୋର ପଠା ଅବସ୍ଥିତ। ୨୦ ଏକରରୁ ଅଧିକ ପରିଧି ବିଶିଷ୍ଟ ବାଲିପଠାର ସ୍ଥଳଭାଗଟି ଯଦିଓ କୌଣସି ପର୍ଯ୍ୟଟନସ୍ଥଳୀର ଅନ୍ତର୍ଭୁକ୍ତ ନୁହେଁ ତଥାପି ଏହାର ଅବସ୍ଥିତି ବାସ୍ତବରେ ଚମତ୍କାର। ସାହାଡ଼ା ସୁନ୍ଦରୀ ଓ ଜନ୍ଦାଖାଇ ଗଛରେ ପରିପୂର୍ଣ୍ଣ ମହାନଦୀ ପଠାର ପ୍ରାକୃତିକ ପରିବେଶ ସୌନ୍ଦର୍ଯ୍ୟ ସାନ୍ଧ୍ୟ ଓ ପ୍ରାତ ସମୟରେ ଅତ୍ୟନ୍ତ ମନୋରମ। କବି ମାୟାଧର ମାନସିଂହଙ୍କ ମହାନଦୀରେ ଜ୍ୟୋସ୍ନା ବିହାର କବିତା ମାଧ୍ୟମରେ ମହାନଦୀର ମନୋରମ ପ୍ରକୃତିକୁ ବର୍ଣ୍ଣନା କରାଯାଇଛି। ସକାଳ ସମୟରେ ଏକ ପ୍ରଜାତିର ପକ୍ଷୀମାନଙ୍କର ଦଳବଦ୍ଧ କ୍ରୀଡ଼ା ଅତ୍ୟନ୍ତ ଚିତ୍ତାକର୍ଷକ। ଯେକୌଣସି ଶିବିର, ଜଳକ୍ରୀଡ଼ା ପ୍ରଶିକ୍ଷଣ, ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ବଣଭୋଜିପାଇଁ ସ୍ଥାନଟି ଅତି ଉତ୍ତମ। ସରକାର ପ୍ରୟାସରେ ଆରମ୍ଭ କରାଯାଇଥିବା ଦୁଃସାହାସିକ ଜଳକ୍ରୀଡ଼ା ଶିବିର ସହ ଆଗାମୀ ଦିନରେ ଏକ ସୁନ୍ଦର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ପରିଚୟ ସୃଷ୍ଟି କରି କଟକର ଅନେକ ପର୍ଯ୍ୟଟନସ୍ଥଳୀ ମଧ୍ୟରେ ଏହାକୁ ଅନ୍ତର୍ଭୁକ୍ତ କରାଗଲେ ସାଧାରଣ ଜନତାଙ୍କ ଅବସର ବିନୋଦନ ସହ ଯୁବକମାନଙ୍କୁ ଆତ୍ମନିଯୁକ୍ତିର ଏକ ଅବସର ମିଳିପାରନ୍ତା।

**କାର୍ଯ୍ୟକ୍ରମ ଅଧିକାରୀ, ଜାତୀୟ ସେବା ଯୋଜନା, ବିଏନଏମଏ ମହାବିଦ୍ୟାଳୟ, ଭଦ୍ରକ। ମୋବାଇଲ୍:୮୮୯୫୩୪୧୦୩୩**

# ଟ୍ରମ୍ପଙ୍କ ପାଇଁ ବାଜିରେ ଆମେରିକା ଅର୍ଥନୀତି

## ଇରାନ ସହ ଯୁଦ୍ଧରେ ଖାଲି ହୋଇଗଲା ତୈଳ ଭଣ୍ଡାର

ନ୍ୟୁୟର୍କ, ୬।୩: ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିବା ଏବେ ଖୋଦ୍ ଆମେରିକା ଉପରେ ଭାରୀ ପଡ଼ିଛି। ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଗୋଟିଏ ଭୁଲ ରଣନୀତି ଆଜି ନିଜ ଗଳାରେ ଛନ୍ଦି ହୋଇଯାଇଛି। ବିଶେଷଜ୍ଞଙ୍କ କହିବା କଥା ଆମେରିକା ନିଜ ଦେଶର ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଭରିବାର ଯେଉଁ ସୁଯୋଗ ଥିଲା ତାକୁ ହାତଛଡ଼ା କରିଛି। ଯେବେ ତେଲର ଦାମ କମ୍ ଥିଲା ସେତେବେଳେ ଟ୍ରମ୍ପ ପ୍ରଶାସନ ତୈଳ ଭଣ୍ଡାର ଭରି ନଥିଲା। ଇରାନ ସହ ଯୁଦ୍ଧ ଆରମ୍ଭ ହୋଇଗଲା ପରେ ଆମେରିକା ପାଖରେ ଜରୁରୀକାଳୀନ କାମ ପାଇଁ ତେଲ ନାହିଁ। ଫାଇନାନ୍ସିଆଲ ଟାଇମ୍ସର ଏକ ରିପୋର୍ଟ ମୁତାବକ ଆମେରିକା ଏବେ ଏକ ବଡ଼ ତୈଳ ସଂକଟ ଦେଇ ଗତି କରୁଛି। ସାଧାରଣ ଜନତାଙ୍କ ଉପରେ ଏହାର ଚୋଟ ବଢ଼ୁଥିବା ତୈଳ ଦାମ ରୂପରେ ଦେଖିବାକୁ ମିଳିଛି।



ଆମେରିକାର ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ୧୯୭୪ ମସିହାରେ ନିର୍ମାଣ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା କି ଯୁଦ୍ଧ ସଂକଟ ସମୟରେ ଦେଶରେ ତୈଳ ଯୋଗାଣରେ ଯେଭଳି କୌଣସି ଅସୁବିଧା ହେବ ନାହିଁ। ଜୋ-ବାଇଡେନ୍ ତାଙ୍କ କାର୍ଯ୍ୟକାଳରେ ଋଷ-ୟୁକ୍ରେନ ଯୁଦ୍ଧ ସମୟରେ ପେଟ୍ରୋଲ ଦାମ ନିୟନ୍ତ୍ରଣ କରିବାକୁ ଏହି ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭରୁ ବହୁମାତ୍ରାରେ ତୈଳ କାଢ଼ି ନେଇଥିଲେ। ସେପଟେ ଟ୍ରମ୍ପ କ୍ଷମତାକୁ ଆସିବା ପରେ କହିଥିଲେ କି ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭକୁ ସେ ପୂର୍ଣ୍ଣ କରିଦେବେ। ହେଲେ ରିପୋର୍ଟ କହୁଛି କି, ଟ୍ରମ୍ପ ତାଙ୍କ ପ୍ରତିଶ୍ରୁତି ପୂରଣ କରିନାହାନ୍ତି। ଆଜି ସ୍ଥିତି କହୁଛି କି, ଆମେରିକାର ଏହି ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ନିଜର ମୋଟ କ୍ଷମତା ୭୧.୪ କୋଟି ବାରେଲ ମୁକାବିଲାରେ ମାତ୍ର ୪୧.୫ କୋଟି ବାରେଲରେ ସୀମିତ ହୋଇଯାଇଛି। ଆମେରିକାର ଆବଶ୍ୟକତାକୁ ହିସାବ କଲେ ଏହି ତୈଳ ମାତ୍ର ୨୦ ଦିନ ମଧ୍ୟରେ ଶେଷ ହୋଇଯିବ। ଆମେରିକା ଡିପାର୍ଟମେଣ୍ଟ ଅଫ୍ ଏନର୍ଜି ମୁତାବକ ଖାଲି ପଡ଼ିଥିବା ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଭରିବାକୁ ହେଲେ ପାଖାପାଖି ୨୦ ବିଲିୟନ ଡଲାରର ଆବଶ୍ୟକ ରହିଛି।

## ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଚିନ୍ତା ପ୍ରକଟ କଲେ ରାଜନାଥ



ନୂଆଦିଲ୍ଲୀ, ୬।୩: ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ଚିନ୍ତା ପ୍ରକଟ କରିଛନ୍ତି। ଯୁଦ୍ଧ ପାଇଁ ଦେଶରେ ଅର୍ଥନୈତିକ ପ୍ରଭାବ ପଡ଼ିବା ନେଇ ଚେତାବନୀ ଦେଇଛନ୍ତି। ପର୍ସିଆନ ଗଲ୍ଫ ଅଞ୍ଚଳ ବିଶ୍ୱର ଶକ୍ତି ସୁରକ୍ଷା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଅଞ୍ଚଳରେ ବ୍ୟାଘାତ ହେଲେ ତେଲ ଓ ଗ୍ୟାସ ଯୋଗାଣରେ ପ୍ରଭାବ ପଡ଼ିବ। ଯାହା ଅର୍ଥନୀତି ଏବଂ ବିଶ୍ୱ ବାଣିଜ୍ୟକୁ ପ୍ରଭାବିତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ କହିଛନ୍ତି। ଇସ୍ଲାମିକ ସାଧାରଣତନ୍ତ୍ର ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲ୍ର ଘମାଘୋଟ ଯୁଦ୍ଧ ଦିନକୁ ଦିନ ପରିସ୍ଥିତିକୁ ଜଟିଳ କରୁଛି। ଯୁଦ୍ଧ ଜାରି ରହିଲେ ଭବିଷ୍ୟତରେ ଏହା ଆହୁରି ପ୍ରଭାବ ପକାଇବ ବୋଲି ବୁଦ୍ଧିଜୀବୀମାନେ ମଧ୍ୟ ମତ ପ୍ରକାଶ କରିଛନ୍ତି। ଏପରିକି ଯୁଦ୍ଧ ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ସୀମିତ ନରହି ଅନ୍ୟ ଭୂଖଣ୍ଡକୁ ବ୍ୟାପିବା ଆରମ୍ଭ ହୋଇଛି। ବୁଧବାର ଭାରତୀୟମାନେ ହୋଲି ଖେଳିବାରେ ବ୍ୟସ୍ତ ଥିବାବେଳେ ଭାରତ ମହାସାଗରରେ ଆମେରିକା ନୌସେନା ପକ୍ଷରୁ ଇରାନ୍ର ଏକ ଯୁଦ୍ଧଜାହାଜକୁ ଆକ୍ରମଣ କରାଯାଇଛି। ଆମେରିକାର ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନୀୟ ଯୁଦ୍ଧଜାହାଜ ଆଇଆର୍ଆଇଏସ ଡେନାକୁ ଟାର୍ଗେଟ କରି ବୁଡ଼ାଇଦେବାରେ ସକ୍ଷମ ହୋଇଛି।

## ହାଇଫା ବନ୍ଦର ଉପରେ ହିଜବୁଲ୍ଲାର ଆକ୍ରମଣ



ବାହାରିନ, ୬।୩: ପଶ୍ଚିମ ଏସିଆରେ ଉତ୍ତେଜନା ଜାରି ରହିଛି । ଇରାନ ଇସ୍ରାଏଲ ଓ ଆମେରିକା ସୈନ୍ୟ ଶିବିର ଓ ଘାଟି ସହିତ ମଧ୍ୟପ୍ରାଚ୍ୟରେ କେତେକ ଦେଶ ଉପରେ ଆକ୍ରମଣ ଜାରି ରଖିଛି। ଯୁଦ୍ଧ ଆରମ୍ଭ ହେବାପରଠାରୁ ଏପର୍ଯ୍ୟନ୍ତ ଇରାନରେ ୧୨୩୦ ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଲେବାନନ୍ରେ ୧୦୦ରୁ ଅଧିକ ଓ ଇସ୍ରାଏଲରେ ଡଜନରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ଇସଲାମିକ ରିଭୋଲ୍ୟୁସନ ଗାର୍ଡସ କର୍ପସ (ଆଇଆର୍ଜିସି)ର ଜଣେ ପ୍ରବକ୍ତା କହିଛନ୍ତି, ଇରାନ ଦୀର୍ଘକାଳୀନ ସମୟ ପର୍ଯ୍ୟନ୍ତ ଯୁଦ୍ଧ ଜାରି ରଖିବାକୁ ପ୍ରସ୍ତୁତ ଅଛି। ଯୁଦ୍ଧରେ ଏହା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପ୍ରୟୋଗ କରିବାକୁ ଯାଉଛି, ଯାହା ପୂର୍ବରୁ କେବେ ବ୍ୟବହାର ହୋଇନାହିଁ।

ଇରାନର ବ୍ରିଗେଡିୟର ଜେନେରାଲ ଅଲି ମହମ୍ମଦ ନେନୀ କହିଛନ୍ତି, ଇରାନର ଶତ୍ରୁଙ୍କୁ ଆଗାମୀ ଦିନରେ ଆକ୍ରମଣର ନୂଆ ଲହର ଦେଖିବାକୁ ଆଶା ରଖିବା କଥା । ଲେବାନନର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ଶୁକ୍ରବାର ସକାଳେ ଇସ୍ରାଏଲ ସ୍ଥଳବାହିନୀକୁ ଟାର୍ଗେଟ କରି ହୋଇଥିବା ଆକ୍ରମଣ ପାଇଁ ନିଜକୁ ଦାୟୀ କରିଛି। ହିଜବୁଲ୍ଲା ପକ୍ଷରୁ ଟେଲିଗ୍ରାମରେ କୁହାଯାଇଛି ଯେ, ମାରୋନ ଅଲ-ରସ ଓ କଫର କିଲା ସହିତ ଅନେକ ଅଞ୍ଚଳରେ ଇସ୍ରାଏଲ ସେନାକୁ ଟାର୍ଗେଟ କରିଛନ୍ତି। ଏମାନେ ପୂର୍ବରୁ ଲେବାନନ୍ ସୀମା ଭିତରେ ଥିଲେ। ଏକ ବିବୃତିରେ ହିଜ୍ବୁଲ୍ଲା ପକ୍ଷରୁ କୁହାଯାଇଛି ଯେ ହିଜବୁଲ୍ଲା ଅଧିକୃତ ଗୋଲାନ ହାଇଟ୍ସରେ ଇସ୍ରାଏଲର ୟୋଆଭ ସାମରିକ ଶିବିର ଏବଂ ହାଇଫା ବନ୍ଦରରେ ଏକ ନୌସେନା ଘାଟିକୁ ମଧ୍ୟ ଟାର୍ଗେଟ କରିଥିଲା। ତେବେ ଏଥିରେ କେହି ମୃତାହତ ହେବା ନେଇ କୌଣସି ଖବର ଆସିନାହିଁ । ଇରାନର ଅର୍ଦ୍ଧ-ସରକାରୀ ଫାର୍ସ ନ୍ୟୁଜ୍ ଏଜେନ୍ସି ରିପୋର୍ଟ କରିଛି ଯେ ବାହାରିନର ରାଜଧାନୀ ମନାମାରେ ରାତିସାରା ହୋଇଥିବା ଆକ୍ରମଣରେ ସହରର ହାର୍ବର ଟାୱାର୍ସ ବାଣିଜ୍ୟିକ କମ୍ପ୍ଲେକ୍ସକୁ ଟାର୍ଗେଟ କରିଥିଲା। ଇସ୍ରାଏଲ ଦୂତାବାସ ଏହା ନିକଟରେ ଥିବାରୁ ଏହି ଆକ୍ରମଣ କରାଯାଇଥିଲା ବୋଲି କୁହାଯାଇଛି। ରଏଟର୍ସ ସୂଚନା ଅନୁଯାୟୀ, ଦୂତାବାସ ପରିସରରେ ଏକ ଇରାନ ଡ୍ରୋନ୍କୁ ଅଟକାଇ ନଷ୍ଟ କରିଦିଆଯାଇଥିଲା। କୁଏତ୍ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ରେ ଇରାନର ଆକ୍ରମଣ ପରେ ଆମେରିକା ବିଦେଶ ବିଭାଗ କୁଏତ୍ରେ ଏହାର ଦୂତାବାସ ବନ୍ଦ କରିଦେଇଛି।

## ଚାଚା ନୀତୀଶଙ୍କୁ ଧୋଇଦେଲେ ଝିଆରୀ



ପାଟନା, ୬।୩: ନୀତୀଶ କୁମାର ଖୁବଶୀଘ୍ର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ସେ ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଛନ୍ତି। ଆଗାମୀ ଦିନରେ ବିହାରରେ ଏକ ନୂତନ ସରକାର ଗଠନ ହେବ। ନୀତୀଶ କୁମାରଙ୍କ ବିରୋଧୀମାନେ ବିଶ୍ୱାସ କରନ୍ତି ଯେ ବିଜେପି ତାଙ୍କୁ ଏପରି କରିବାକୁ ବାଧ୍ୟ କରିଥିଲା। ଏହି ସମୟରେ, ଲାଲୁ ଯାଦବଙ୍କ ଝିଅ ରୋହିଣୀ କହିଛନ୍ତି ଯେ ବ୍ୟକ୍ତି ନିଜ କାର୍ଯ୍ୟର ପରିଣାମ ଭୋଗେ। ରୋହିଣୀ ଆଚାର୍ଯ୍ୟ ଗତ ୨୪ ଘଣ୍ଟା ମଧ୍ୟରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଅନେକ ପୋଷ୍ଟ କରି ନୀତୀଶ କୁମାରଙ୍କ ବିରୋଧରେ ତାଙ୍କର କ୍ରୋଧ ପ୍ରକାଶ କରିଛନ୍ତି। ଅନ୍ୟ ଏକ ପୋଷ୍ଟରେ, ରୋହିଣୀ କହିଛନ୍ତି ଯେ ନୀତିଶ କୁମାରଙ୍କ ସ୍ୱପ୍ନ ପ୍ରଧାନମନ୍ତ୍ରୀ ହେବା ଥିଲା, କିନ୍ତୁ ଏବେ ସେ ଆଉ ମୁଖ୍ୟମନ୍ତ୍ରୀ ଆସନରେ ନାହାନ୍ତି। ଏକ୍ସରେ କଟାକ୍ଷ କରି ରୋହିଣୀ ଲେଖିଥିଲେ, 'କାକା ଆକାଶରୁ ପଡ଼ିଗଲେ, ଏକ ଖିଜୁରୀ ଗଛ ଉପରେ ଲାଗିଗଲେ। ପ୍ରଧାନମନ୍ତ୍ରୀ ଆସନ ଦଖଲ କରିବାର ତାଙ୍କର ସ୍ୱପ୍ନ ଅଧୁରା ରହିଗଲା, କାକାଙ୍କୁ ଅତ୍ୟନ୍ତ ଉଦାସୀନତା ସହିତ ମୁଖ୍ୟମନ୍ତ୍ରୀ ଆସନରୁ ମଧ୍ୟ ବଳପୂର୍ବକ ବାହାର କରାଯାଇଥିଲା'। ଅନ୍ୟ ଏକ ପୋଷ୍ଟରେ, ରୋହିଣୀ ଲେଖିଛନ୍ତି, 'କାକା... ମୁଁ ଆପଣଙ୍କୁ ପୁଣି ଥରେ ମନେ ପକାଇ ଦେଉଛି ଯେ ଆପଣ ସର୍ବଦା ଆପଣଙ୍କ କାର୍ଯ୍ୟର ପରିଣାମ ଭୋଗନ୍ତି। ଆପଣ ଯେପରି ବୁଣନ୍ତି, ସେହିପରି ଆପଣ ମଧ୍ୟ କାଟିବେ।'

## କୋଲକାତାରେ ମମତାଙ୍କ ଧାରଣା

କୋଲକାତା, ୬।୩: ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଧାରଣା ଦେଇଛନ୍ତି। ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗରେ ଏସ୍ଆଇଆର୍ ବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ



ବହୁ ଭୋଟର ବାଦ୍ ପଡ଼ିଥିବା ପ୍ରତିବାଦରେ ସେ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମମତା ବାନାର୍ଜୀ କେନ୍ଦ୍ରୀୟ କୋଲକାତାର ଏସ୍ପ୍ଲାନେଡ୍ ମେଟ୍ରୋ ଚ୍ୟାନେଲରେ ଧାରଣା ଦେଇଛନ୍ତି। ନିର୍ବାଚନ କମିସନଙ୍କ ପୂର୍ଣ୍ଣାଙ୍ଗ ବେଞ୍ଚଙ୍କ ପ୍ରସ୍ତାବିତ ରାଜ୍ୟ ଗସ୍ତର ଦୁଇ ଦିନ ପୂର୍ବରୁ ଏହି ପ୍ରତିବାଦ କରାଯାଇଛି।

ନିର୍ବାଚନ କମିସନ ରାଜନୈତିକ ଭାବେ ପ୍ରେରିତ ହୋଇ କାର୍ଯ୍ୟ କରୁଥିବା ଅଭିଯୋଗ କରିଛି ଟିଏମସି। ଗତବର୍ଷ ନଭେମ୍ବର ମାସରେ ପଶ୍ଚିମବଙ୍ଗରେ ଏସ୍ଆଇଆର୍ ଆରମ୍ଭ ହୋଇଥିଲା। ଏସ୍ଆଇଆରରେ ୬୩.୬୬ ଲକ୍ଷ ବା ପ୍ରାୟ ୮.୩ ପ୍ରତିଶତ ଭୋଟର ବାଦ୍ ପଡ଼ିଛନ୍ତି। ଭୋଟରଙ୍କ ସଂଖ୍ୟା ପ୍ରାୟ ୭.୬୬ କୋଟିରୁ ହ୍ରାସ ପାଇ ୭.୦୪ କୋଟି ରହିଛି । ୬୦.୦୬ ଲକ୍ଷରୁ ଅଧିକ ଭୋଟର ବିଚାରାଧୀନ ବର୍ଗରେ ଅଛନ୍ତି। ଟିଏମସି ନେତା ଅଭିଯୋଗ କରିଛନ୍ତି ଯେ ସଂଖ୍ୟାଲଘୁ ଭୋଟର, ପ୍ରବାସୀ ଶ୍ରମିକ ଏବଂ ଆର୍ଥିକ ଦୃଷ୍ଟିରୁ ଉପେକ୍ଷିତ ବର୍ଗଙ୍କୁ ବାଦ୍ ଦିଆଯାଇଛି । ଆଗକୁ ଆହୁରି ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛି ଟିଏମସି ।

### ନେପାଳ ନିର୍ବାଚନ

## ବଡ଼ ବିଜୟ ଦିଗରେ ବାଲେନ୍ ଶାହ

କାଠମାଣ୍ଡୁ, ୬।୩: ନେପାଳରେ ଜେନ୍ ଜି ଆନ୍ଦୋଳନ ପରେ ପ୍ରଥମ ଥର ଗୁରୁବାର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ରାପର୍ରୁ ରାଜନେତା ପାଲଟିଥିବା ବାଲେନ୍ଦ୍ର ଶାହଙ୍କ ଦଳ ଆର୍ଏସ୍ପି ବିପୁଳ ବିଜୟ ଦିଗରେ ବଢ଼ୁଛି। ନିର୍ବାଚନ ଫଳାଫଳ ପାଇଁ ଭୋଟ ଗଣନା ଜାରି ରହିଥିବାବେଳେ ଆର୍ଏସ୍ପି ୯୫ ଆସନରେ ଆଗୁଆ ରହିଛି। ପ୍ରାରମ୍ଭିକ ଫଳାଫଳ ଅନୁଯାୟୀ ଦେଶ ଇତିହାସ ରଚିବାକୁ ଯାଉଛି। ଗତବର୍ଷ ସେପ୍ଟେମ୍ବରରେ ହୋଇଥିବା ଜେନ୍ ଜି ଆନ୍ଦୋଳନ କେପି ଶର୍ମା ଓଲିଙ୍କୁ କ୍ଷମତାରୁ ବେଦଖଲ କରିଦେଇଥିଲା। ଦୁଇ ଦିନ ଲାଗି ରହିଥିବା ହିଂସାରେ ୭୭ ଜଣଙ୍କର ମୃତ୍ୟୁ ହୋଇଥିଲା ଓ ୨୦୦୦ରୁ ଅଧିକ ଆହତ ହୋଇଥିଲେ। ଏହି ଘଟଣା ପରେ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ସଂସଦକୁ ଭାଙ୍ଗି ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ସୁଶିଲା କାର୍କିଙ୍କୁ କାମଚଳା ପ୍ରଧାନମନ୍ତ୍ରୀ ନିଯୁକ୍ତ କରିଥିଲେ ।





ଏପର୍ଯ୍ୟନ୍ତ ଆସିଥିବା ଫଳାଫଳ ଅନୁଯାୟୀ ପୁରୁଣା ତଥା ପାରମ୍ପରିକ ପାର୍ଟି ବିଶେଷକରି ବାମପନ୍ଥୀ ସମ୍ପୂର୍ଣ୍ଣ ଧରାଶାୟୀ ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଯୁବପିଢ଼ିଙ୍କ ପ୍ରବଳ ସମର୍ଥନ ଯୋଗୁଁ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍ଏସ୍ପି) ମଜଭୁତ ଭାବେ ଆଗକୁ ବଢ଼ୁଥିବା ଦେଖିବାକୁ ମିଳୁଛି। ସମଗ୍ର ନିର୍ବାଚନରେ ସବୁଠୁ ଚର୍ଚ୍ଚିତ ଓ ହାଇପ୍ରୋଫାଇଲ ଲଢ଼େଇ ଝାପା-୫ ଆସନରେ ହେଉଛି। ଏଠାରେ କାଠମାଣ୍ଡୁର ପୂର୍ବତନ ମେୟର, ର୍‍ୟାପର୍ ତଥା ଆର୍ଏସ୍ପିର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବାଲେନ ଶାହ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କଠାରୁ ବହୁ ଆଗରେ ଅଛନ୍ତି।

ଏହି ନିର୍ବାଚନ ନେପାଳ ରାଜନୀତିରେ ସ୍ପଷ୍ଟ ଭାବେ ପିଢ଼ିଗତ ପରିବର୍ତ୍ତନର କାହାଣୀ ଲେଖିବାକୁ ଯାଉଛି। ନେପାଳରେ ମାର୍ଚ୍ଚ ୫ ତାରିଖରେ ପ୍ରତିନିଧି ସଭା (ସଂସଦର ନିମ୍ନ ସଦନ)ର ୨୭୫ ଆସନରେ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା ।

ନିର୍ବାଚନ ଆୟୋଗ ଭୋଟବାକ୍ସ ଏକାଠି କରିବା ପରେ ତୁରନ୍ତ ଗଣନା ଆରମ୍ଭ କରିଥିଲେ। ନେପାଳ ନିର୍ବାଚନ ଆୟୋଗଙ୍କ ସୂଚନା ଅନୁଯାୟୀ, ଗତକାଲି ପ୍ରାୟ ୬୦% ମତଦାନ ହୋଇଥିଲା। ଦେଶରେ ଏଥିପାଇଁ ୧୦,୯୬୩ ମତଦାନ କେନ୍ଦ୍ର କରାଯାଇଥିଲା। ମାର୍ଚ୍ଚ ୯ ତାରିଖ ସୁଦ୍ଧା ଭୋଟଗଣତି ଶେଷ ହେବ ବୋଲି ମୁଖ୍ୟ ନିର୍ବାଚନ ଆୟୁକ୍ତ ରାମ ପ୍ରସାଦ ଭଣ୍ଡାରି କହିଥିଲେ। ପ୍ରତ୍ୟକ୍ଷ ନିର୍ବାଚନ ହୋଇଥିବା ୧୬୫ ଆସନରେ ଫଳାଫଳ ଆଜି ଆସିଯିବ। ବାକି ୧୧୦ ଆସନରେ ଫଳାଫଳ ଆନୁପାତିକ ପ୍ରତିନିଧିତ୍ୱ ପ୍ରଣାଳୀ ମାଧ୍ୟମରେ ହେବ। ଦ କାଠମାଣ୍ଡୁ ପୋଷ୍ଟ ରିପୋର୍ଟ ଅନୁଯାୟୀ ଓଲିଙ୍କ ସିପିଏନ୍-ୟୁଏମ୍ଏଲ୍ ୯, ନେପାଳୀ କଂଗ୍ରେସ ୧୦ଟି ଆସନରେ ଆଗୁଆ ରହିଛନ୍ତି।

## ଓମ ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ନୂଆଦିଲ୍ଲୀ, ୬।୩: ଲୋକସଭା ବାଚସ୍ପତି ଓମ ବିରଲାଙ୍କୁ ପଦରୁ ହଟାଇବା ପାଇଁ ଆଗତ ପ୍ରସ୍ତାବ ଉପରେ ସମ୍ଭାବିତ ଚର୍ଚ୍ଚାର କିଛି ଦିନ ପୂର୍ବରୁ ଶୁକ୍ରବାର କଂଗ୍ରେସ କହିଛି ଯେ ଏହି ପ୍ରସ୍ତାବ ନିୟମ ଓ ପରମ୍ପରା ଅନୁରୂପ ଅଣାଯାଇଛି। ଏଣୁ ଏହା ଉପରେ ଚର୍ଚ୍ଚା ହେବା ଆବଶ୍ୟକ। ଲୋକସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହେବ। ଲୋକସଭାରେ ବିରଲାଙ୍କ ବିରୋଧରେ ଆଗତ ପ୍ରସ୍ତାବ ଉପରେ ସମ୍ଭବତଃ ସେହିଦିନ ଚର୍ଚ୍ଚା ହୋଇପାରେ। ପ୍ରସ୍ତାବରେ ବିରଲାଙ୍କ ଉପରେ 'ଖୋଲାଖୋଲି' ପାତର ଅନ୍ତର ଅଭିଯୋଗ କରାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ କେବଳ ତୃଣମୂଳ କଂଗ୍ରେସକୁ ଛାଡି ପାଖାପାଖି ସବୁ ବିରୋଧୀ ଦଳଙ୍କ ସାଂସଦମାନେ ଲୋକସଭା ବାଚସ୍ପତିଙ୍କୁ ହଟାଇବା ପ୍ରସ୍ତାବରେ ସ୍ୱାକ୍ଷର କରିଛନ୍ତି। କୁହାଯାଇଛି ଏହା ଉପରେ ମାର୍ଚ୍ଚ ୯ ତାରିଖରେ ବିଚାର କରାଯିବ। ଜୟରାମ ରମେଶ କହିଛନ୍ତି ଯେ ଏହା ଏକ ସୁସ୍ଥ ଲୋକତାନ୍ତ୍ରିକ ପ୍ରକ୍ରିୟା ଓ ଆମେ ଏକ ପ୍ରସ୍ତାବ ପ୍ରସ୍ତୁତ କରିଛୁ ଯାହା ନିୟମ ଓ ପରମ୍ପରା ଅନୁସାରେ। ଏଣୁ ଏହା ଉପରେ ନିୟମାନୁସାରେ ଚର୍ଚ୍ଚା ହେବା ଆବଶ୍ୟକ।



**ନିୟମାନୁସାରେ ଚର୍ଚ୍ଚା ହେବା ଆବଶ୍ୟକ: କଂଗ୍ରେସ**

ସେ କହିଛନ୍ତି ଯେ ଅତୀତରେ ମଧ୍ୟ ଏପରି ଅନେକ ଘଟଣା ଘଟିଛି। ଉଦାହରଣ ଦେବାକୁ ଯାଇ ସେ କହିଛନ୍ତି ଯେ ୧୯୫୪ ମସିହାରେ ଯେତେବେଳେ ମିଳିତ ବିରୋଧୀ ଦଳ ସଦସ୍ୟଙ୍କ ସଂଖ୍ୟା ଅତି ବେଶିରେ ୫୦ ଜଣ ଥିଲେ ଓ ୪୮୯ ସଦସ୍ୟଙ୍କ ସଦନରେ କଂଗ୍ରେସର ୩୬୪ ସାଂସଦ ଥିଲେ। ସେସମୟରେ ତତ୍କାଳୀନ ବାଚସ୍ପତି ଜି.ଭି.ମାଭଲଙ୍କର ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଅଣାଯାଇଥିଲା। କଂଗ୍ରେସ ନେତା କହିଛନ୍ତି ଏହା ଗଣତନ୍ତ୍ରର ମାଧ୍ୟମ, ସଂସଦୀୟ ଗଣତନ୍ତ୍ର ଲାଗି ଅସ୍ତ୍ର। ଏଥିପାଇଁ ବିରୋଧୀଙ୍କ ପୁରା ଅଧିକାର ରହିଛି ଓ ଆମେ ଚର୍ଚ୍ଚା କରିବୁ।

## ନିଖୋଜ ଏପ୍ଷ୍ଟିନ୍ ଫାଇଲ ପ୍ରକାଶ କଲା ଆମେରିକା



ହ୍ୱାଇଟ ହାଉସ କହିଲା ଅଭିଯୋଗ ପ୍ରମାଣବିହୀନ

ନ୍ୟୁୟର୍କ, ୬।୩: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ କଥିତ ଯୌନ ସମ୍ପର୍କ ଅଭିଯୋଗ ନେଇ ଜଣେ ମହିଳାଙ୍କ ଏଫବିଆଇ ସହିତ ସାକ୍ଷାତକାରର ରେକର୍ଡ଼ ଆମେରିକାର ନ୍ୟାୟ ବିଭାଗ ଗୁରୁବାର ପ୍ରକାଶ କରିଛି। ଅଭିଯୁକ୍ତ ଯୌନ ଚାଲାଣକାରୀ ଜେଫ୍ରି ଏପ୍ଷ୍ଟିନ୍ ସମ୍ପର୍କରେ ତଦନ୍ତର ଏକ ଅଂଶ ଭାବରେ ଏଫବିଆଇ ଏଜେଣ୍ଟମାନେ ୨୦୧୯ରେ ଚାରିଥର ମହିଳାଙ୍କ ସାକ୍ଷାତକାର ନେଇଥିଲେ। ନ୍ୟାୟ ବିଭାଗ ପୂର୍ବରୁ ଏକ ଲଗ୍ ପ୍ରକାଶ କରିଥିଲା, ଯେଉଁଥିରେ ସାକ୍ଷାତକାର ସମ୍ପର୍କିତ ଚାରୋଟି ବୈଠକ ମଧ୍ୟରୁ କେବଳ ଗୋଟିଏର ସାରାଂଶ ପ୍ରକାଶ ହୋଇଥିଲା। ମହିଳା ଜଣକ ଅଭିଯୋଗ କରିଥିଲେ ଯେ, ୧୩ରୁ ୧୫ ବର୍ଷ ବୟସ ବେଳେ ଏପିଷ୍ଟିନ୍ ତାଙ୍କୁ ଦୁଷ୍କର୍ମ କରିଥିଲେ।

ଗୁରୁବାର ନ୍ୟାୟ ବିଭାଗ ୱେବସାଇଟରେ ପୋଷ୍ଟ ହୋଇଥିବା ରେକର୍ଡ଼ ଅନୁଯାୟୀ, ନ୍ୟୁୟର୍କ କିମ୍ବା ନ୍ୟୁ ଜର୍ସିରେ ଟ୍ରମ୍ପଙ୍କୁ ଏପ୍ଷ୍ଟିନ୍ ତାଙ୍କ ସହିତ ପରିଚିତ କରାଇବା ପରେ ଟ୍ରମ୍ପ ତାଙ୍କ ସହିତ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ କରିଥିଲେ। ସେତେବେଳେ ତାଙ୍କ ବୟସ ୧୫ ବର୍ଷରୁ କମ୍ ଥିଲା। ତେବେ ହ୍ୱାଇଟ୍ ହାଉସ୍ ପ୍ରେସ୍ ସଚିବ କାରୋଲିନ୍ ଲିଭିଟ୍ ମହିଳାଙ୍କ ଅଭିଯୋଗକୁ ଭିତ୍ତିହୀନ ଓ ପ୍ରମାଣ ବିହୀନ ବୋଲି କହିଥିଲେ। ଆମେରିକା ନ୍ୟାୟ ବିଭାଗ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟ କରି କହିଥିଲା ଯେ, ଏହି ୧୫ଟି ଡକ୍ୟୁମେଣ୍ଟକୁ ଡୁପ୍ଲିକେଟ୍ ଭାବେ କୋଡ କରିଥିବାରୁ ପ୍ରକାଶ କରାଯାଇପାରିନଥିଲା ।

ଏପଷ୍ଟିନ ତଦନ୍ତରୁ ଡକ୍ୟୁମେଣ୍ଟ ପରିଚାଳନା ନେଇ କଂଗ୍ରେସରେ ନ୍ୟାୟ ବିଭାଗ ଯାଞ୍ଚର ସମ୍ମୁଖୀନ ହେଉଥିବା ବେଳେ ଏହି ଫାଇଲ ପ୍ରକାଶ ପାଇଛି। ଡେମୋକ୍ରାଟମାନେ ଟ୍ରମ୍ପଙ୍କ ପ୍ରଶାସନ ଉପରେ ଟ୍ରମ୍ପଙ୍କ ସହ ଜଡିତ ରେକର୍ଡ ଲୁଚାଇବାର ଅଭିଯୋଗ ଆଣିଛନ୍ତି ଏବଂ ହାଉସ ଅଫ୍ ରିପ୍ରେଜେଣ୍ଟେଟିଭସର ଏକ କମିଟି ଆଟର୍ଣ୍ଣି ଜେନେରାଲ ପାମ ବଣ୍ଡିଙ୍କୁ ସମନ ପଠାଇବାକୁ ଭୋଟ୍ ଦେଇଛି ଯାହାଦ୍ୱାରା ଆଇନ ପ୍ରଣୟନକାରୀମାନେ ତାଙ୍କୁ ସରକାର କିପରି ଏହି ପ୍ରକାଶନକୁ ପରିଚାଳନା କରୁଛନ୍ତି ସେ ବିଷୟରେ ପ୍ରଶ୍ନ କରିପାରିବେ।

## ପିଲାମାନଙ୍କୁ ସୋସିଆଲ୍ ମିଡିଆ ବ୍ୟାନ୍



ବେଙ୍ଗାଲୁରୁ, ୬।୩: ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ବ୍ୟବହାରକୁ ନେଇ କଟକଣା ଲାଗୁ କରିବାକୁ ଘୋଷଣା କରାଯାଇଛି। ୧୬ ବର୍ଷରୁ କମ୍ ବୟସର ପିଲାମାନେ ସୋସିଆଲ ମିଡିଆ ବ୍ୟବହାର କରିପାରିବେ ନାହିଁ। ଦେଶରେ ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ଏହା ଲାଗୁ କରିବାକୁ ଯାଉଛି। ଏ ନେଇ ନିଜେ ଘୋଷଣା କରିଛନ୍ତି କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା। କର୍ଣ୍ଣାଟକ ବିଧାନସଭାରେ ସେ ୨୦୨୬-୨୭ ରାଜ୍ୟ ବଜେଟ୍ ଉପସ୍ଥାପନ କରିବା ସମୟରେ ଏହି ଘୋଷଣା କରିଥିଲେ।

ସିଦ୍ଧରମୈୟା କହିଛନ୍ତି ଯେ ପ୍ରସ୍ତାବିତ ପ୍ରତିବନ୍ଧକ ପିଲାମାନଙ୍କ ମଧ୍ୟରେ ଅତ୍ୟଧିକ ସ୍ମାର୍ଟଫୋନ୍ ଏବଂ ସୋସିଆଲ ମିଡିଆ ବ୍ୟବହାରକୁ ନେଇ ବଢ଼ୁଥିବା ଚିନ୍ତାକୁ ଦୂର କରିବା ପାଇଁ ଉଦ୍ଦିଷ୍ଟ। ମୁଖ୍ୟମନ୍ତ୍ରୀ ପୂର୍ବରୁ ବିଶ୍ୱବିଦ୍ୟାଳୟର ଭାଇସ୍ ଚାନ୍ସେଲରମାନଙ୍କ ସହିତ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ, ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ମୋବାଇଲ୍ ଫୋନ୍ ପ୍ରତିବନ୍ଧିତ ହେବା ଉଚିତ କି ନାହିଁ ସେ ବିଷୟରେ ସେମାନଙ୍କର ମତାମତ ଲୋଡ଼ିଥିଲେ।

ରାଜ୍ୟ ଆଇଟି ଏବଂ ବାୟୋଟେକ୍ନୋଲୋଜି ମନ୍ତ୍ରୀ ପ୍ରିୟାଙ୍କ ଖଡଗେ ଚଳିତ ବର୍ଷ ପ୍ରାରମ୍ଭରେ ବିଧାନସଭାରେ କହିଥିଲେ ଯେ ସରକାର ଯୁବ ଉପଭୋକ୍ତାଙ୍କ ମଧ୍ୟରେ କୃତ୍ରିମ ବୁଦ୍ଧିମତ୍ତା ଏବଂ ସାମାଜିକ ଗଣମାଧ୍ୟମର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସୁନିଶ୍ଚିତ କରିବା ପାଇଁ ସମ୍ଭାବ୍ୟ ପଦକ୍ଷେପଗୁଡ଼ିକର ଯାଞ୍ଚ କରୁଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ଦିନେଶ ଗୁଣ୍ଡୁ ରାଓ ମଧ୍ୟ ପିଲାମାନଙ୍କ ଉପରେ ଅତ୍ୟଧିକ ସ୍କ୍ରିନ୍ ଏକ୍ସପୋଜରର ପ୍ରଭାବ ବିଷୟରେ ଚିନ୍ତା ପ୍ରକାଶ କରିଥିଲେ।

ବିଜେପି ବିଧାୟକ ଏବଂ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ସରକାରଙ୍କୁ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେବାକୁ ଅନୁରୋଧ କରି ଚେତାବନୀ ଦେଇଥିଲେ ଯେ ଅନିୟନ୍ତ୍ରିତ ସୋସିଆଲ ମିଡିଆର ପ୍ରସାରଣ ଶିକ୍ଷା ଏବଂ ପାରିବାରିକ ପରିବେଶ ଉଭୟକୁ କ୍ଷତି ପହଞ୍ଚାଇପାରେ। ସୂଚନାଯୋଗ୍ୟ, ଅନେକ ଦେଶ ପୂର୍ବରୁ ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ଉପରେ ସୋସିଆଲ ମିଡିଆ ବ୍ୟବହାର ନେଇ କଟକଣା ଲାଗୁ କରିଛନ୍ତି। ଅଷ୍ଟ୍ରେଲିଆ ଏହି କଠୋର ପଦକ୍ଷେପ ଗ୍ରହଣ କରିଥିବା ବେଳେ ୟୁନାଇଟେଡ୍ କିଙ୍ଗଡମ୍ ଏବଂ ଫିନଲ୍ୟାଣ୍ଡ ମଧ୍ୟ ସମାନ ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋଚନା କରୁଛନ୍ତି।

## ଯୁଦ୍ଧ ପାଇଁ ୫ହଜାର କୋଟିର କ୍ଷତି ସହିଲାଣି ଫାର୍ମା କମ୍ପାନୀ

ନୂଆଦିଲ୍ଲୀ, ୬।୩: ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଯୁଦ୍ଧ ମଧ୍ୟପ୍ରାଚ୍ୟ ଏବଂ ପଶ୍ଚିମ ଏସିଆରେ ଅଶାନ୍ତି ସୃଷ୍ଟି କରିଛି, ଯାହା ଆମଦାନୀ ଏବଂ ରପ୍ତାନି ଉପରେ ସର୍ବାଧିକ ପ୍ରଭାବ ପକାଇପାରେ। ଇରାନ ମଧ୍ୟପ୍ରାଚ୍ୟ ଏବଂ ଦକ୍ଷିଣ ଏସୀୟ ଦେଶଗୁଡ଼ିକ ମଧ୍ୟରେ ଏକ ପ୍ରମୁଖ ଆମଦାନୀ ଏବଂ ରପ୍ତାନି ପଥ ହର୍ମୁଜ ପ୍ରଣାଳୀକୁ ବନ୍ଦ କରିବାକୁ ଧମକ ଦେଇଛି। ଏହି ସମୟରେ, ଭାରତୀୟ ଔଷଧ ରପ୍ତାନି ପ୍ରୋତ୍ସାହନ ପରିଷଦର ଅଧ୍ୟକ୍ଷ ନମିତ ଜୋଶୀ କହିଛନ୍ତି ଯେ ମଧ୍ୟପ୍ରାଚ୍ୟରେ ସାମରିକ ସଂଘର୍ଷ ଏବଂ ବର୍ଦ୍ଧିତ ବିଶ୍ୱ ମାଲ ପରିବହନ ଖର୍ଚ୍ଚ ଯୋଗୁ ମାର୍ଚ୍ଚରେ ରପ୍ତାନିରେ ବାଧା ସୃଷ୍ଟି ହେବା ଯୋଗୁ ଭାରତୀୟ ଔଷଧ ଶିଳ୍ପ ୨,୫୦୦ କୋଟିରୁ ୫,୦୦୦ କୋଟି ପର୍ଯ୍ୟନ୍ତ କ୍ଷତି ସହିପାରେ। ଗଲ୍ଫ ସହଯୋଗ ପରିଷଦ ସଦସ୍ୟ ଦେଶଗୁଡ଼ିକ ଭାରତୀୟ ଔଷଧ କମ୍ପାନୀଗୁଡ଼ିକର ମୋଟ ରପ୍ତାନିର ୫.୫୮ ପ୍ରତିଶତ ଅଟନ୍ତି। ସେ କହିଛନ୍ତି ଯେ ପଶ୍ଚିମ ଏସିଆ ଏବଂ ଉତ୍ତର ଆଫ୍ରିକା ଅଞ୍ଚଳରେ ଔଷଧ ରପ୍ତାନିର ମୂଲ୍ୟ ୨୦୨୦-୨୧ ଆର୍ଥିକ ବର୍ଷରେ ୧୩୨୦ ନିୟୁତ ଡଲାରରୁ ୨୦୨୪-୨୫ ଆର୍ଥିକ ବର୍ଷରେ ୧୭୪୯ ନିୟୁତ ଡଲାରରେ ପହଞ୍ଚିଛି। ନମିତ ଜୋଶୀଙ୍କ ଅନୁଯାୟୀ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ), ସାଉଦି ଆରବ, ଓମାନ, କୁଏତ ଏବଂ ୟେମେନ ଭଳି ପ୍ରମୁଖ ବଜାରଗୁଡ଼ିକ ସୁଲଭ ଏବଂ ଜେନେରିକ ଔଷଧ ପାଇଁ ଭାରତ ଉପରେ ଅତ୍ୟଧିକ ନିର୍ଭର କରନ୍ତି। ନମିତ ଜୋଶୀ କହିଛନ୍ତି ଯେ ବିଶ୍ୱ ମାଲ ପରିବହନ ବଜାରରେ ଚାଲିଥିବା ଚ୍ୟାଲେଞ୍ଜ ଉପସାଗର ଏବଂ ଉତ୍ତର ଆଫ୍ରିକୀୟ ଦେଶଗୁଡ଼ିକୁ ଭାରତୀୟ ଔଷଧ ରପ୍ତାନିକୁ ପ୍ରଭାବିତ କରିପାରେ। ସେ କହିଛନ୍ତି ଯେ ପଶ୍ଚିମ ଏସିଆ ସଙ୍କଟ ଯୋଗୁ ଯଦି ମାର୍ଚ୍ଚରେ ରପ୍ତାନି ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୁଏ, ତେବେ ଶିଳ୍ପ ପ୍ରାୟ ୨,୫୦୦କୋଟିରୁ ୫,୦୦୦ କୋଟି ପର୍ଯ୍ୟନ୍ତ ସମ୍ଭାବ୍ୟ କ୍ଷତି ସହିପାରେ। ନମିତ ଜୋଶୀ ଔଷଧ ରପ୍ତାନିକାରୀଙ୍କ ପାଇଁ ମାଲ ପରିବହନ ରିଲିଫ, ସବସିଡି ଏବଂ ଲଜିଷ୍ଟିକ ସମର୍ଥନ ଭଳି ପଦକ୍ଷେପ ବିଚାର କରିବାକୁ ସରକାରଙ୍କୁ ଅନୁରୋଧ କରିଛନ୍ତି।



## ଧାର୍ଯ୍ୟ ଦରଠାରୁ ଅଧିକ ଭଡ଼ା ଆଦାୟ କରିବା ପଡ଼ିଲା ମହଙ୍ଗା

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଧାର୍ଯ୍ୟ ସୀମାଠାରୁ କୌଣସି ବସ ଅଧିକ ଭଡ଼ା ଆଦାୟ କରିପାରିବେ ନାହିଁ। ଯାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିୟମ ଉଲ୍ଲଙ୍ଘନ କରୁଥିବା ବସ୍ ବିରୋଧରେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ଏହିକ୍ରମରେ, ବିଭିନ୍ନ ଆରଟିଓଙ୍କ ଦ୍ୱାରା ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବସମାନଙ୍କରେ ଅଚାନକ ଯାଞ୍ଚ କରାଯାଇଛି। ଯାତ୍ରୀବାହୀ ବସରେ ଧାର୍ଯ୍ୟ ସୀମାଠାରୁ ଅଧିକ ଭଡ଼ା ଆଦାୟ ନେଇ ଅନେକ ସମୟରେ ଯାତ୍ରୀଙ୍କଠାରୁ ଅଭିଯୋଗ ଆସୁଛି। ଏହା ଉପରେ କଡ଼ା ନଜର ରଖି ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ କୁହାଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଆରଟିଓ ଟିମ ବସ ଯାଞ୍ଚ କରିଛନ୍ତି। ଯାତ୍ରୀମାନଙ୍କ ସହ ଆଲୋଚନା କରିଛନ୍ତି। ପ୍ରଥମଦିନରେ କଟକ ଆରଟିଓଙ୍କ ଏନଫୋର୍ସମେଣ୍ଟ ଟିମ୍ ନିୟମ ଉଲ୍ଲଙ୍ଘନ କରିଥିବା ପାଞ୍ଚଟି ବସ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ମୋଟର ଯାନ ଆଇନର ଧାରା ୧୯୨(କ) ଅନୁଯାୟୀ ଉକ୍ତ ବସ ମାନଙ୍କ ବିରୋଧରେ ଦଶ ହଜାର ଟଙ୍କା ଲେଖାଏଁ ଜରିମାନା କରାଯାଇଛି।

## ୫,୧୦୦ ମହିଳାଙ୍କୁ ଟୋଲ୍ ପ୍ଲାଜାରେ ନିଯୁକ୍ତି

ନୂଆଦିଲ୍ଲୀ,୬।୩(ସଂଚାର ବ୍ୟୁରୋ)ଃ ଭାରତୀୟ ରାଷ୍ଟ୍ରୀୟ ରାଜମାର୍ଗ ପ୍ରାଧିକରଣ(ଏନ୍ଏଚ୍ଏଆଇ) ରାଷ୍ଟ୍ରୀୟ ରାଜମାର୍ଗ ଏବଂ ଏକ୍ସପ୍ରେସ-ୱେ ସ୍ଥିତ ଟୋଲ ପ୍ଲାଜାରେ ମହିଳାମାନଙ୍କ ଭାଗିଦାରୀ ବଢ଼ାଇବା ପାଇଁ ଦେଶ ସାରା ୧,୧୪୦ରୁ ଅଧିକ ଟୋଲ୍ ପ୍ଲାଜାରେ ଦିନ ସିଫ୍ଟରେ ୫, ୧୦୦ରୁ ଅଧିକ ମହିଳା କର୍ମଚାରୀମାନଙ୍କୁ ନିଯୁକ୍ତି କରିଛନ୍ତି। କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ କହିଛି ଯେ ଏହାର ଉଦ୍ଦେଶ୍ୟ ଟୋଲ୍ ସଞ୍ଚାଳନରେ ମହିଳାମାନଙ୍କ ଭାଗିଦାରୀ ସୁନିଶ୍ଚିତ କରିବା, ରୋଜଗାର ଅବସର ସୃଷ୍ଟି କରିବା ଏବଂ ଟୋଲ୍ ପ୍ଲାଜାରେ ଯାତ୍ରୀମାନଙ୍କୁ ଅଧିକ ସମ୍ବେଦନଶୀଳ ଏବଂ ଉପଯୋଗକର୍ତ୍ତା ଅନୁକୂଳ ବାତାବରଣ ଉପଲବ୍ଧ କରାଇବା। ଅଧିକାରିମାନଙ୍କ କହିବା ଯେ ମହିଳା କର୍ମଚାରୀଙ୍କ ନିଯୁକ୍ତିରେ ବିବାଦର ସମ୍ଭାବନା କମ୍ ହେବ ଏବଂ ସେବାର ଗୁଣବତ୍ତା ଉତ୍ତମ ହେବ। ଏନ୍ଏଚ୍ଏଆଇ ଏହି ନିର୍ଣ୍ଣୟ ଉପରେ ବିଭିନ୍ନ ହିତଧାରକ, ଟୋଲ୍ ଅପରେଟର ଏବଂ ଉଦ୍ୟୋଗ ସଂଗଠନ ପରି ନେସନାଲ୍ ହାଇୱେଜ ବିଲ୍ଡର ଫେଡେରେଶନ, ହାଇୱେ ଅପରେଟର୍ସ ଏସୋସିଏଶନ ଅଫ୍ ଇଣ୍ଡିଆ ଏବଂ ଅଲ୍ ଇଣ୍ଡିଆ ୟୁଜର ଫି କାନ୍ଟେକ୍ଟର୍ସ ଫେଡେରେଶନ ବିଷୟରେ ଚର୍ଚ୍ଚା କରିଥିଲେ। ସମସ୍ତେ ଏହାକୁ ସମର୍ଥନ କରିଥିଲେ ଏବଂ ମହିଳା କର୍ମଚାରୀମାନଙ୍କୁ ଦିନ ସିଫ୍ଟରେ ନିଯୁକ୍ତି କରିବା ଉପରେ ସହମତି କରିଛନ୍ତି। ଏନ୍ଏଚ୍ଏଆଇ କହିଛନ୍ତି ଯେ ମହିଳା କର୍ମଚାରୀଙ୍କୁ ବିଶେଷ ପ୍ରଶିକ୍ଷଣ ମଧ୍ୟ ଦିଆଯିବ, ମୁଖ୍ୟତଃ ଗ୍ରାମୀଣ ଅଞ୍ଚଳରୁ ଆସୁଥିବା ମହିଳାମାନଙ୍କୁ। ପ୍ରଶିକ୍ଷଣରେ ଶିଷ୍ଟ ବ୍ୟବହାର, ଜରୁରୀ କାଳୀନ ସ୍ଥିତି ସହିତ ଯୁଝିବାର କ୍ଷମତା, ସୁରକ୍ଷା ପ୍ରୋଟୋଲ୍ ଏବଂ ଟୋଲ୍ ସଞ୍ଚାଳନର ଦକ୍ଷତା ଉପରେ ଧ୍ୟାନ ଦିଆଯିବ।

## ବନ୍ଦ ଘରୁ ନିଖୋଜ ମହିଳାଙ୍କ ମୃତଦେହ ଉଦ୍ଧାର

କୋଲକାତା,୬।୩(ସଂଚାର ବ୍ୟୁରୋ)ଃ ହାଓଡାର ଜଗତବଲ୍ଲଭପୁର ଅଞ୍ଚଳରେ ଗତ ପାଞ୍ଚ ଦିନ ଧରି ନିଖୋଜ ଥିବା ଜଣେ ମହିଳାଙ୍କ ଗଳିତ ମୃତଦେହ ଏକ ବନ୍ଦ ଘରୁ ଉଦ୍ଧାର ହେବା ପରେ ଆତଙ୍କ ବ୍ୟାପିଛି। ମୃତକଙ୍କ ନାମ ଦୁର୍ଗା ମଣ୍ଡଳ, ଯାହାଙ୍କ ହଠାତ୍ ନିଖୋଜ ହେବାକୁ ନେଇ ଅଞ୍ଚଳରେ ଚିନ୍ତାର ବାତାବରଣ ସୃଷ୍ଟି ହୋଇଥିଲା। ଘଟଣାଟି ସନ୍ତୋଷପୁର ମାନ୍ନା ପଡ଼ା ଅଞ୍ଚଳରେ ଘଟିଛି। ସ୍ଥାନୀୟ ବାସିନ୍ଦାଙ୍କ ଅନୁଯାୟୀ, କିଛି ଦିନ ଧରି ଘର ଭିତରୁ କୌଣସି ଶବ୍ଦ କିମ୍ବା ଗତିବିଧି ନ ଶୁଣିବାରୁ ସେମାନେ ସନ୍ଦେହ କରିଥିଲେ। ପରେ ପଡ଼ୋଶୀମାନେ ଥାନାକୁ ଖବର ଦେଇଥିଲେ। ଜଗତବଲ୍ଲଭପୁର ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ଘରଟି ବାହାରୁ ବନ୍ଦ ଥିବା ଦେଖିଥିଲା। ତାଲା ଭାଙ୍ଗି ଭିତରକୁ ପଶିବା ପରେ ସେମାନେ ମହିଳାଙ୍କ ଗଳିତ ମୃତଦେହ ପାଇଥିଲେ। ଏହି ଘଟଣାକୁ ନେଇ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଥିଲା ଓ ଘଟଣାସ୍ଥଳରେ ବହୁସଂଖ୍ୟକ ଲୋକ ଜମା ହୋଇଥିଲେ। ପୁଲିସର କହିବା କଥା ଯେ ମୃତଦେହଟି ଉଲଗ୍ନ ଅବସ୍ଥାରେ ମିଳିଥିଲା ଏବଂ ଶରୀରରେ ଅନେକ କ୍ଷତ ଚିହ୍ନ ଥିଲା। ମହିଳାଙ୍କ ପାଟିରେ ଏକ ଦାଆ ମଧ୍ୟ ଜୋରଜବରଦସ୍ତି ଭର୍ତ୍ତି କରାଯାଇଥିଲା। ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଜଗତବଲ୍ଲଭପୁର ଥାନାର ପୁଲିସ ସମ୍ପୂର୍ଣ୍ଣ ଘଟଣାର ତଦନ୍ତ କରୁଛି।



## ସଉରୀଚରଣ ପିଆଣ୍ଡଟି ଟ୍ରଷ୍ଟ ପକ୍ଷରୁ ଜର୍ସି ବଣ୍ଟନ

କଟକ,୬।୩(ସଂଚାର ବ୍ୟୁରୋ)ଃ କଟକ ଜିଲ୍ଲାର ପ୍ରମୁଖ ଅନୁଷ୍ଠାନ ସଉରୀ ଚରଣ ପିଆଣ୍ଡଟି ଟ୍ରଷ୍ଟ ପକ୍ଷରୁ ଆଜି ହୋଲି ଉତ୍ସବ ଅବସରରେ ଟ୍ରଷ୍ଟ ସଭାପତି ସଉରୀ ଚରଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଖୁଣ୍ଟୁଣୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ପାଖାପାଖି ୬୦ ଜଣ ଛାତ୍ରଛାତ୍ରୀଙ୍କୁ ନୂତନ ଜର୍ସି ବଣ୍ଟନ କରାଯିବା ସହ ହୋଲି ଉତ୍ସବ ପାଳନ କରାଯାଇଛି । କାର୍ଯ୍ୟକ୍ରମକୁ ଯୁବ ସାମ୍ବାଦିକ ପ୍ରଦୀପ କୁମାର ନାୟକ ପରିଚାଳନା କରିଥିବା ବେଳେ କଖଡ଼ି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ଛତାର, ସୁଧାକର ଜି ଅତିଥି ଭାବେ ଯୋଗଦେଇଥିଲେ। ଟ୍ରଷ୍ଟର ଉତ୍ସାହୀ ଯୁବକ ଅଭିନାଶ ବେହେରା, ଶୁଭମ୍ କୁମାର ସାହୁ, ଧନଞ୍ଜୟ ମହାରଣା, ତାପସ କୁମାର ନାୟକ, ରାହୁଲ କୁମାର ପଣ୍ଡିଆରୀ, ଦୀପ୍ତିମୟୀ ସ୍ୱାଇଁ, ଅଞ୍ଜଳି ରାଉତ, ବର୍ଷାରାଣୀ ସାହୁ, ଲୁଜିଙ୍କ ସହ ଟ୍ରଷ୍ଟ ପକ୍ଷରୁ ପ୍ରଶିକ୍ଷଣ ନେଉଥିବା ପାଖାପାଖି ୬୦ ଜଣ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇ ହୋଲି ଉତ୍ସବ ପାଳନ କରିଥିବା ବେଳେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଶୁଭେନ୍ଦୁ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ୧୯୭୮ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁମିଳନ

ଭୁବନେଶ୍ୱର,୬।୩(ସଂଚାର ବ୍ୟୁରୋ)ଃ ଦୀର୍ଘ ୪୮ ବର୍ଷ ପରେ ଜୟଦେବ ବାଟିକାରେ ୮ ନମ୍ବର ସରକାରୀ ବାଳକ ବିଦ୍ୟାଳୟର ୧୯୭୮ ବ୍ୟାଚ୍‌ର ପୁରାତନ ଛାତ୍ରମାନେ ଏକାଠି ହୋଇଥିଲେ। ସମସ୍ତେ ପରିଣତ ବୟସରେ ପଦାର୍ପଣ କରିଥିବା ୩୫ ଜଣ ପୁରାତନ ଛାତ୍ର ଏକାଠି ହୋଇ ନିଜ ଭିତରେ ବାଣ୍ଟିଥିଲେ ସ୍ମୃତି ଓ ଅନୁଭୂତି। ସୁଦୂର ଆମେରିକାର ଟେକ୍ସାସ ଏଆଣ୍ଡଏମ୍ ବିଶ୍ୱବିଦ୍ୟାଳୟରୁ ଆସି ଯୋଗ ଦେଇଥିଲେ ପୁରାତନ ଛାତ୍ର ପ୍ରଫେସର ବିନାୟକ ପ୍ରସାଦ ମହାନ୍ତି। ତାଙ୍କ ଅନୁଭୂତିକୁ ସମସ୍ତଙ୍କ ନିକଟରେ ସେ ବର୍ଣ୍ଣନା କରିଥିଲେ। ସମୟ ଯେମିତି ଅଟକିଯାଇଥିଲା। ସମସ୍ତେ ନିଜ ନିଜର ଅନୁଭୂତିକୁ ବର୍ଣ୍ଣନା କରିସାରିବା ପରେ ଭାବପ୍ରବଣତାର ସ୍ରୋତ ଭିତରେ ସମସ୍ତେ ହଜିଯାଇଥିଲେ। ଜୟଦେବ ବାଟିକାରୁ ଘରକୁ ଫେରିବାକୁ ଯେମିତି କାହାରି ମନ ନ ଥିଲା। ସମସ୍ତେ ଚାହୁଁଥିଲେ ସମୟ ଅଟକିଯାଉ, ବସନ୍ତର ମଳୟ ପବନ ବହୁଥାଉ। ଏହି ପୁରାତନ ଛାତ୍ରମାନେ ଫେରିଯାଆନ୍ତୁ ଅତୀତକୁ। ସେମାନଙ୍କ ଗହଣରୁ ହଜିଯାଇଥିବା କିଛି ପୁରାତନ ଛାତ୍ରମାନଙ୍କ ପାଇଁ ନୀରବ ପ୍ରାର୍ଥନା ସହ ଆଗାମୀ ବନ୍ଧୁମିଳନ ପର୍ଯ୍ୟନ୍ତ ସମସ୍ତେ ସୁସ୍ଥରେ ରୁହନ୍ତୁ ବୋଲି କାମନା କରାଯାଇଥିଲା। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଭାନୁପ୍ରକାଶ ଜେନା, ଅବନୀ କୁମାର ଦାସ, ଗୌରୀ ଶଙ୍କର ସାହୁ, ପ୍ରସନ୍ନ କୁମାର ରାଠୋର ଯୋଗ ଦେଇଥିଲେ।



## ବିଜେପିରେ ଗୋଷ୍ଠୀକନ୍ଦଳ!

### କାଟୱା ଦଳୀୟ କାର୍ଯ୍ୟାଳୟ କାନ୍ଥରେ ବିବାଦୀୟ ପୋଷ୍ଟର

କୋଲକାତା,୬।୩(ସଂଚାର ବ୍ୟୁରୋ)ଃ ଆସନ୍ତାକାଲି କାଟୱାରେ ବିଜେପିର ପରିବର୍ତ୍ତନ ଯାତ୍ରା। ଏହାର ଠିକ୍ ପୂର୍ବରୁ ଆଜି ସକାଳେ ବିଜେପିର ଗୋଷ୍ଠୀ ବିବାଦ ଜୋର ଧରିଛି। ଏଦିନ ସକାଳେ, ଧାନମିଲମୋଡ, ପଞ୍ଚଘଡା ମୋଡ ସମେତ ବିଭିନ୍ନ ଅଞ୍ଚଳରେ ଏବଂ କାଟୱାରେ ଥିବା ବିଜେପିର କାଟୱା ନଗର ପାର୍ଟି ଅଫିସ୍ କାନ୍ଥରେ ବିବାଦୀୟ ପୋଷ୍ଟର ଦେଖିବାକୁ ମିଳିଥିଲା। ପୋଷ୍ଟରର ଲେଖାକୁ ନେଇ ସ୍ଥାନୀୟ ବିଜେପି ସମ୍ପ୍ରଦାୟରେ ଚରମ ଉତ୍ତେଜନା ସୃଷ୍ଟି ପାଇଛି। ଏଥିରେ ଲେଖାଯାଇଛି, '୨୦୨୧ ମସିହା ବିଧାନସଭା ନିର୍ବାଚନରେ ଲଜ୍ଜାଜନକ ପରାଜୟ ପରେ ଯେଉଁମାନେ ୨୦୨୬ ମସିହା ବିଧାନସଭା ନିର୍ବାଚନରେ ବିଜେପିର ରାଜନୈତିକ ମଞ୍ଚରେ କର୍ମୀମାନଙ୍କ ସହିତ ଠିଆ ନ ହୋଇ ଶାସକ ଦଳ ପାଖରେ ବିକ୍ରି ହୋଇଥିବା ସେହି ବିଜେପି ନେତାମାନଙ୍କୁ ଆମେ ଦେଖିବାକୁ ଚାହୁଁନାହୁଁ। ଆମକୁ ଆମର କାଟୱା ବିଧାନସଭା ବିଜେପି ସଂଗଠନକୁ ଅନିଲ ଦତ୍ତ, ପ୍ରଫେସର ଦୟାମୟ ବିଶୁଇ, ପୂର୍ବତନ ଜିଲ୍ଲା ସଭାପତି କୃଷ୍ଣ ଘୋଷ, ସୀମା ଭଟ୍ଟାଚାର୍ଯ୍ୟ, ଅଶୋକ ରାୟ, ପୂର୍ଣ୍ଣେନ୍ଦୁ ଦତ୍ତଙ୍କ ଭଳି ଏହି ସମସ୍ତ ଅକାରଣ ଏବଂ ବିଶ୍ୱାସଘାତକ ନେତାଙ୍କ ହାତରୁ ରକ୍ଷା କରିବାକୁ ପଡ଼ିବ।' ପ୍ରଶ୍ନ ଉଠାଯାଉଛି ଯେ କିଏ କିମ୍ବା କେଉଁମାନେ ଧ୍ୟାନ ନ ଦେଇ ଏପରି ପୋଷ୍ଟର ଲଗାଇଛି। ତେବେ, ବିଜେପି ସୂତ୍ର ଅନୁସାରେ, ଗୋଷ୍ଠୀ ସଂଘର୍ଷ ଯୋଗୁଁ କିଛି କ୍ରୋଧିତ ବିଜେପି କର୍ମୀ ଏବଂ ସମର୍ଥକ ଏହି ଘଟଣା ଘଟାଇଛନ୍ତି।

## ରାଷ୍ଟ୍ରପତିଙ୍କ ଦାର୍ଜିଲିଂ ଗସ୍ତ

### ଦିନକ ପାଇଁ ଆସୁଛନ୍ତି ମହାମହିମ

କୋଲକାତା,୬।୩(ସଂଚାର ବ୍ୟୁରୋ)ଃ ରାଜ୍ୟପାଳ ସିଭି ଆନନ୍ଦ ବୋଷଙ୍କ ହଠାତ୍ ଇସ୍ତଫା। ଏହି ଘଟଣା ଯୋଗୁଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତରେ କେତେକ ପରିବର୍ତ୍ତନ କରାଯାଇଛି। ଦୁଇ ଦିନ ପରିବର୍ତ୍ତେ ସେ କେବଳ ଗୋଟିଏ ଦିନ ପାଇଁ ଆସୁଛନ୍ତି। ଶୁକ୍ରବାର ରାଷ୍ଟ୍ରପତି ଭବନରୁ ଘୋଷଣା କରାଯାଇଛି ଯେ ସେ ଶୁକ୍ରବାର ପରିବର୍ତ୍ତେ ଶନିବାର ଅର୍ଥାତ୍ ମାର୍ଚ୍ଚ ୭ ତାରିଖରେ ଦାର୍ଜିଲିଂରେ ପହଞ୍ଚିବେ। ଗୁରୁବାର ଆନନ୍ଦ ବୋଷଙ୍କ ଇସ୍ତଫା ପରେ, ତାମିଲନାଡୁର ଆର୍‌ଏନ୍ ରବିଙ୍କ ନାମ ବଙ୍ଗଳାର ନୂତନ ରାଜ୍ୟପାଳ ଭାବରେ ଘୋଷଣା କରାଯାଇଛି। ବିଶ୍ୱାସ କରାଯାଉଛି ଯେ ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀରେ ଏହି ପରିବର୍ତ୍ତନ ଏହି ପ୍ରଶାସନିକ ପୁନର୍ଗଠନ ଯୋଗୁଁ ହୋଇଛି। ରାଷ୍ଟ୍ରପତି ଭବନ ସୂତ୍ର ଅନୁସାରେ, ରାଷ୍ଟ୍ରପତି ଶନିବାର ଦିନ ଦାର୍ଜିଲିଂରେ 'ଆନ୍ତର୍ଜାତୀୟ ସାନ୍ତାଳ ପରିଷଦ' ଦ୍ୱାରା ଆୟୋଜିତ ୯ମ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ଯୋଗଦେବେ। ପୂର୍ବ କାର୍ଯ୍ୟସୂଚୀ ଅନୁଯାୟୀ, ସେ ଶୁକ୍ରବାର ଦିନ ଦାର୍ଜିଲିଂ ପାହାଡ଼ ମହୋତ୍ସବ ଆରମ୍ଭ କରିବା ଏବଂ ଲୋକଭବନରେ ଏକ ପ୍ରଦର୍ଶନୀ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ଥିଲା। ଶୁକ୍ରବାର ଦିନ ସେ ଆଇଆଇଟି ଖଡ଼ଗପୁରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମକୁ ଭର୍ଚୁଆଲ୍ ଭାବରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ମଧ୍ୟ ଥିଲା। କିନ୍ତୁ ନୂତନ କାର୍ଯ୍ୟସୂଚୀରେ ସେହି କାର୍ଯ୍ୟକ୍ରମଗୁଡ଼ିକର ଉଲ୍ଲେଖ ନାହିଁ।

## ହାଓଡା ଗୁଳିକାଣ୍ଡ ମାମଲା

### ମୁଖ୍ୟ ଅଭିଯୁକ୍ତ କୋର୍ଟରେ ହାଜର

#### କୋର୍ଟ ବାହାରେ ଭୀଷଣ ଉତ୍ତେଜନା

କୋଲକାତା,୬।୩(ସଂଚାର ବ୍ୟୁରୋ)ଃ ହାଓଡ଼ାର ପିଲଖାନା ଅଞ୍ଚଳରେ ଘଟିଥିବା ଶଫିକ୍ ଖାନ ହତ୍ୟା ମାମଲାର ଦୁଇ ପ୍ରମୁଖ ଅଭିଯୁକ୍ତଙ୍କୁ ଶୁକ୍ରବାର କଡ଼ା ସୁରକ୍ଷା ମଧ୍ୟରେ ହାଓଡ଼ା କୋର୍ଟରେ ହାଜର କରାଯାଇଥିଲା। ଗିରଫ ସନ୍ଦିଗ୍ଧ ବ୍ୟକ୍ତି, ହାରୁନ୍ ଖାନ ଏବଂ ରୋହିତ ହୁସେନଙ୍କୁ ହତ୍ୟା ମାମଲାରେ ପଚରାଉଚରା ପାଇଁ କୋର୍ଟକୁ ଅଣାଯାଇଥିଲା। କୋର୍ଟ ପରିସରରେ ଏକ ଉତ୍ତେଜନାପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା। ଅଭିଯୁକ୍ତମାନେ କୋର୍ଟରେ ପହଞ୍ଚିବା ମାତ୍ରେ ମୃତକଙ୍କ ପରିବାର ସଦସ୍ୟ ଏବଂ ସେମାନଙ୍କ ସହଯୋଗୀମାନେ କୋର୍ଟ ଲକ୍-ଅପ୍ ବାହାରେ ଏକତ୍ରିତ ହୋଇଥିଲେ। ପ୍ରତିବାଦକାରୀମାନେ ପୋଷ୍ଟର ଧରି ସ୍ଲୋଗାନ ଦେଇଥିଲେ ଏବଂ ଅଭିଯୁକ୍ତମାନଙ୍କୁ ସେମାନଙ୍କୁ ହସ୍ତାନ୍ତର କରିବାକୁ ଦାବି କରିଥିଲେ।

# ପୂର୍ତ୍ତ ବିଭାଗରେ ୨ ହଜାର ଯନ୍ତ୍ରୀ ପଦବୀ ଖାଲି

ଭୁବନେଶ୍ୱର,୬।୩ଃ ପୂର୍ତ୍ତ ବିଭାଗର ପ୍ରମୁଖ କାର୍ଯ୍ୟ ଯନ୍ତ୍ରୀମାନଙ୍କ ଉପରେ ନିର୍ଭର କରୁଥିବାବେଳେ ବିଭାଗରେ କିନ୍ତୁ ୨ହଜାରରୁ ଅଧିକ ଯନ୍ତ୍ରୀ ପଦବୀ ଖାଲି ପଡିଛି। ସର୍ବୋଚ୍ଚ ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀଙ୍କ ପର୍ଯ୍ୟନ୍ତ ହଜାର ହଜାର ପଦବୀ ଖାଲି ବିଭାଗୀୟ କାର୍ଯ୍ୟରେ ପ୍ରତିବନ୍ଧକ ସାଜୁଥିବା ନେଇ ଖୋଦ୍ ଯନ୍ତ୍ରୀମାନେ ସ୍ୱୀକାର କରୁଛନ୍ତି।

ପୂର୍ତ୍ତ ବିଭାଗର ଇଞ୍ଜିନିୟରିଂ କ୍ୟାଡରରେ ୪୫୫୯ଟି ମଞ୍ଜୁରୀପ୍ରାପ୍ତ ପଦବୀ ରହିଥିବାବେଳେ ଏଥିରୁ ୨୦୬୫ଟି ପଦବୀ ଖାଲି ପଡିଛି। ସର୍ବୋଚ୍ଚ ଯନ୍ତ୍ରୀ ପାହ୍ୟାରେ ୮ଟି ପଦବୀ ଥିବାବେଳେ ଏଥିରୁ ୨ଟି ଖାଲି ପଡିଛି। ସେହିଭଳି ମୁଖ୍ୟମନ୍ତ୍ରୀ ପାହ୍ୟାରେ ଥିବା ୨୩ଟି ପଦବୀ ମଧ୍ୟରୁ ୨ଟି ଖାଲି ପଡିଥିବାବେଳେ ଅତିରିକ୍ତ ମୁଖ୍ୟମନ୍ତ୍ରୀ ପାହ୍ୟାରେ ୬୦ଟି ପଦବୀ ମଧ୍ୟରୁ ୫ଟି ଖାଲିପଡିଛି। ବିଭାଗରେ ଥିବା ୧୮୯ଟି ଅଧୀକ୍ଷଣ ଯନ୍ତ୍ରୀ ପଦବୀ ମଧ୍ୟରୁ ୨୫ଟି ପଦବୀ ଖାଲି ପଡିଥିବାବେଳେ ୨୨୫ ନିର୍ବାହୀଯନ୍ତ୍ରୀ ପଦବୀ ମଧ୍ୟରୁ ମାତ୍ର ୩ଟି ଖାଲି ରହିଛି। ତେବେ କ୍ଷେତ୍ର ସ୍ତରରେ ନିର୍ମାଣକାର୍ଯ୍ୟ ତଦାରଖର ପ୍ରମୁଖ ଦାୟିତ୍ୱ ତୁଲାଉଥିବା ୧୧୯୪ସହକାରୀ ନିର୍ବାହୀଯନ୍ତ୍ରୀ ପଦବୀ ମଧ୍ୟରୁ ୬୨୧ଟି ପଦବୀ ଖାଲି ପଡିଥିବାବେଳେ ୧୪୬୪ ସହକାରୀ ଯନ୍ତ୍ରୀ ପଦବୀ ମଧ୍ୟରୁ ୧୩୩୬ଟି ପଦବୀ ଖାଲି ପଡିଛି। ତେବେ ୧୩୧୬ଟି କନିଷ୍ଠ ଯନ୍ତ୍ରୀ ପଦବୀ ମଧ୍ୟରୁ ୭୧ଟି ଖାଲି ରହିଛି। ତେବେ ଖାଲି ପଡ଼ିଥିବା ପଦବୀଗୁଡିକ ମଧ୍ୟରୁ ପଦୋନ୍ନତି ଭିତ୍ତିରେ ପୂରଣ କରାଯିବାକୁ ଥିବା ପଦବୀଗୁଡ଼ିକୁ ବିଭାଗୀୟ ପଦୋନ୍ନତି କମିଟିଙ୍କ ସୁପାରିଶ୍ ଆଧାରରେ ପୂରଣ କରାଯାଉଥିବା ସରକାର ଦର୍ଶାଉଥିବାବେଳେ ସିଧା ସଳଖ ନିଯୁକ୍ତି ପ୍ରକ୍ରିୟା ମାଧ୍ୟମରେ ପୂରଣ କରାଯିବାକୁ ଥିବା ପଦବୀ ଗୁଡିକର ପୂରଣ ନିମନ୍ତେ ଓଡିଶା ଲୋକସେବା ଆୟୋଗ ଏବଂ ଓଡିଶା କର୍ମଚାରୀ ପ୍ରବରର ଆୟୋଗଙ୍କୁ ଅନୁରୋଧ କରାଯାଇଛି। ତେବେ କନିଷ୍ଠ ଯନ୍ତ୍ରୀଙ୍କ ଠାରୁ ସହକାରୀ ଯନ୍ତ୍ରୀ ପଦୋନ୍ନତି ଭିତ୍ତିକ ଚୟନ ମାନ୍ୟବର ଉଚ୍ଚନ୍ୟାୟାଳୟରେ ବିଚାରାଧିନ ଥିବା ହେତୁ ବର୍ତ୍ତମାନ ତାହା ସ୍ଥଗିତ ରହିଥିବା ଜଣାଯାଇଛି।

ତେବେ ପୂର୍ତ୍ତ ବିଭାଗରେ ଇଞ୍ଜିନିୟରିଂ କ୍ୟାଡରରେ ଏତେ ସଂଖ୍ୟକ ପଦବୀ ଖାଲି ପଡିବା କେବଳ ରାଜ୍ୟରେ ନିର୍ମାଣ କାର୍ଯ୍ୟକୁ ପ୍ରଭାବିତ କରୁନାହିଁ, ବିଭାଗ ପାଇଁ ବଜେଟ୍‌ରେ ବରାଦ ହେଉଥିବା ଅର୍ଥ ବ୍ୟୟ କ୍ଷେତ୍ରରେ ମଧ୍ୟ ଏହା ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ପୂର୍ବରୁ ନିୟମିତ ଭାବେ ପଦବୀ ପୂରଣ ନହେବାରୁ ଏଭଳି ସ୍ଥିତି ଉପୁଜିଥିବାବେଳେ ଯନ୍ତ୍ରୀମାନେ ପଦୋନ୍ନତିକୁ ନେଇ ଏକାଧିକ ମାମଲା ରୁଜୁ କରିବା ଫଳରେ ପଦୋନ୍ନତି ଅଟକିବା ସହିତ ତଳସ୍ତରରେ ପଦବୀ ପୂରଣରେ ମଧ୍ୟ ସମସ୍ୟା ଦେଖା ଦେଉଛି। (ତଥ୍ୟ)

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବିକଶିତ...

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶ ବିକାଶ ପଥରେ ଆଗେଇ ଚାଲିଛି। ନିକଟ ଅତୀତରେ କୃତ୍ରିମ ବୁଦ୍ଧିମତା (ଏଆଇ) ସମ୍ମିଳନୀର ଆୟୋଜନ କରାଯାଇଛି, ଯେଉଁଥିରେ ବିଭିନ୍ନ ଦେଶର ନେତୃତ୍ୱ ନେଉଥିବା ଜନପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ପ୍ରତି ବର୍ଗର ପ୍ରତିଟି ବ୍ୟକ୍ତିଙ୍କୁ ବିକାଶ ପ୍ରକ୍ରିୟାରେ ସାମିଲ୍ କରି ବିକଶିତ ଓଡ଼ିଶା ଗଠନ ଦିଗରେ ଅଗ୍ରସର ହେଉଛି ବୋଲି ସେ କହିଛନ୍ତି।

ଏହି ଅବସରରେ ସେ ପୂର୍ବ ବିଜେଡି ସରକାର ଉପରେ ମଧ୍ୟ ବର୍ଷିଛନ୍ତି। ଓଡ଼ିଶାରେ ଯାହା ଦୁଇ ଦଶନ୍ଧି ମଧ୍ୟରେ ହୋଇ ନ ଥିଲା, ତାହା ଏବେ ସମ୍ଭବ ହେଲା। ଆମେ ବିକାଶର ନୂଆ ଦିଗ ଦେଖାଇଲୁ, ନାଗରିକଙ୍କୁ ଅଧିକାର ଦେଲୁ। ପୂର୍ବ ସରକାର ଜନାଦେଶକୁ ବାଧ୍ୟବାଧକତା ଭାବୁଥିଲେ ଓ ୨୦ ବର୍ଷ ଧରି ଶାସନ କରି ରାଜ୍ୟର ବିକାଶକୁ ଠପ୍ କରିଦେଲେ। ଏବେ ଭାରତ ଦ୍ରୁତଗତିରେ ବଢୁଥିବା ଅର୍ଥ ବ୍ୟବସ୍ଥା ବୋଲି ଶ୍ରୀ ଶାହ କହିଛନ୍ତି। ସେହିଭଳି କଂଗ୍ରେସକୁ ବି ତୀବ୍ର ସମାଲୋଚନା କରି ସେ କହିଥିଲେ ଯେ ଦେଶର ସର୍ବପୁରାତନ ଦଳ ଦେଶର ରାଜନୀତିକୁ ନକାରାତ୍ମକ ଦିଗକୁ ନେଉଛି। ଦିଲ୍ଲୀ ଏଆଇ ସମ୍ମିଳନୀରେ କଂଗ୍ରେସ ପୋଷାକ ଓହ୍ଲାଇ ଆନ୍ଦୋଳନ କରିବା ଘଟଣା ତା'ର ଉଦାହରଣ ବୋଲି ସେ କହିଛନ୍ତି। ଅନ୍ୟପଟେ ଆଜି ପାରାଦୀପ କାର୍ଯ୍ୟକ୍ରମରେ ଯୋଗଦେଇ ଗୁଜରାଟ ଭଳି ଓଡ଼ିଶାର ବିକାଶ ହେବ ବୋଲି କହିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ। ଗୁଜରାଟ ଭଳି ରାଜ୍ୟର ପ୍ରତିଟି ଗାଁରେ ଡାଏରୀ ପହଞ୍ଚିବ। ପାରାଦୀପରେ ଇଫକୋ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟ ଉଦ୍‌ଘାଟନ ଅବସରରେ ଶ୍ରୀ ଶାହ କହିଛନ୍ତି ଯେ ୩୬ ଲକ୍ଷ ଗ୍ରାମୀଣ ମହିଳା ଅମୁଲକୁ ଆନ୍ଦୋଳନରେ ପରିଣତ କରିଛନ୍ତି। ଆଉ ସମାନ ଢଙ୍ଗରେ ଓଡ଼ିଶାରେ ବି ଗ୍ରାମୀଣଙ୍କ ଜନଜୀବନକୁ ସମୃଦ୍ଧ କରାଯିବ। ସେ ଆଜି ମୋଟ ୩ ହଜାର ୨୭୫ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିସହ ୬ଟି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହା ମାଧ୍ୟମରେ ଓଡ଼ିଶାର ଚାଷୀ ସମୃଦ୍ଧ ହେବେ, ଓଡ଼ିଶାର ଯୁବକ ସମୃଦ୍ଧ ହେବେ, ଓଡ଼ିଶାର ମା'ମାନେ ସମୃଦ୍ଧ ହେବେ ଓ ସାରା ଓଡ଼ିଶା ସମୃଦ୍ଧ ହେବ ବୋଲି ଶ୍ରୀ ଶାହ ଆଶା ପ୍ରକାଶ କରିଛନ୍ତି।

ଦେଶର ପ୍ରଥମ ରାଜ୍ୟ ଭାବେ ଓଡ଼ିଶା ସମବାୟ ନୀତି -୨୦୨୬ କାର୍ଯ୍ୟକାରିତାର ଶୁଭାରମ୍ଭ କରିଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ। ଏହି ନୂଆ ନୀତି କେନ୍ଦ୍ର ସରକାରଙ୍କ ଜାତୀୟ ନୀତିର ଦୃଷ୍ଟିକୋଣକୁ ଆଧାର କରି ପ୍ରସ୍ତୁତ କରାଯାଇଛି। 'ସହକାର୍ ସେ ସମୃଦ୍ଧି'ର ଦୂରଦୃଷ୍ଟିକୁ ନେଇ ସମୃଦ୍ଧ ଓଡ଼ିଶା-୨୦୩୬ର ପରିକଳ୍ପନା ମଧ୍ୟ ଏଥିରେ ରହିଛି। ଏଥିସହ ୧୫୬୬ ପ୍ୟାକ୍ସର କମନ୍ ସର୍ଭିସ୍ ସେଣ୍ଟର ଲୋକାର୍ପଣ ସହ ଅନେକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସ୍କୁଲ ଅଫ୍ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ସ୍ଥାପନ ପାଇଁ ମଧ୍ୟ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ବଡ଼ମ୍ବା ଅଞ୍ଚଳର ଲକ୍ଷ ଲକ୍ଷ ଲୋକଙ୍କ ସ୍ୱପ୍ନ ପୂରଣ ହୋଇଛି। ବଡ଼ମ୍ବା ସମବାୟ ଚିନି କଳର ପୁନରୁଦ୍ଧାର ପାଇଁ ଇଣ୍ଡିଆନ୍ ପଟାସ୍ ଲିମିଟେଡ୍ ସହ ବୁଝାମଣା ହୋଇଛି।

ସେହିପରି ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ସ୍ୱତନ୍ତ୍ର ସମାବେଶରେ ଯୋଗଦେବା ଅବସରରେ ଶ୍ରୀ ଶାହା ପ୍ରଥମେ ନାଗରିକ କେନ୍ଦ୍ରିକ ନୂତନ ନ୍ୟାୟ ସଂହିତାର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ପୁଲିସ ସହ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଓ ଆଇଆଇଟି, ଭୁବନେଶ୍ୱର ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଥିସହ ରାଜ୍ୟର ୨୦ ଜିଲ୍ଲାରେ ୨୦ଟି ନୂତନ ସାଇବର କ୍ରାଇମ ଓ ଅର୍ଥନୈତିକ ଅପରାଧ ପୁଲିସ ଥାନାର ଲୋକାର୍ପଣ ଆଭାସୀ ମାଧ୍ୟମରେ କରିଛନ୍ତି। ରାଜ୍ୟର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ ଓ ଲୋକାଭିମୁଖୀ କରିବା ପାଇଁ ୨୪ଟି ନୂତନ ଥାନାର ଲୋକାର୍ପଣ ମଧ୍ୟ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶାହ।

## 'ଦୁଇଟି...

ହେବାକୁ ଯାଉଛି। କେନ୍ଦ୍ର ଗୃହ ମନ୍ତ୍ରୀ ଆଜି ଜାତୀୟ ଫୋରେନସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଭିତ୍ତିପ୍ରସ୍ତର ଓ ଅସ୍ଥାୟୀ କ୍ୟାମ୍ପସର ଉଦ୍‌ଘାଟନ କରିଛନ୍ତି। ଏଥିସହ କେନ୍ଦ୍ରୀୟ ଫୋରେନସିକ୍ ବିଜ୍ଞାନ ପ୍ରୟୋଗଶାଳାର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପାରାଦୀପରେ ଇଫକୋର ନୂତନ ସଲଫ୍ୟୁରିକ୍ ଏସିଡ୍ ପ୍ଲାଣ୍ଟକୁ ମଧ୍ୟ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଓଡ଼ିଶା ପୁଲିସ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି। ଏହା ସାଇବର ସୁରକ୍ଷା ଏବଂ ତଦନ୍ତ କ୍ଷେତ୍ରରେ ଆମ ପୁଲିସର ସାମର୍ଥ୍ୟ ବୃଦ୍ଧି କରିବ। ଏଥିସହ ଓଡ଼ିଶା ପୁଲିସ ଏବଂ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ମଧ୍ୟରେ ଆଉ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହେଉଛି। ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ପୋଲିସକୁ ଆଧୁନିକ ତାଲିମ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଡ଼ିଶା ପୁଲିସକୁ ଶକ୍ତିଶାଳୀ, ପ୍ରଭାବଶାଳୀ ଓ ବୃତ୍ତିଗତ କରିବାରେ କେନ୍ଦ୍ରର ବଳିଷ୍ଠ ସହଯୋଗ ରହିଛି। ୨୦୨୫ର ପ୍ରଥମ ୬ ମାସରେ ରାଜ୍ୟରେ ମହିଳା ବିରୋଧୀ ଅପରାଧରେ ଦଣ୍ଡ ହାର ୪୧ ପ୍ରତିଶତ ବୃଦ୍ଧି ପାଇଛି, ଯାହା ୨୦୨୩ରେ ମାତ୍ର ୬.୭ ପ୍ରତିଶତ ଥିଲା ବୋଲି ସେ କହିଛନ୍ତି। ସେହିଭଳି ସମବାୟ କ୍ଷେତ୍ରରେ ଓଡ଼ିଶା ମିଲ୍କ ଫେଡେରେସନ୍ (ଓମ୍‌ଫେଡ୍) ହେଉଛି ଓଡ଼ିଶାର କାମଧେନୁ। ଦିନକୁ ୫ ଲକ୍ଷ ଲିଟରରୁ ଅଧିକ ଦୁଗ୍ଧ ସଂଗ୍ରହ କରି ଚାଷୀଙ୍କୁ ରୋଜଗାର ଦେବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିରକୁ ମାସକୁ ୩୦ ଟନ୍ ଶୁଦ୍ଧ ଘିଅ ଯୋଗାଇଦେଇ ଆମ ଆଧ୍ୟାତ୍ମିକ ଜୀବନଧାରାରେ ଶୁଦ୍ଧତାକୁ ବଜାୟ ରଖିବାରେ ସହାୟକ ହୋଇପାରିଛି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଦୁଗ୍ଧ ଉତ୍ପାଦନ, ଗୋ-ପାଳନ ତଥା ଗୋ-ମାତାଙ୍କ ସୁରକ୍ଷା ପାଇଁ ନିରନ୍ତର ଭାବେ କାର୍ଯ୍ୟରତ ଅଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି।

## ଏପ୍ରିଲ୍...

ପ୍ରକ୍ରିୟାରେ ବୁଥ ସ୍ତରୀୟ ଅଧିକାରୀମାନେ କ୍ଷେତ୍ର ସ୍ତରରେ ସହାୟତା କରିବେ ଏବଂ ଇସିଆଇ ନେଟ ପୋର୍ଟାଲ୍, ଭୋଟର ସେବା ପୋର୍ଟାଲ୍, ସିଇଓ ଓଡ଼ିଶା ୱେବସାଇଟ୍ ଓ ଇସିଆଇନେଟ ମୋବାଇଲ୍ ଆପ୍ ମାଧ୍ୟମରେ ଭୋଟରମାନେ ତଥ୍ୟ ଯାଞ୍ଚ କରିପାରିବେ। ଯଦି ୨୦୦୨ ତାଲିକାରେ ନାମ ନ ମିଳେ, ତେବେ ନିଜ ପିତା/ମାତାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଯଦି୨୦୦୨ ଭୋଟର ତାଲିକାରେ ନିଜର, ପିତା/ମାତାଙ୍କର ନାମ ପାଇବାରେ ଅସମର୍ଥ ହୁଅନ୍ତି ତେବେ ନିଜର ଜେଜେବାପା/ଜେଜେମାଙ୍କ ବିବରଣୀ ଦେଇ ମ୍ୟାପିଂ କରାଇପାରିବେ। ଏହି ମ୍ୟାପିଂ ପ୍ରକ୍ରିୟା ପାଇଁ କୌଣସି ଦସ୍ତାବିଜ କିମ୍ବା ଆଧାର କାର୍ଡ ଦେବା ଆବଶ୍ୟକ ନୁହେଁ ଏବଂ ଏସଆଇଆର ଆରମ୍ଭ ହେଲେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ ନାମ ପଞ୍ଜିକରଣ କରାଯିବ ବୋଲି ସେ କହିଛନ୍ତି।

## ଅନୁଜ...

ସତ୍ୟକାମ। ନିଜର ଶେଷ ପ୍ରୟାସରେ ଏହି ସଫଳତା ହାତେଇଛନ୍ତି ସାତ୍ୱିକ। ସେହିପରି ପୁରୀର ଅମ୍ରିତ ମହାପାତ୍ର ତାଲିକାର ୧୨୧ ତମ ସ୍ଥାନରେ ଅଛନ୍ତି। ୟୁପିଏସସି ଉତୀର୍ଣ୍ଣ ହେବା ପରେ ପରିବାରରେ ଖୁସିର ଲହରି ଖେଳି ଯାଇଛି। ଅମ୍ରିତ ୨୦୨୪ ଓଏଏସ୍ ପରୀକ୍ଷାରେ ୪୨ ନମ୍ବର ସ୍ଥାନରେ ରହିଥିଲେ। କିନ୍ତୁ ତାଙ୍କ ପ୍ରକୃତ ଲକ୍ଷ୍ୟଥିଲା ଭାରତୀୟ ପ୍ରଶାସନିକ ସେବା। ତେବେ ୟୁପିଏସସି ପରୀକ୍ଷାରେ ଉତୀର୍ଣ୍ଣ ହେବା ପରେ ଲୁହ ଛଳ ଛଳ ଆଖିରେ ଅମ୍ରିତ କହିଛନ୍ତି, ଏହା ବର୍ଷ ବର୍ଷର ପରିଶ୍ରମର ଫଳ।

## ପାରାଦୀପ...

ବଡ଼ ସ୍ୱପ୍ନ ଦେଖିବା ସହ କୋଟିପତି ହେବାର ସୁଯୋଗ ପାଉଛି। ଶେଷରେ ଶ୍ରୀ ପ୍ରଧାନ ଏହି ଦୂରଦୃଷ୍ଟି ସମ୍ପନ୍ନ ପଦକ୍ଷେପ ପାଇଁ ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଶିଳ୍ପ, କୌଶଳ ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ବିଧାୟକ ଅମରେନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଦିଲ୍ଲୀପଙ୍କ...

ଜିତିବେ, ସେନେଇ ଶ୍ରୀ ଶାହ କୋର କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହି ନିର୍ବାଚନ ବିଜେପି ପାଇଁ ସମ୍ମାନର ପ୍ରଶ୍ନ ହୋଇଛି। ତେଣୁ ଦିଲ୍ଲୀପ ରାୟଙ୍କ ବିଜୟକୁ ଶାହ ଗୁରୁତ୍ୱ ଦେଇଥିବା ଜଣାପଡ଼ିଛି। ଏଥିସହ ସେ ସଂଗଠନ ଓ ସରକାର ନେଇ ମଧ୍ୟ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମରଙ୍କ ସହ ଆଲୋଚନା କରିଛନ୍ତି। ପ୍ରାୟ ଦେଢ଼ ଘଣ୍ଟା ଧରି ଶ୍ରୀ ଶାହ ପର୍ଯ୍ୟାୟ କ୍ରମେ ବିଭିନ୍ନ ସ୍ତରରେ ଦଳର ନେତାଙ୍କ ସହ ଆଲୋଚନା କରିବା ପରେ ରାଜ୍ୟ ପ୍ରଭାରୀ, ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହ ଏକ ଗୁପ୍ତ ବୈଠକ କରିଥିବା ଜଣାପଡ଼ିଛି।

ବୈଠକ ପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଶ୍ରୀ ଶାହ ରାଜ୍ୟସଭା ପ୍ରାର୍ଥୀଙ୍କୁ ଭେଟି ଆଲୋଚନା କରିଛନ୍ତି। ଚତୁର୍ଥ ସିଟ୍ ଆମେ ନିଶ୍ଚୟ ଜିତିବୁ ବୋଲି ସେ କହିଛନ୍ତି। ଏଥିସହ ଦଳୀୟ ସଂଗଠନ ବିଷୟରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀ ଶାହଙ୍କୁ କିଛିଟା ପ୍ରସ୍ତାବ ଦେଇଛନ୍ତି, ଯାହାକୁ ସେ ଗ୍ରହଣ କରିଛନ୍ତି। ସେହିଭଳି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିବା ପରେ ବିଜେପି ରାଜ୍ୟସଭା ପ୍ରାର୍ଥୀ ସୁଜିତ୍ କୁମାର କହିଛନ୍ତି, ବିଧାୟକ ଓ ସାଂସଦମାନଙ୍କୁ ଭଲ କାମ କରିବାକୁ ପରାମର୍ଶ ଦେଇଛନ୍ତି।

ସାଂସଦ ପ୍ରଦୀପ ପୁରୋହିତ କହିଛନ୍ତି ଯେ ରାଜ୍ୟସଭା ପାଇଁ ସମସ୍ତ ପ୍ରାର୍ଥୀଙ୍କୁ ଜିତାଇବାକୁ ଶ୍ରୀ ଶାହ ଗୁରୁତ୍ୱ ଦେଇଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ବିଜେପି ସମର୍ଥନ ଦେଇଛି, କିନ୍ତୁ ତାଙ୍କୁ କିଭଳି ଜିତାଇବେ ସେ ନେଇ ବିଧାୟକମାନଙ୍କୁ କହିଛନ୍ତି କେନ୍ଦ୍ର ମନ୍ତ୍ରୀ। ଦିଲୀପ ରାୟଙ୍କ ବ୍ୟକ୍ତିଗତ ସମ୍ପର୍କ ଅନ୍ୟ ଦଳର କିଛି ବିଧାୟକଙ୍କ ସହ ବି ଭଲ ରହିଛି। ଉଭୟ କଂଗ୍ରେସ ଓ ବିଜେଡିର କିଛି ବିଧାୟକ ତାଙ୍କୁ ସମର୍ଥନ କରିବେ ବୋଲି ପ୍ରଦୀପ କହିଛନ୍ତି। ଲୋକଙ୍କ ସହ ରହି କାମ କରିବାକୁ ସଂଗଠନକୁ ପରାମର୍ଶ ଦେଇଛନ୍ତି ଶ୍ରୀ ଶାହ। ସରକାର କାମ କରିବା ସହ ବିଜେପି କାର୍ଯ୍ୟକର୍ତ୍ତା ମଧ୍ୟ ଲୋକଙ୍କ ସହ ରହି କାମ କରିବାକୁ ସେ ଆହ୍ୱାନ ଦେଇଥିବା ସାଂସଦ ବଳଭଦ୍ର ମାଝୀ କହିଛନ୍ତି। ବୈଠକ ପରେ ଶ୍ରୀ ଶାହ ଦଳର ବରିଷ୍ଠ ନେତାଙ୍କ ସହ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ମହାପ୍ରସାଦ ସେବନ କରିଥିଲେ।

## ଭକ୍ତଙ୍କ...

ଗଣମାଧ୍ୟମକୁ କହିଥିଲେ ଯେ ଏନେଇ ବିଜେଡି ସହ ଟେଲିଫୋନରେ ଆଲୋଚନା ହୋଇଛି ଓ ତାଙ୍କ ଦଳ ଡାକ୍ତର ହୋତାଙ୍କୁ ସମର୍ଥନ କରିବ।

ଏହା ପରଠାରୁ କଂଗ୍ରେସ ଭିତରେ ଛକାପଞ୍ଝା ଚାଲିଛି। ଦଳର ବରିଷ୍ଠ ନେତାମାନେ ଏଭଳି ମେଣ୍ଟକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଭକ୍ତଙ୍କୁ ବିରୋଧ କରିପାରୁ ନ ଥିଲେ ମଧ୍ୟ ପ୍ରଥମେ ନିରଞ୍ଜନ ମୁହଁ ଖୋଲି ଘୋଡ଼ା ବେପାରଠାରୁ ଆରମ୍ଭ କରି ଟଙ୍କା କାରବାର ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗ ଉଠାଇଛନ୍ତି। ନିରଞ୍ଜନଙ୍କ ଏଭଳି ମନ୍ତବ୍ୟ ବିଜେଡି ଶିବିରରେ କମ୍ପନ ସୃଷ୍ଟି କରିଛି। ସବୁ ସମାଲୋଚନାକୁ ଏଡ଼ାଇ ଦଳ କଂଗ୍ରେସର ହାତ ଧରିଥିବା ବେଳେ କଂଗ୍ରେସର ବରିଷ୍ଠ ନେତା ବିଜେଡି ଦୁର୍ବଳ ସ୍ଥିତିରେ ରହିଛି ଓ ଦଳ ଭାଙ୍ଗିଯିବାର ସମ୍ଭାବନା ଥିବା କହିବା ଏବେ ବିଜେଡି ନେତାଙ୍କୁ ମଧ୍ୟ ଅକଳରେ ପକାଇଛି।

ନିରଞ୍ଜନଙ୍କ ଏଭଳି ମନ୍ତବ୍ୟ ଏବେ କଂଗ୍ରେସ ଓ ବିଜେଡିରେ ଆଲୋଚନାର ବିଷୟ ପାଲଟିଥିବା ବେଳେ ଶ୍ରୀ ପଟ୍ଟନାୟକଙ୍କ ଇଶାରା କେଉଁଆଡ଼େ ବୋଲି ତା'ର ତର୍ଜମା ଚାଲିଛି। କାରଣ ବିଜେପି ସମର୍ଥନରେ ଚତୁର୍ଥ ପ୍ରାର୍ଥୀ ଭାବେ ଦିଲ୍ଲୀପ ରାୟ ରାଜ୍ୟସଭା ନିର୍ବାଚନ ମଇଦାନକୁ କୁଦିବା ପରେ ଏବେ ଓଡ଼ିଶା ରାଜନୀତି ଗୋଳିଆ ହେବାରେ ଲାଗିଛି। ଚତୁର୍ଥ ପ୍ରାର୍ଥୀ ଭାବେ ଡାକ୍ତର ହୋତା ଜିତିବେ ନା ଶ୍ରୀ ରାୟ ଜିତିବେ, ତାହାକୁ ନେଇ ହିସାବକିତାବ ଚାଲିଥିବା ବେଳେ ହଠାତ୍ ନିରଞ୍ଜନଙ୍କ ମନ୍ତବ୍ୟ ଏବେ ରାଜନୀତି ପାଣିପାଗକୁ ଆହୁରି ଗୋଳିଆ କରିବାରେ ଲାଗିଛି। ଏହା ଭକ୍ତଙ୍କ ପାଇଁ ଆହ୍ୱାନ ହୋଇଥିବା ବେଳେ ନବୀନଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି। ତେବେ ଭୋଟ ଗଣତି ପରେ ହିଁ ସବୁକିଛି ସ୍ପଷ୍ଟ ହେବ ବୋଲି ଆଲୋଚନା ହେଉଛି।

## କମନ୍...

କଂଗ୍ରେସ ଦଳରୁ ବିଦା କରିଛି। ଏହି ତିନି ବିଧାୟକ ଏବେ ମଉକା ଦେଖି ନିଜ ନିଜ ପିତାଙ୍କ ପାଇଁ ନ୍ୟାୟ ଦାବି କରିବେ ବୋଲି ଆଲୋଚନା ଆରମ୍ଭ ହୋଇଛି। ଯଦି ସେମାନଙ୍କ ପିତାଙ୍କୁ ନ୍ୟାୟ ନ ମିଳିଲା, ତେବେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେବେ କି ନାହିଁ, ତାହା ବଡ଼ ପ୍ରଶ୍ନବାଚୀ ହୋଇଛି। ଯଦି ପିତାଙ୍କୁ ନ୍ୟାୟ ମିଳିଲା ଓ ସେମାନେ ଦଳୀୟ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ତେବେ ଡାକ୍ତର ହୋତାଙ୍କ ଭୋଟ ସଂଖ୍ୟା ବଢ଼ିବ। ଯଦି ଏମାନଙ୍କ ପିତାଙ୍କୁ ନ୍ୟାୟ ନ ମିଳିଲା ଓ ସେମାନେ ଭୋଟଦାନରୁ ବିରତ ରହିଲେ କିମ୍ବା ଅନ୍ୟ ପ୍ରାର୍ଥୀଙ୍କୁ ଭୋଟ ଦେଲେ, ତେବେ ଦିଲ୍ଲୀପ ରାୟଙ୍କ ସପକ୍ଷରେ ତାହା ଯିବ। ତେଣୁ ଏହି ତିନି କଟକିଆ ନେତାଙ୍କୁ ନେଇ ଚାଲିଥିବା ଆଲୋଚନା ଏବେ ଦୁଇ କମନ୍ ପ୍ରାର୍ଥୀଙ୍କ ଭୟ ବଢ଼ାଇବାରେ ଲାଗିଛି। ଦଳୀୟ ନେତାମାନେ ଏବେ ଏମାନଙ୍କୁ ବୁଝାସୁଝା ଆରମ୍ଭ କରିଦେଇଥିବା ବେଳେ ତିନି ନେତାଙ୍କ ସନ୍ତାନ ଆଗାମୀ ଦିନରେ ପିତାଙ୍କ ମାନ ରକ୍ଷା ଲାଗି କି ପଦକ୍ଷେପ ଗ୍ରହଣ କରିବେ, ତା' ଉପରେ ଏବେ ସମସ୍ତଙ୍କ ନଜର।

# ଜିଲ୍ଲା କାରାଗାରର ବିଚାରାଧୀନ ଅଭିଯୁକ୍ତଙ୍କ ମୃତ୍ୟୁ




ସୁନ୍ଦରଗଡ଼,୬।୩ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ ହତ୍ୟା ଅଭିଯୁକ୍ତଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତକ ଜଣକ ହେମଗିରି ଥାନା ବରପାଲି ଗ୍ରାମର ୨୭ ବର୍ଷୀୟ ସରୋଜ ରାଉତ ଓରଫ ବନା ଗତମାସ ୯ ତାରିଖ ଦିନ ହେମଗିରି ଥାନା ଅଞ୍ଚଳରେ ଘଟି ଯାଇଥିବା ଏକ ହତ୍ୟା ମାମଲାରେ ବନ ସମତେ ତାର ୪ ଅଭିଯୁକ୍ତ ସାଥି ଗିରଫ ହୋଇ ଜେଲ ଆସିଥିଲେ। ଜେଲରେ ରହିବାର କିଛି ଦିନ ପରେ ସେ ଜଣ୍ଡିସ ରୋଗରେ ପୀଡିତ ଥିଲେ ବୋଲି ଜେଲ ଅଧିକ୍ଷକ ଜୀବନ ସିଂ ମୁଣ୍ଡା କହିଛନ୍ତି। ପ୍ରଥମେ ବନକୁ ଚିକିତ୍ସା ନିମନ୍ତେ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା, ପରେ ଅଧିକ ଚିକିତ୍ସା ନିମନ୍ତେ ସୁନ୍ଦରଗଡ଼ ସରକାରୀ ମେଡିକାଲ କଲେଜ ଓ ଚିକିତ୍ସାଳୟ ଠାରେ ଭର୍ତ୍ତି କରାଯାଇଥିଲା। ଗତକାଲି ରାତିରେ ବନର ମୃତ୍ୟୁ ଘଟିଥିଲା। ଏ ନେଇ ସୁନ୍ଦରଗଡ଼ ଜେଲ ଅଧିକ୍ଷକ ଜୀବନ ସିଂ ମୁଣ୍ଡାଙ୍କ ସୂଚନାକ୍ରମେ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ଦାୟର କରାଯାଇ ଶବ ବ୍ୟବଚ୍ଛେଦ କରାଯାଇଛି।

# ଅସ୍ତରଙ୍ଗରେ ମାତିଛନ୍ତି ମାଟି ମାଫିଆ

**ସବୁ ଜାଣି ପୁଲିସ, ଆରଆଇ ନିରବଦ୍ରଷ୍ଟା**

**ଲକ୍ଷାଧିକ ଟଙ୍କାର ମାଟି ଲୁଟ୍**

**କାମ ଦେଉନି ଏନଜିଟି ନିର୍ଦ୍ଦେଶ, ପ୍ରଶାସନ ଚୁପ**



କାକଟପୁର/ଅସ୍ତରଙ୍ଗ,୬।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଂଚଳରେ ଆଖିବୁଜା ଲଘୁ ଖଣିଜ ସମ୍ପଦ ଲୁଟ ହେଉଛି। ମାଟି ହେଉ କି ବାଲି କିଛି ବି ଛାଡୁନାହାନ୍ତି ମାଫିଆ। ଗଲା ଚାରି ମାସ ଭିତରେ ମାଫିଆମାନେ ଲକ୍ଷାଧିକ ଟଙ୍କାର ମାଟି ଓ ବାଲି ଲୁଟି ସାରିଲେଣି। ସରକାରୀ ଜମି, ଗୋଚର, ନୟନ ଜୋରିକୁ ଏମିତି କି ଶ୍ମଶାନକୁ ଖୋଳିବାକୁ ମଧ୍ୟ ମାଟି ମାଫିଆ ପଛାଉ ନାହାନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅଂଚଳରେ ବସବାସ କରୁଥିବା ତଥା ନିଜକୁ ଶାସକ ଦଳର କରିତି କର୍ମୀ କହି ଅବା ବିରୋଧୀ ଦଳର ପୁରୁଖା ରାଜନେତା କହି ଦିନରାତି ମାଟି ଚୋରା ଚାଲାଣ କରୁଛନ୍ତି, ଅଥଚ ସବୁ ଜାଣି ସ୍ଥାନୀୟ ପ୍ରଶାସନ, ପୁଲିସ ଓ ଖଣି ବିଭାଗ ଚୁପ ବସିବା ସାଧାରଣ ସନ୍ଦେହ ସୃଷ୍ଟି କରିଛି। ଅନ୍ୟ ପଟେ କିଛି ଜେସିବି ଓ ଟ୍ରାକ୍ଟର ମାଲିକ ଅସ୍ତରଙ୍ଗ ଥାନାରେ କାର୍ଯ୍ୟରତ କିଛି ଅସାଧୁ ପୁଲିସ କର୍ମଚାରୀଙ୍କୁ ଭିତିରି ବୁଝାମଣା କରି ଖୁଲମଖୁଲ୍ଲା ମାଟି ଚାଲାଣ କରୁଛନ୍ତି। ରାଜନେତାଙ୍କ ଚେପାରେ ବିଭାଗୀୟ ପ୍ରଶାସନିକ ଅଧିକାରୀ ଓ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଅଭିଯୋଗ ହେଉଛି।

ଗତ କିଛି ଦିନ ହେବ ଅସ୍ତରଙ୍ଗ ତହସିଲ ଅଧୀନ ନଗର, ଆଳସାହି, ବରାଙ୍ଗ, ଆଳଙ୍ଗପୁର ନଈଗୁଆଁ, ତାଳଦା, ନୂଆଗଡ, ଅସ୍ତରଙ୍ଗ, ମୁଦୁଗଲ, ପାଟଳଦା, କେନ୍ଦ୍ରାପଟି, ଶିଶୁଅ ସମେତ ଅସ୍ତରଙ୍ଗ ସୂର୍ଯ୍ୟ ପଡିଆ ସମେତ ବିଭିନ୍ନ ସ୍ଥାନରେ ବେଧଡକ ମାଟି ଚୋରା ଚାଲାଣ ହେଉଛି। ତାହା ପୁଣି ବିନା କାଗଜ ପତ୍ର ଥିବା ଟ୍ରାକ୍ଟରରେ। ମାଫିଆମାନେ ରାତିରାତି ଜେସିବି ଓ କିଛି ମୁନାଫା ଖୋର ଟ୍ରାକ୍ଟର ଚାଳକଙ୍କୁ ଧରି ରାତି ତମାମ ଶହ ଶହ ଟ୍ରିପ ମାଟି ଚାଲାଣ କରୁଛନ୍ତି। ମାଟି ଲୁଟେରାଙ୍କ ପକେଟକୁ ଦୈନିକ ଲକ୍ଷାଧିକ ଟଙ୍କା ଲାଭାଂଶ ଯାଉଛି ବୋଲି ଚର୍ଚ୍ଚା ହେଉଛି।

ସରକାରୀ ଜମି, ଗୋଚର, ପାଟନାଳୀ ଓ ନୟନଜୋରିକୁ ବି ଛାଡୁ ନାହାନ୍ତି। ଏପରିକି ବେସରକାରୀ ଜମିରୁ ମାଟି ଉଠି ଯାଉଛି। ଯେଉଁ ଜମି ମାଲିକ ସ୍ଥାନୀୟ ଅଂଚଳରେ ରହୁ ନାହାନ୍ତି, ସେମାନଙ୍କ ଜମିକୁ ଟାର୍ଗେଟ କରାଯାଇ ରାତି ସମୟରେ ଗହୀର ମଟ୍ଟିରୁ ମାଟି ଉଠାଇ ନିଆଯାଉଛି।

ସବୁଠୁ ବଡ଼ କଥା ହେଉଛି ପ୍ରଶାସନର ପ୍ରୋତ୍ସାହନରେ ଏ ସବୁ ଚାଲାଣ ହେଉଥିବା ଅଭିଯୋଗ ହେଉଥିବାରୁ ସ୍ଥାନୀୟ ଲୋକ ଏହାର ବିରୋଧ କିମ୍ବା ଅଭିଯୋଗ କରିବାକୁ ସାହସ କରି ପାରୁନାହାନ୍ତି। ଅନ୍ୟ ପକ୍ଷରେ ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) କଡା ନିର୍ଦ୍ଦେଶ ରହିଛି ଯେ ଆବଶ୍ୟକୀୟ ବୈଧିନିକ ଅନୁମତି ବିନା ଏ ସବୁ ଅଂଚଳରୁ ମାଟି ବାଲି ଖୋଳା ଯାଇପାରିବନି କିମ୍ବା ଚାଲାଣ ହେବନି। ମାଫିଆମାନେ ସବୁ ନୀତି ନିୟମକୁ ଜଳାଞ୍ଜଳି ଦେଇ ବାଲି, ମାଟି ଲୁଟି ମାଲେମାଲ ହେଉଛନ୍ତି। ହେଲେ ଲୋକଙ୍କ ସରକାର ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ନ ନେବା ପରୋକ୍ଷରେ ମାଫିଆଙ୍କୁ ପ୍ରୋତ୍ସାହିତ କରୁନାହିଁ କି ?

# ନାବାଳିକାକୁ ଅସଦାଚରଣ, ଯୁବକ ଗିରଫ

ସୁନ୍ଦରଗଡ଼,୬।୩ (ସଂଚାର ବ୍ୟୁରୋ): ଜଣେ ପାଞ୍ଚବର୍ଷିଆ ନାବାଳିକାକୁ ଘରେ ଏକୁଟିଆ ପାଇ ଜଣେ ଯୁବକ ଜୋର ଜବରଦସ୍ତି ଅସଦାଚରଣ କରି ଗିରଫ ହୋଇଥିବା ଘଟଣା ସାମ୍ନାକୁ ଆସିଛି। ସୂଚନାଯୋଗ୍ୟ ଯେ ହେମଗିରି ଥାନା ଅଂଚଳରେ ଆଜି ଘର ପାଖରେ ଏକୁଟିଆ ଏକ ନାବାଳିକା ଥିବା ଦେଖି ଜଣେ ଯୁବକ ଜଗନ୍ନାଥ କିଷାନ ଘର ପାଖରେ ବାଜା ବାଜୁଥିବା ସ୍ଥାନରେ ନାଚିବା କହି ଘର ପଛ ପଟକୁ ଡାକି ଜୋର ଜବରଦସ୍ତି ଅସଦାଚରଣ କରିଥିଲା, ଏବଂ ଘରେ ଛାଡି ଚାଲି ଯାଇଥିଲା କିଛି ସମୟ ପରେ ଘର ଲୋକ ଫେରିବାରୁ ନାବାଳିକା ଜଣକ କାନ୍ଦି ଘର ଲୋକ ସମ୍ମୁଖରେ ସବୁ କଥା ବଖାଣି ଥିଲା। ପରେ ପରିବାର ଲୋକ ଏ ନେଇ ହେମଗିରି ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ହେମଗିରି ପୁଲିସ ଅଭିଯୁକ୍ତ ଜଗନ୍ନାଥକୁ ଗିରଫ କରିଥିବା ନେଇ ସୂଚନା ମିଳିଛି।

# ଘର ଉପରେ ଟ୍ରଲର ମାଡିଗଲା, ଜଣେ ମୃତ, ଡ୍ରାଇଭର ଓ ହେଲ୍ପର ଗୁରୁତର



ଢେଙ୍କାନାଳ,୬।୩ (ସଂଚାର ବ୍ୟୁରୋ): ଢେଙ୍କାନାଳ ଗଁନ୍ଦିଆ ଥାନା କରମୂଳର ହାତିବାରି ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଆଜି ଭୋର ପ୍ରାୟ ୪ଟା ସମୟରେ ଜୋରନ୍ଦା ଫାଣ୍ଡି ଅଂଚଳରେ ଏକ ଆଜବେଷ୍ଟସ ବୋଝେଇ ଟ୍ରଲର ଟ୍ରାକ୍ଟରକୁ ଧକ୍କାଦେଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଘର ଉପରେ ମାଡି ଯାଇଛି। ଫଳରେ ଘରେ ଶୋଇଥିବା ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ଉକ୍ତ ହାତିବାରି ଗ୍ରାମର ଅସ୍ଥିର ତରାଇ ବୋଲି ଜଣାପଡିଛି । ଏହି ଦୁର୍ଘଟଣାରେ ଅସ୍ଥିରଙ୍କ ଘର ଭାଙ୍ଗିରୁଜି ଚୁରମାର ହୋଇଯାଇଛି। ଏପଟେ ଦୁର୍ଘଟଣା ଘଟିଥିବା ଟ୍ରଲର ଡ୍ରାଇଭର ଓ ହେଲ୍ପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସ୍ଥାନୀୟ ଶ୍ରୀରାମ ଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ଟ୍ରଲରଟି ମନ୍ଦାର ଆଡୁ କରମୂଳ ଆଡ଼କୁ ଯାଉଥିବା ବେଳେ ଦ୍ରୁତ ବେଗ ଯୋଗୁଁ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଖବର ପାଇ ଜୋରନ୍ଦା ପୁଲିସ ଓ ଅଗ୍ନିଶ୍ରମ ବାହିନୀ ପହଂଚି ଉଦ୍ଧାର କାର୍ଯ୍ୟ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୬।୩ (ସଂଚାର ବ୍ୟୁରୋ):ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲ୍ଲାରେ ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସଂକ୍ରାନ୍ତରେ ଏକ ପ୍ରସ୍ତୁତିମୂଳକ ବୈଠକ ଗତକାଲି ୫.୩.୨୦୨୬ ରିଖ ସ୍ଥାନୀୟ ଅଶୋକ ମେହେଟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟଜିତ୍ ଗାହାଣ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁପ୍ରିୟା ନାୟକ, ଜିଲ୍ଲା ପ୍ରୋଜେକ୍ଟ ଅଫିସର ଏନ୍‌ଏସ୍‌ଏସ୍ ବିନୋଦ ବିହାରୀ ପ୍ରଧାନ, ଶାରୀରିକ ଶିକ୍ଷା ନିରୀକ୍ଷକ ପ୍ରଭାତ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଆୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା।

ଏହି ବର୍ଷର ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମର ବିଷୟବସ୍ତୁ "ସଶକ୍ତ ମହିଳା, ସଶକ୍ତ ରାଷ୍ଟ୍ର " କୁ ବିଭିନ୍ନ କାର୍ଯ୍ୟକ୍ରମରେ ପ୍ରତିଫଳିତ କରାଯାଇଛି। ଏହାର ପ୍ରତିଫଳନ ସ୍ୱରୂପ ଆଜି ୬.୩.୨୦୨୬ ରିଖ ସକାଳ ୮.୦୦ ଘ ସମୟରେ ଆର୍‌ସିଡି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ମହିଳାମାନଙ୍କ ପାଇଁ ଏକ ସାମୂହିକ ଯୋଗ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୦ରୁ ଅଧିକ ଛାତ୍ରୀ, ମିଶନ ଶକ୍ତି କର୍ମୀ, ଏନ୍‌ସିସି ଓ ଏନ୍‌ଏସ୍‌ଏସ୍ ସଦସ୍ୟାମାନେ ଯୋଗ ଦେଇଥିଲେ। ଯୋଗ ଅଭ୍ୟାସ ସମୟରେ ଛାତ୍ରୀମାନଙ୍କୁ ଯୋଗର ଗୁରୁତ୍ୱ ଏବଂ ଏହା କିପରି ସଶକ୍ତ ମହିଳା ଗଠନ କରିବାରେ ସହାୟକ ହୁଏ ସେ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା। ଆଗାମୀ କାର୍ଯ୍ୟକ୍ରମରେ ଆସନ୍ତା କାଲି ୭ ମାର୍ଚ୍ଚ ମହିଳାମାନଙ୍କ ପାଇଁ ଆତ୍ମରକ୍ଷା ତାଲିମ,୮ ମାର୍ଚ୍ଚ ମହିଳାମାନଙ୍କ ପାଇଁ ମାରାଥନ ଏହି କାର୍ଯ୍ୟକ୍ରମଗୁଡ଼ିକ ମହିଳାମାନଙ୍କର ସ୍ୱାସ୍ଥ୍ୟ, ଆତ୍ମନିର୍ଭରତା ଓ ସଶକ୍ତିକରଣକୁ ପ୍ରୋତ୍ସାହିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା ପ୍ରକାଶ କରାଯାଉଛି।

**କାର୍‌ରେ ହିଞ୍ଜିଳି ବିଧାୟକଙ୍କ ଫଳକ ଲଗାଇବା ଘଟଣା**

# କଳା ମହିନ୍ଦ୍ରା ପରେ ଲାଲ୍ ରଙ୍ଗର ଅଲ୍ଟୋ

**ଗାଡ଼ି କାହାର, ଲେଖୁଛି କିଏ ?**

**ପୁଲିସ କେବେ ନେବ କାର୍ଯ୍ୟାନୁଷ୍ଠାନ ?**




ହିଞ୍ଜିଳିକାଟୁ,୬।୩ (ସଂଚାର ବ୍ୟୁରୋ): ଜୈନିକ ମହିଳା ଜଣକ ଗତ କିଛି ଦିନ ହେବ ଏକ ମହିନ୍ଦ୍ରା କଳା କାରରେ ହିଞ୍ଜିଳି ବିଧାୟକ ନଂ- ୧୩୧ ଫଳକ ଲଗାଇ ଗାଡ଼ିର ସାମ୍ନା ସିଟରେ ବସି ମୁଁ ହିଞ୍ଜିଳି 'ଏମଏଲଏ' କହୁଥିବାର ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଥିବା ବେଳେ ମଙ୍ଗଳବାର ଦିନ ହିଞ୍ଜିଳି ବିଜେଡି ପକ୍ଷରୁ ହିଞ୍ଜିଳି ଥାନାରେ ଏତଲା ଦିଆଯାଇଛି । ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

ତେବେ ଆଜି ପୁଣି ଏକ ହିଞ୍ଜିଳି ବିଧାୟକ ଫଳକ ଲେଖାହୋଇଥିବା ଲାଲ ରଙ୍ଗ ଅଲ୍ଟୋ କାର ନଂ (ଓଆର୦୨ଏଜି୮୦୧୫) ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପୁଣି ଏମିତି କିଏ ଲେଖିଲା, କାହିଁକି ଲେଖିଲା ଓ ଗାଡି କାହାର ତାହା କିଛି ସ୍ପଷ୍ଟ ହୋଇନାହିଁ।

ବର୍ତ୍ତମାନ ହିଞ୍ଜିଳି ବିଧାୟକ ଅଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଧାନସଭାର ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ । ନବୀନ ବାବୁ ୨୦୦୦ ମସିହା ଠାରୁ ହିଞ୍ଜିଳି ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୫ ଥର ମୁଖ୍ୟମନ୍ତ୍ରୀ ହେବ ସହ ୬ଥର ବିଧାୟକ ରହିଛନ୍ତି। ଦିନକୁ ଦିନ ମହିଳା ଜଣକ ନୂଆ ନୂଆ ଭିଡ଼ିଓ କରି ଛାଡୁଥିଲେ ମଧ୍ୟ ପୋଲିସ ପ୍ରଶାସନ ଚୁପ୍ କାହିଁକି ବସିଛି ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ବିଜେଡ଼ିର ଏକ ଟିମ ଲିଖିତ ଅଭିଯୋଗ କରିଥିବା ବେଳେ ପୋଲିସ ଏହାର ତଦନ୍ତ ଜାରି ରଖିଛି ଓ ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନେଇ ଥାନାଧିକାରୀ ସୂଚନା ଦେଇଛନ୍ତି ।

**ପୁରୀ ପୁଲିସର କଡ଼ା କାର୍ଯ୍ୟାନୁଷ୍ଠାନ**

# ବେଆଇନ ମଦ ବିକୁଥିବା ଅଭିଯୁକ୍ତଙ୍କ ଘର ଉଚ୍ଛେଦ



ସତ୍ୟବାଦୀ,୬।୩ (ସଂଚାର ବ୍ୟୁରୋ): ପୁରୀ ଜିଲ୍ଲାରେ ବେଆଇନ ମଦ ବିକ୍ରୟ ଓ ଅବୈଧ କାର୍ଯ୍ୟକଳାପ ଉପରେ କଡା କାର୍ଯ୍ୟାନୁଷ୍ଠାନ ଜାରି ରଖିବା ପାଇଁ ପୁରୀ ଜିଲ୍ଲା ପୁଲିସ ପକ୍ଷରୁ ନିୟମିତ ଭାବରେ ଅଭିଯାନ ଚାଲୁ ରହିଛି। ଏହି ପରିପ୍ରେକ୍ଷୀରେ ପୁରୀ ଏସ୍ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ବେଆଇନ ମଦ ବିକ୍ରି କରୁଥିବା ଏକ ବ୍ୟକ୍ତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ଆଜି ପୂର୍ବାହ୍ନରେ ସତ୍ୟବାଦୀ ଥାନା ଅଧୀନ ରାୟଚକ୍ରଧରପୁର ଗ୍ରାମ ନଦୀବନ୍ଧ ଅଞ୍ଚଳରେ ଥିବା ସରକାରୀ ଜମି ଉପରେ ବେଆଇନ ଭାବରେ ଘର ଓ ଦୋକାନ ନିର୍ମାଣ କରି ମଦ ବିକ୍ରୟ କରୁଥିବା ଅଭିଯୋଗରେ ଗୃହ ଉଚ୍ଛେଦ କରାଯାଇଛି। ଏହି ଉଛେଦ କାର୍ଯ୍ୟକ୍ରମ ବେଳେ ଅତିରିକ୍ତ ତହସିଲଦାର ଓମ ପ୍ରକାଶ ପରିଡା, ଅର୍ପିତା ସେନାପତି ଏବଂ ସତ୍ୟବାଦୀ ଥାନା ଅଧିକାରୀ ସୌମ୍ୟରଂଜନ ମହାଲିକଙ୍କ ସହିତ ପୋଲିସ ବଳ ଉପସ୍ଥିତି ରହିଥିଲେ।

ସୂଚନାନୁଯାୟୀ ରାୟଚକ୍ରଧରପୁର ଗ୍ରାମର ପ୍ରଦୀପ କୁମାର ଭୋଇ ସରକାରୀ ଜମି ଉପରେ ଅବୈଧ ଭାବରେ ଘର ଓ ଦୋକାନ ତିଆରି କରି ଦୀର୍ଘଦିନ ଧରି ବେଆଇନ ଭାବରେ ମଦ ବିକ୍ରୟ କରୁଥିବା ନେଇ ଅଭିଯୋଗ ଥିଲା। ଏହି ସୂଚନା ମିଳିବା ପରେ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସତ୍ୟବାଦୀ ଥାନା ପୋଲିସକୁ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ତହସିଲ ପ୍ରଶାସନ ସହ ସମନ୍ୱୟ କରି ସରକାରୀ ଜମି ଉପରେ ହୋଇଥିବା ଅବୈଧ ନିର୍ମାଣକୁ ଉଚ୍ଛେଦ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ପ୍ରଦୀପ କୁମାର ଭୋଇଙ୍କ ବିରୋଧରେ ପୂର୍ବରୁ ବେଆଇନ ମଦ ବିକ୍ରୟ ସମ୍ପର୍କିତ ୬ଟି ମାମଲା ରହିଛି। ତଥାପି ସେ ପୁଣିଥରେ ବେଆଇନ କାର୍ଯ୍ୟ କରୁଥିବାରୁ ଏହି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଜ ଅଞ୍ଚଳରେ କେହି ବେଆଇନ ଭାବରେ ମଦ ବିକ୍ରୟ କରୁଥିବା କିମ୍ବା ଅନ୍ୟ କୌଣସି ଅବୈଧ କାର୍ଯ୍ୟକଳାପ କରୁଥିବା ସୂଚନା ମିଳିଲେ ତୁରନ୍ତ ପୁଲିସକୁ ଜଣାଇବାକୁ ଅନୁରୋଧ କରାଯାଇଛି।

# ଜିଲ୍ଲାସ୍ତରୀୟ ସୂଚନା ଅଧିକାର ଆଇନ ସମ୍ବନ୍ଧୀୟ କର୍ମଶାଳା



ଯାଜପୁର,୬।୩ (ସଂଚାର ବ୍ୟୁରୋ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଏବଂ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଯାଜପୁର ଜିଲ୍ଲାର ଫାଷ୍ଟ ଆପିଲେଟ ଅଧିକାରୀ ଓ ଜନ ସୂଚନା ଅଧିକାରୀମାନଙ୍କ ପାଇଁ ଏକ ଦିନିଆ ସୂଚନା ଅଧିକାର ଅଧିନିୟମ କର୍ମଶାଳା ଆୟୋଜିତ ହୋଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର ଯୋଗ ଦେଇ କର୍ମଶାଳାକୁ ଉଦଘାଟନ କରିଥିଲେ। ଲୋକଙ୍କ ସୂଚନା ଅଧିକାରକୁ ସମ୍ମାନ ଦେବା ସହ ପ୍ରଶାସନ ଉତ୍ତରଦାୟୀ ରହିବା ଉଚିତ ଏବଂ ସୂଚନା ଅଧିକାର ଆଇନ ନାଗରିକଙ୍କୁ ସଶକ୍ତ କରୁଛି ବୋଲି ଜିଲ୍ଲାପାଳ ଶ୍ରୀ କର କହିଥିଲେ। ସୂଚନା ଅଧିକାର ଗଣତନ୍ତ୍ରକୁ ସୁଦୃଢ଼ କରେ ଏବଂ ଶାସନରେ ସ୍ୱଚ୍ଛତା ଆଣେ ବୋଲି ଅତିଥିମାନେ ମତ ଦେଇଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକ, ତହସିଲ ଏବଂ ବିଭିନ୍ନ ବିଭାଗରୁ ଜନ ସୂଚନା ଅଧିକାରୀ (ପିଆଇଓ)ମାନେ ଯୋଗ ଦେଇଥିଲେ। ରିସୋର୍ସ ପର୍ସନ ସଂଗ୍ରାମ ପୃଷ୍ଟି ସୂଚନା ଅଧିକାର ଆଇନ ୨୦୦୫ ର ବିଭିନ୍ନ ଦିଗ ଉପରେ ଆଲୋଚନା କରିବା ସହ ସେଣ୍ଟ୍ରାଲ ମନିଟରିଂ ମେକାନିଜିମ୍ ସମ୍ପର୍କରେ ବୁଝାଇ ଥିଲେ।

କର୍ମଶାଳା ସହ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସୂଚନା ଅଧିକାର ଆଇନ ସଚେତନତା ଜାଗରଣ କରିବା ପାଇଁ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ପ୍ରଫେସର ଦାମୋଦର ବେହେରା, ସହକାରୀ ଜିଲ୍ଲାପାଳ ସୁଶ୍ରୀ ଅଲିଭା ଧଳ ଏବଂ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସତ୍ୟବ୍ରତ ପାଣିଗ୍ରାହୀ ବିଚାରକ ଭାବେ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଅର୍ଥ ରାଶି ସହ ପ୍ରମାଣପତ୍ର ପ୍ରଦାନ କରି ପୁରସ୍କୃତ କରିଥିଲେ।

# ଶ୍ରବଣବାଧିତ ମୂଲ୍ୟାଙ୍କନ ଶିବିର

- ୨୦୦ ଶ୍ରବଣ ବାଧିତଙ୍କ କାନର କରାଗଲା ପରୀକ୍ଷା




ବାଲିଆପାଳ,୬।୩ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଟଗରା ଠାରେ ଥିବା ମଦର ଟେରେସା ସେବା ସଂଘ ବିଦ୍ୟାଳୟ ପରିସରରେ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଅନୁମୋଦିତ ଅଲ୍ଲୀ ଯାବର ଜଙ୍ଗ ରାଷ୍ଟ୍ରୀୟ ସଂଘ ଓ ଶ୍ରବଣ ବାଧିତ ସଂସ୍ଥା ପକ୍ଷରୁ ଶ୍ରବଣ ବାଧିତ ମୂଲ୍ୟାଙ୍କନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଶ୍ରବଣ ବାଧିତ ସଂସ୍ଥାର ଡେପୁଟି ଡାଇରେକ୍ଟର ପ୍ରଫେସର ଚନ୍ଦ୍ର ଚୋଡ ପାଣିଗ୍ରାହୀ ଏବଂ ତାଙ୍କର ଟିମ୍‌ଙ୍କ ଦ୍ୱାରା ବିଦ୍ୟାଳୟର ଅଧ୍ୟୟନ କରୁଥିବା ୧୫୦ ଛାତ୍ରଛାତ୍ରୀଙ୍କ ସମେତ ସ୍ଥାନୀୟ ୫୦ ଜଣ ଶ୍ରବଣ ବାଧିତଙ୍କର କାନ ପରୀକ୍ଷା କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା।

ଏଥି ନିମନ୍ତେ ବିଦ୍ୟାଳୟ ପରିସରରେ ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଡ଼ ଅନିରୁଦ୍ଧ ପାତ୍ରଙ୍କ ପୌରହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କାନ ପରୀକ୍ଷା କରି ମୂଲ୍ୟାଙ୍କନ କରିବା ଏବଂ ଶ୍ରବଣ ବାଧିତ ଯନ୍ତ୍ର ପାଇବା ପାଇଁ ଗ୍ରାମାଞ୍ଚଳରେ ଲୋକ ମାନଙ୍କୁ ଅଧିକା ଖର୍ଚ୍ଚରୁ ବଞ୍ଚିତ କରିବା ଲକ୍ଷ୍ୟରେ ଏହି ଭଳି ଶିବିର ସରକାରଙ୍କ ଦ୍ୱାରା କରାଯାଇଥାଏ ବୋଲି ଡ଼ ପାଣିଗ୍ରାହୀ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷାବିତ ସୁବାଷ ଚୈଧୁରୀ, ଖବରଦାତା ରାଜଶ୍ରୀ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ ପରେଶ ପ୍ରଧାନ ଏହି ସଭାରେ ଯୋଗଦେଇଥିଲେ।

# ଗ୍ରୀଷ୍ମ ପ୍ରବାହର ମୁକାବିଲା ଲାଗି ଜିଲ୍ଲା ପ୍ରଶାସନର ପ୍ରସ୍ତୁତି




ଫୁଲବାଣୀ,୬।୩ (ସଂଚାର ବ୍ୟୁରୋ): ଆଗାମୀ ପ୍ରଖର ଗ୍ରୀଷ୍ମ ପ୍ରବାହର ଆଶଙ୍କାକୁ ଦୃଷ୍ଟିରେ ରଖି କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ (ପଞ୍ଚାୟତ ଭବନ), ଫୁଲବାଣୀଠାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) କୁଶଳ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଅଭିମୁଖୀକରଣ ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗ୍ରୀଷ୍ମ ପ୍ରବାହ ସମୟରେ ଜନସାଧାରଣଙ୍କ ଜୀବନ ରକ୍ଷା ଏବଂ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବାକୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ଜିଲ୍ଲାରେ ପାନୀୟ ଜଳର ସୁବିଧା, ସ୍ୱାସ୍ଥ୍ୟ ସେବା ଏବଂ ସଚେତନତା ସୃଷ୍ଟି କରିବା ଉପରେ ଏହି ଯୋଜନାରେ ଗୁରୁତ୍ୱ ଦିଆଯାଇଛି। ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିଜ ନିଜ କ୍ଷେତ୍ରରେ ସତର୍କ ରହିବାକୁ କହିବା ସହ ସାଧାରଣ ଲୋକଙ୍କ ପାଖରେ ସରକାରୀ ସୁବିଧା ଯେପରି ସଠିକ୍ ଭାବେ ପହଞ୍ଚିବ, ତାହା ସୁନିଶ୍ଚିତ କରିବାକୁ କହିଛନ୍ତି। କୌଣସି ଜରୁରୀ ପରିସ୍ଥିତି ପାଇଁ ଜିଲ୍ଲା ସ୍ତରୀୟ 'କଣ୍ଟ୍ରୋଲ ରୁମ୍'କୁ ସକ୍ରିୟ କରାଯାଇଛି।

# ଆନନ୍ଦପୁର ମହାବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ବାର୍ଷିକ ଉତ୍ସବ




ଆନନ୍ଦପୁର,୬।୩ (ସଂଚାର ବ୍ୟୁରୋ): ଆନନ୍ଦପୁର ମହାବିଦ୍ୟାଳୟ ର ନୂତନ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ରଙ୍କ ସଭାପତିତ୍ୱ ରେ ରସାୟନ ବିଜ୍ଞାନ ବିଭାଗ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି।

ସର୍ବ ପ୍ରଥମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମୁଖ୍ୟ ଅତିଥି ଆଇଏମଏମଟି ଭୁବନେଶ୍ୱରର ବରିଷ୍ଠ ପ୍ରମୁଖ ବୈଜ୍ଞାନିକ ଡକ୍ଟର ବିକାଶ କୁମାର ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡକ୍ଟର ଶକ୍ତି ପ୍ରସାଦ ମହାପାତ୍ର, ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପଣ୍ଡା, ଆଦ୍ୟଦେବ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଲକ୍ଷ୍ମୀ ପ୍ରିୟା ନାୟକ ଓ ସଞ୍ଜୟ କୁମାର ସାହୁଙ୍କ ସଂଯୋଜନାରେ ବିଭାଗର ମୁଖ୍ୟ ଡକ୍ଟର ନିମାଇଁ ଚରଣ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱରଂଜନ ସାହୁ ଅତିଥି ମାନଙ୍କ ପରିଚୟ ପ୍ରଦାନ ଓ ସେମିନାର ସମ୍ପାଦକ ସନ୍ଦୀପ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଡକ୍ଟର ବିକାଶ କୁମାର ଜେନା ନାନୋ ମ୍ୟାଟେରିଆଲର ମଲ୍ଟି ଫଙ୍କସନାଲ ପ୍ରୟୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ରାଜେନ୍ଦ୍ର ଜେନା ବେଷ୍ଟ ସେମିନାର ଟକ ଏବଂ କୃତି ଛାତ୍ରଛାତ୍ରୀ ମାନଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ମୁଖ୍ୟ ଅତିଥିଙ୍କୁ ଉପଢୌକନ ଓ ପୁଷ୍ପ ଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ରସାୟନ ବିଜ୍ଞାନ ବିଭାଗର ବୁଲେଟିନ 'ସିଲିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସର୍ବଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଅଫିମ ଚାଷ କରି ଜଣେ ଗିରଫ



ରାଇଘର,୬।୩ (ସଂଚାର ବ୍ୟୁରୋ): ଅଫିମ ଚାଷ କରି ଜଣେ ବ୍ୟକ୍ତି ଗିରଫ ହୋଇଛନ୍ତି। ଗିରଫ ବ୍ୟକ୍ତି ଜଣକ ହେଲେ ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ତାଳପଦର ଗ୍ରାମର ନନ୍ଦକିଶୋର ସାହୁ(୪୯)। ମିଳିଥିବା ସୂଚନା ଅନୁସାରେ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଓ ବନ ବିଭାଗର ଏସିଏଫ ସୁବାସ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ତାଳପଦର ଗ୍ରାମକୁ ଯାଇ ନନ୍ଦ କିଶୋର ସାହୁ ନିଜ ଜମିରେ ପ୍ରାୟ ଅଧା ଏକର ଜମିରେ ଅଫିମ ଗଛ ଲଗାଇ ଚାଷ କରୁଥିଲା। ସେହି ଅଫିମ ଗଛ ଗୁଡିକ କୁ ବନ ବିଭାଗ ଓ ଅବକାରୀ ବିଭାଗ ମିଳିତ ଭାବେ ୨୦୨୮୦ ଗଛକୁ ପୋଡି ନଷ୍ଟ କରିବା ସହ ଚାଷ କରୁଥିବା ନନ୍ଦ କିଶୋର ସାହୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ୧୪୩୦୦ ଗ୍ରାମ ଅଫିମ ଫୁଲ ସଂଗ୍ରହ କରାଯାଇଛି, ଏବଂ ଏହି ଅଫିମ ଓ ଅଫିମ ଫୁଲର ଆନୁମାନିକ ବଜାର ମୂଲ୍ୟ ୧୦ କୋଟି ୧୪ଲକ୍ଷ ୨୨ହଜାର ୪୮୦ ଟଙ୍କା ହେବ ବୋଲି ଅବକାରୀ ବିଭାଗୀୟ ଅଧିକାରୀ ବୃନ୍ଦାବନ ମଣ୍ଡଳ ସୂଚନା ଦେଇଛନ୍ତି। ଜାମିନ ନାମଞ୍ଜୁର ହେବାରୁ ନନ୍ଦ କିଶୋର ସହୁକୁ ଜେଲ ହାଜତ କୁ ପଠାଇ ଦିଆଯାଇଛି।

ଏହି ଚଢ଼ାଉ ରେ ଏସିଏଫ ସୁବାସ ଖୁଣ୍ଟିଆ, ଅବକାରୀ ବିଭାଗୀୟ ଅଧିକାରୀ ବୃନ୍ଦାବନ ମଣ୍ଡଳଙ୍କ ସହ ଲିନା ବଡ଼ନାୟକ, ରଂଜିତା ସିଂ, ଦେବେନ୍ଦ୍ର ସମରଥ, ଅଲେଖ ଶବର, ସୁବାସ ଗୌଡ଼, ଡାବୁଗାଁ ଓ ଉମରକୋଟ ଅବକାରୀ ବିଭାଗର କର୍ମଚାରୀ ସାମିଲ ଥିଲେ।

# ଓଲଟିଲା ପଥର ବୋଝେଇ ଟ୍ରକ, ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲ୍ପର



ନୀଳଗିରି,୬।୩ (ସଂଚାର ବ୍ୟୁରୋ): ଆଜି ଭୋର ସମୟରେ ଘନ କୁହୁଡି ହେତୁ ମିତ୍ରପୁର -ନୀଳଗିରି ରାସ୍ତା ଆସୁଥିବା ଓ ଡ଼ି ୧୮ଏ ୬୦୯୯ ନମ୍ବର ବିଶିଷ୍ଟ ପଥର ବୋଝେଇ ଟ୍ରକ ଭାରସାମ୍ୟ ହରାଇ କେନ୍ଦୁଖୁଣ୍ଟା ଛକ ଉନ ପରିଡ଼ା ଘର ବାଡ଼ି ଭିତରକୁ ଯାଇ ଓଲଟି ପଡିଥିଲା। ତେବେ ଦୁର୍ଘଟଣା ଏତେ ଭୟଙ୍କର ଥିଲାଯେ ଡ୍ରାଇଭର ଓ ହେଲ୍ପର ଗାଡି ଭିତରେ ରହି ଯାଇଥିଲେ। ସ୍ଥାନୀୟ ଲୋକ ଡ୍ରାଇଭର ଓ ହେଲ୍ପର କୁ ଉଧାର କରାଯାଇ ନୀଳଗିରି ମେଡିକାଲ ରେ ଭର୍ତ୍ତି କରିଥିଲେ । ଖବର ପାଇ ନୀଳଗିରି ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

# ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ




ଢେଙ୍କାନାଳ,୬।୩ (ସଂଚାର ବ୍ୟୁରୋ): ଆଜି ସଂଧ୍ୟାରେ ଢେଙ୍କାନାଳରେ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟିତ ହୋଇଯାଇଛି।

ଭୁବନେଶ୍ୱରସ୍ଥିତ ପ୍ରଦର୍ଶନୀ ପଡ଼ିଆଠାରେ ଆୟୋଜିତ ଉତ୍ସବସ୍ଥଳରୁ ଭିଡ଼ିଓ କନ୍‌ଫେରେନସିଂ ମାଧ୍ୟମରେ ମାନ୍ୟବର କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅନ୍ୟାନ୍ୟ ନେତୃମଣ୍ଡଳୀଙ୍କ ଉପସ୍ଥିତରେ ଏହି ଥାନାକୁ ଉଦ୍‌ଘାଟିତ କରିଛନ୍ତି । ଏହା ସହିତ ଓଡ଼ିଶାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। କୁଞ୍ଜକାନ୍ତ ଆର.ଟି.ଓ. ଅଫିସ ନିକଟରେ ଶୁଭାରମ୍ଭ ହୋଇଥିବା ଏହି ଥାନା ସାଇବର ଓ ଅର୍ଥନୈତିକ ଅପରାଧ ନିୟନ୍ତ୍ରଣରେ ବିଶେଷ ସହାୟକ ହେବ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଭିନବ ସୋନକର ପ୍ରକାଶ କରିଛନ୍ତି। ଜିଲ୍ଲାବାସୀ କୌଣସି ପ୍ରକାରର ସାଇବର ଠକେଇ ଓ ଅର୍ଥନୈତିକ ଠକେଇର ଶିକାର ହେଲେ ଏହି ଥାନାରେ ଅଭିଯୋଗ କରିପାରିବେ ବୋଲି ସେ ପ୍ରକାଶ କରିଛନ୍ତି।

## ସିଆଇଏସ୍‌ଏଫ୍‌ର ପ୍ରତିଷ୍ଠା ଦିବସରେ ଯୋଗଦେଲେ ଶାହ

# ସିଆଇଏସ୍‌ଏଫ୍ ଏବେ ରାଷ୍ଟ୍ର ସୁରକ୍ଷାର ଢାଲ



କଟକ, ୬।୩ (ସଂଚାର ବ୍ୟୁରୋ): କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଆଜି ଓଡ଼ିଶା ଗସ୍ତରେ ଆସି କଟକର ମୁଣ୍ଡଳିସ୍ଥିତ ସିଆଇଏସଏଫର ୫୭ତମ ପ୍ରତିଷ୍ଠା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୮୯୦ କୋଟି ଟଙ୍କା ବ୍ୟୟରେ ୩ଟି ସିଆଇଏସଏଫ ଆବାସିକ କମ୍ପ୍ଲେକ୍ସ (କାମରୂପ, ନାସିକ ଏବଂ ସେହୋର)ର ଶିଳାନ୍ୟାସ କରିବା ସହ ଦୁଇଟି ଆବାସିକ କମ୍ପ୍ଲେକ୍ସ (ରାଜରହାଟ ଏବଂ ଦିଲ୍ଲୀ)ର ଉଦଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଗୃହ ସଚିବ ଓ ସିଆଇଏସଏଫର ମହାନିର୍ଦ୍ଦେଶକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଶ୍ରୀ ଶାହ କହିଥିଲେ ଯେ ଆଜି ୫୬ ବର୍ଷ ପୂରଣ କରିଥିବା ସିଆଇଏସଏଫ ଶିଳ୍ପ ସୁରକ୍ଷା କ୍ଷେତ୍ରରେ ଶୂନ୍ୟରୁ ଶୀର୍ଷରେ ପହଞ୍ଚିପାରିଛି। ଏହି ସମୟ ମଧ୍ୟରେ ଏହି କେନ୍ଦ୍ରୀୟ ବଳ ନିଜ ପୁରୁଷାର୍ଥର ଦୃଢ଼ ଗାଥା ରଚନା କରିଛି। ଶିଳ୍ପ ବିକାଶ ବିନା ଏକ ଶକ୍ତିଶାଳୀ ଦେଶ, ଏକ ଶକ୍ତିଶାଳୀ ଅର୍ଥବ୍ୟବସ୍ଥା ଓ ଭାରତକୁ ବିଶ୍ୱର ସର୍ବବୃହତ ଅର୍ଥବ୍ୟବସ୍ଥା କରିବାର ଲକ୍ଷ୍ୟ ହାସଲ କରାଯାଇପାରିବ ନାହିଁ। ଶିଳ୍ପ ବିକାଶ ପାଇଁ ଏକ ସୁରକ୍ଷିତ ପରିବେଶ ପ୍ରଦାନ କରିବା ନିମନ୍ତେ ଜାତୀୟ ସ୍ତରରେ ଏକ ଶିଳ୍ପ ସୁରକ୍ଷା ବାହିନୀର ଆବଶ୍ୟକତା ରହିଛି। ଗତ ୫୬ ବର୍ଷ ମଧ୍ୟରେ ସିଆଇଏସଏଫ ନିଜ ପ୍ରତିଷ୍ଠାର ଉଦ୍ଦେଶ୍ୟ ପୂରଣ କରିବା ସହ ସମସ୍ତ ଆହ୍ୱାନରୁ ଶିକ୍ଷା ନେଇ ସମୟ ସହ ଖାପ ଖୁଆଇପାରିଛି। ସିଆଇଏସଏଫ ଆଧୁନିକତାକୁ ଗ୍ରହଣ କରିବା ସହ ସର୍ବଦା ରାଷ୍ଟ୍ରର ଢାଲ ରୂପେ ଛିଡ଼ା ହୋଇଛି। ସିଆଇଏସଏଫ ବିନା ଭାରତର ଶିଳ୍ପ ବିକାଶ କଳ୍ପନା କରାଯାଇପାରିବ ନାହିଁ। ନିକଟରେ ଗୃହ ମନ୍ତ୍ରଣାଳୟ ସମସ୍ତ ବନ୍ଦରର ସୁରକ୍ଷା ସିଆଇଏସଏଫ ଉପରେ ନ୍ୟସ୍ତ

- ସିଆଇଏସଏଫ ବିନା ଦେଶର ଶିଳ୍ପ ବିକାଶ ସମ୍ଭବପର ନୁହେଁ
- ଡ୍ରୋନ୍ ସୁରକ୍ଷାରେ ନୋଡାଲ୍ ଏଜେନ୍ସି ପାଲଟିଛି ସିଆଇଏସ୍‌ଏଫ୍
- ୮୯୦ କୋଟିର ୩ ପ୍ରକଳ୍ପର ଶିଳାନ୍ୟାସ ଓ ୨ ପ୍ରକଳ୍ପ ଉଦ୍‌ଘାଟିତ

କରିବାକୁ ନିଷ୍ପତ୍ତି ନେଇଛି। ସିଆଇଏସଏଫ କର୍ମଚାରୀଙ୍କ ବଳିଦାନ ସର୍ବଦା ଦେଶକୁ ଆର୍ଥିକ ଦୃଷ୍ଟିରୁ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସିଆଇଏସଏଫ କେବେବି ତା'ର କର୍ତ୍ତବ୍ୟରୁ ପଛଘୁଞ୍ଚା ଦେଇନାହିଁ। ୯ଟି ରାଷ୍ଟ୍ରପତିଙ୍କ ବିଶିଷ୍ଟ ସେବା ପଦକ, ଦୁଇଟି ଶ୍ରେଷ୍ଠ କର୍ପସ ପଦକ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିବା ପଦକ, ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିବା ଲାଗି ସିଆଇଏସଏଫ କରିଥିବା ପ୍ରସ୍ତୁତିର ୫୬ ବର୍ଷ ମଧ୍ୟରେ ବୀରତ୍ୱ ଓ ବିଶିଷ୍ଟ ସେବା ପାଇଁ ୧୩,୬୯୩ ପଦକ ପାଇଥିବା ସିଆଇଏସଏଫର ଏକ କେନ୍ଦ୍ରୀୟ ସୁରକ୍ଷା ବାହିନୀ ଭାବେ ନିଜର ଦକ୍ଷତା ପ୍ରଦର୍ଶନ କରିଛି ବୋଲି ଶ୍ରୀ ଶାହ କହିଥିଲେ।

ଏହି ଅବସରରେ ଗୃହ ମନ୍ତ୍ରୀ ସିଆଇଏସଏଫର ବାର୍ଷିକ ପତ୍ରିକାକୁ ଉନ୍ମୋଚନ କରିଛନ୍ତି। ସେ କହିଥିଲେ ଯେ ସିଆଇଏସଏଫ ଦେଶର ୭୦ଟି ବିମାନବନ୍ଦର ସମେତ ୩୬୧ଟି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ସୁରକ୍ଷା ଦେଉଛି। ସିଆଇଏସଏଫକୁ ଡ୍ରୋନ୍ ସୁରକ୍ଷା ପାଇଁ ନୋଡାଲ୍ ଏଜେନ୍ସି ଦାୟିତ୍ୱ ମଧ୍ୟ ଦିଆଯାଇଛି। ଗତ ବର୍ଷକ ମଧ୍ୟରେ ସିଆଇଏସଏଫକୁ କର୍ତ୍ତବ୍ୟ ଭବନ, ସେବା ତୀର୍ଥ, ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦର, ନବୀ ମୁମ୍ବାଇ ବିମାନବନ୍ଦର, ଲେଙ୍ଗପୁଇ ବିମାନବନ୍ଦର, ଜବାହରପୁର ତାପଜ ବିଦ୍ୟୁତ୍ ପ୍ରକଳ୍ପ, ଭାକ୍ରା ନଦୀବନ୍ଧ ପ୍ରକଳ୍ପ ସମେତ ଅନେକ ପ୍ରକଳ୍ପର ସୁରକ୍ଷା ଦାୟିତ୍ୱ ଦିଆଯାଇଛି। ଏହାଛଡ଼ା ସିଆଇଏସଏଫକୁ ଏବେ ସାମୁଦ୍ରିକ ବନ୍ଦର ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଏହା ଏବେ ଦେଶର ବିଶାଳ ସାମୁଦ୍ରିକ ସୀମାରେ ଥିବା ବନ୍ଦର ଗୁଡ଼ିକୁ ମଧ୍ୟ ସୁରକ୍ଷା ଯୋଗାଇଦେବ। ୪ ବର୍ଷ ପୂର୍ବେ ଏକ ହାଇବ୍ରିଡ୍ ମଡେଲ୍ ବିକଶିତ କରିବା ଓ ଘରୋଇ ଶିଳ୍ପ ସଂସ୍ଥାକୁ ସିଆଇଏସଏଫ ସୁରକ୍ଷା ଦେବା।



● ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ପୂର୍ତ୍ତ ମନ୍ତ୍ରୀଙ୍କ ସମୀକ୍ଷା

## ସାମଗ୍ରୀର ଗୁଣବତ୍ତା ଓ ପ୍ରକ୍ରିୟାର ତ୍ୱରିତ ସମାପ୍ତିକୁ ଗୁରୁତ୍ୱ

ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଗୁଣଯୁକ୍ତ ସାମଗ୍ରୀ ବ୍ୟବହାର ନିର୍ମାଣର ସ୍ଥାୟିତ୍ୱକୁ ବୃଦ୍ଧି କରିଥାଏ। ଅନ୍ୟ ପକ୍ଷରେ ବିଭିନ୍ନ ନିର୍ମାଣ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ କାର୍ଯ୍ୟର ସ୍ୱଚ୍ଛତା ଓ କାର୍ଯ୍ୟ ପ୍ରକ୍ରିୟାକୁ ଅଧିକ ତ୍ୱରିତ ଗତିରେ ଆଗେଇ ନେବାରେ ସାହାଯ୍ୟ କରିଥାଏ। ଏହାକୁ ଦୃଷ୍ଟିରେ ରଖି ଆଜି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ନିର୍ମାଣ ସାମଗ୍ରୀର ମୂଲ୍ୟ ନିର୍ଦ୍ଧାରଣ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି।

ଆଜି ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ କେନ୍ଦ୍ର ସରକାର, ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ଏବଂ ବିଭିନ୍ନ ରାଜ୍ୟରେ ଲାଗୁ ହୋଇଥିବା ନିର୍ମାଣ ସାମଗ୍ରୀର ମୂଲ୍ୟକୁ ତର୍ଜମା କରି ରାଜ୍ୟରେ କିଭଳି ନିର୍ମାଣ ସାମଗ୍ରୀର ସର୍ବଶ୍ରେଷ୍ଠ ମୂଲ୍ୟ ନିର୍ଦ୍ଧାରଣ କରିହେବ, ସେନେଇ ଆଲୋଚନା ହୋଇଥିଲା। ପରିବହନ ଖର୍ଚ୍ଚକୁ ହିସାବକୁ ନେଇ ବାଲି, ଗୋଡ଼ି, ଇଟାଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ଇନ୍‌ଡୋର ଓ ଆଉଟ୍‌ଡୋର ସାମଗ୍ରୀ, ବୈଦ୍ୟୁତିକ ସାମଗ୍ରୀ, ପ୍ରି-ଫେବ୍ରିକେଟେଡ୍ ସାମଗ୍ରୀ, କୋଠାବାଡ଼ିରେ ବ୍ୟବହୃତ ସାମଗ୍ରୀର ସଠିକ୍ ମୂଲ୍ୟ ନିର୍ଦ୍ଧାରଣ ନେଇ ଆଲୋଚନା ହୋଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ନିର୍ମାଣ ସାମଗ୍ରୀର ଗୁରୁତ୍ୱ ଓ ଆବଶ୍ୟକତାକୁ ଉପଲବ୍ଧି କରି ମୂଲ୍ୟ ନିର୍ଦ୍ଧାରଣ ପ୍ରକ୍ରିୟା ଶୀଘ୍ର ସମାପ୍ତି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଇଆଇସି ତଥା ସ୍ୱତନ୍ତ୍ର ଶାସନ ସଚିବ ଇଂ ଲକ୍ଷ୍ମୀକାନ୍ତ ପାଢ଼ୀ, ଇଆଇସି (ଡିଜାଇନ) ଇଂ ସମୀର ହୋତା, ଇଆଇସି (ସିଭିଲ୍) ଇଂ ସତ୍ୟବ୍ରତ ବେହେରା, ଇଆଇସି (ରୋଡ୍‌ସ) ଇଂ ଧ୍ୟାନଚାନ୍ଦ ନାୟକ, ମୁଖ୍ୟଯନ୍ତ୍ରୀ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ଇଂ ଶିବବ୍ରତ ତରିଆ, ଅର୍ଥ ପରାମର୍ଶଦାତା ରତିକାନ୍ତ ମହାପାତ୍ର ଉପସ୍ଥିତ ଥିଲେ।

## କୋର୍ଟ ହତା ଭିତରୁ କଏଦୀ ଫେରାର

● ପୁଲିସର ଅବହେଳା ଅଭିଯୋଗ

ବାଲେଶ୍ୱର, ୬।୩ (ସଂଚାର ବ୍ୟୁରୋ): କୋର୍ଟ ହତା ଭିତରୁ ଜଣେ କଏଦୀ ଫେରାର ହୋଇଯାଇଛି। ବାଲେଶ୍ୱର କଷାଫଳ ମେରାଇନ ଥାନା ଅନ୍ତର୍ଗତ ଏକ ଦୁଷ୍କର୍ମ ମାମଲାରେ ଜେଲରେ ଥିବା ଅଭିଯୁକ୍ତ ସେକ୍ ଇସ୍ତାଖାଦ୍ ପୁଲିସ୍ କର୍ମଚାରୀଙ୍କ ଖାମଖିଆଲୀ ମନୋଭାବର ସୁଯୋଗ ନେଇ ଚମ୍ପଟ ମାରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତକୁ ବାଲେଶ୍ୱର ଜେଲରୁ ଅଣାଯାଇଥିଲା। ଆଜି ଅପରାହ୍ନ ପ୍ରାୟ ସାଢ଼େ ୧ଟାରୁ ୨ଟା ମଧ୍ୟରେ ଉକ୍ତ କଏଦୀ ଜଣଙ୍କ କୋର୍ଟ ପରିସରରୁ ଚମ୍ପଟ ମାରିଥିଲା। ସମ୍ପୃକ୍ତ ଅଭିଯୁକ୍ତର ସୁରକ୍ଷାରେ ଥିବା ପୁଲିସ କର୍ମଚାରୀଙ୍କ ଅବହେଳା ଓ ଅନ୍ୟମନସ୍କତାର ସୁଯୋଗ ନେଇ ସେ କୋର୍ଟ ପରିସରରୁ ଫେରାର ହୋଇଯାଇଥିବା କୁହାଯାଉଛି।

● ରାଜଧାନୀରେ ଚାଞ୍ଚଲ୍ୟ

## ୨୪ ଘଣ୍ଟାରେ ୩ ଶିଶୁ ନିଖୋଜ

ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ଗତ ୨୪ ଘଣ୍ଟାରେ ରାଜଧାନୀରେ ୩ ଜଣ ନିଖୋଜ ହୋଇଯାଇଛନ୍ତି। ଏଥିରେ ଜଣେ ନାବାଳକ ଓ ୨ ଜଣ ନାବାଳିକା ଅଛନ୍ତି। ନାବାଳକ ପ୍ରଦ୍ୟୁମ୍ନ ପ୍ରଧାନ ଧଉଳି ଅଞ୍ଚଳରୁ ନିଖୋଜ ହୋଇଯାଇଥିବା ବେଳେ ତାଙ୍କ ବୟସ ୧୨ ବର୍ଷ। ସେହିପରି ନିଖୋଜ ୨ ନାବାଳିକା ହେଲେ ସୁମିତ୍ରା ଦେହୁରୀ ଓ ଶୁଭଶ୍ରୀ ନାୟକ। ସାଲିଆ ସାହି ତାରିଣୀ ନଗରର ସୁମିତ୍ରା ଦେହୁରୀ ଓ ସାଲିଆ ସାହି ହାତିଆଣୁଣି ଅଞ୍ଚଳର ଶୁଭଶ୍ରୀ ନାୟକ ନିଖୋଜ ହୋଇଯାଇଥିବା ବେଳେ ସେମାନଙ୍କୁ ସ୍ଥାନୀୟ ପୁଲିସ୍ ଖୋଜୁଛି। ସେମାନଙ୍କ ସମ୍ପର୍କରେ ତ୍ୱରିତ ସଠିକ୍ ସୂଚନା ପାଇବା ସକାଶେ କମିଶନରେଟ ପୁଲିସ୍ ପକ୍ଷରୁ ପୁରସ୍କାର ରାଶି ଘୋଷଣା କରାଯାଇଛି। ନିଖୋଜଙ୍କ ସମ୍ପର୍କରେ ସୂଚନା ଦେଲେ ୨୫ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କୁହାଯାଇଛି।

## ହୀରାଖଣ୍ଡ ଏକ୍ସପ୍ରେସରୁ ଯୁବକଙ୍କ ମୃତଦେହ ଉଦ୍ଧାର

କୋରାପୁଟ, ୬।୩ (ସଂଚାର ବ୍ୟୁରୋ): ଭୁବେନେଶ୍ୱରରୁ କୋରାପୁଟ ଆସୁଥିବା ହୀରାଖଣ୍ଡ ଏକ୍ସପ୍ରେସରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। କୋରାପୁଟ ରେଲୱେ ପୋଲିସ କୋରାପୁଟ ଷ୍ଟେସନ ଠାରେ ହୀରାଖଣ୍ଡ ଟ୍ରେନରୁ ମୃତଦେହ ଉଦ୍ଧାର କରିବା ପରେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମୃତକ ହେଲେ ମନୀଷ ଦାସ। ତାଙ୍କ ଘର କଟକ କଣ୍ଟିଲୋର ନୂଆବଜାର ଅଂଚଳର ବୋଲି ଜଣାପଡ଼ିଛି। ମନୀଷ ରାୟଗଡା ଅଞ୍ଚଳ ଟିକିରି କମ୍ପାନୀରେ ଚାକିରି କରୁଥିଲେ। ମନୀଷ ଗୁରୁବାର ଭୁବନେଶ୍ୱରରୁ ହୀରାଖଣ୍ଡ ଟ୍ରେନ ଯୋଗେ ଟିକିରି ଆସୁଥିଲେ। ଆସିବା ସମୟରେ ହୃଦଘାତ ହୋଇଥିବା ସନ୍ଦେହ କରାଯାଉଛି। ବର୍ତ୍ତମାନ କୋରାପୁଟ ଆରପିଏଫ ଓ ଜିଆରପି ପୋଲିସ୍ ରେଳ ଷ୍ଟେସନରେ ପହଂଚି ଶବକୁ ଜବତ୍ କରି ଅଧିକ ତଦନ୍ତ ଜାରି ରହିଛି। ଅନ୍ୟପଟେ ରେଲୱେ ଡାକ୍ତର ଯୁବକଙ୍କୁ ମୃତ ଘୋଷଣା କରିଥିଲେ ବୋଲି କୋରାପୁଟ ଜିଆରପି ଏଏସଆଇ ଅମର ସେଠୀ କହିଛନ୍ତି। କେସ ନଂ ୨/୨୦୨୬ରେ ମାମଲା ରୁଜୁ କରି ଜିଆରପି ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି।

## ଓଭର ବ୍ରିଜ୍ ତଳୁ ଲାଇନ୍‌ମ୍ୟାନଙ୍କ ମୃତଦେହ ଉଦ୍ଧାର

କେନ୍ଦୁଝର, ୬।୩ (ସଂଚାର ବ୍ୟୁରୋ): କେନ୍ଦୁଝର ବିଦ୍ୟୁତ୍ ବିଭାଗ (ଟାଟା ପାଓ୍ୱାର)ରେ କାର୍ଯ୍ୟ କରୁଥିବା ଲାଇନ୍‌ମ୍ୟାନ୍‌ଙ୍କ ମୃତଦେହ ଆଜି କେନ୍ଦୁଝର ଟାଉନ, ସାମଲ ଅଟୋ ଓଭର ବ୍ରିଜ୍ ନିକଟରୁ ଉଦ୍ଧାର ହୋଇଛି। ସ୍କୁଟରରେ ବସିଥିବା ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ଗତକାଲି ରାତି ୯ଟାରେ ମାଇନିଙ୍ଗ୍ ରୋଡ୍‌ରେ ଚା' ପିଉଥିବା ଶେଷଥର ଦେଖିଥିବା ବେଳେ ଉକ୍ତ ସ୍ଥାନକୁ କାହିଁକି ଗଲେ ଓ କିପରି ମୃତ୍ୟୁ ହେଲା ତାହାକୁ ନେଇ ନାନା ପ୍ରଶ୍ନ ତାଙ୍କ ସହଯୋଗୀ କର୍ମଚାରୀ ଉଠାଇବା ସହ ଏହାର ତଦନ୍ତ କରିବାକୁ ଦାବି କରିଛନ୍ତି। ତାଙ୍କ ନାମ ଦେବାଶିଷ ସ୍ୱାଇଁ (୪୧) ଏବଂ ଘର ମୟୂରଭଞ୍ଜ ଜିଲା ବେତନଟୀ ଗ୍ରାମରେ ବୋଲି ଜଣାପଡ଼ିଛି। ହୃଦ୍‌ଘାତ ଯୋଗୁ ନା ଅନ୍ୟ କୌଣସି କାରଣ ତାହା ବ୍ୟବଚ୍ଛେଦ ପରେ ଜଣାପଡ଼ିବ। ଖବର ପାଇବା ପରେ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଖବରପାଇ ଟାଟା ପାୱାର କର୍ମଚାରୀମାନେ ଡାକ୍ତରଖାନାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରି ଘଟଣାର ତଦନ୍ତ କରିବାକୁ ଦାବି କରିଛନ୍ତି।

## ଉଦ୍ଧାର ପାଇଲେ କେନାଲ୍‌ରେ ଫସିଥିବା ଯୁବକ



କୋକସରା, ୬।୩ (ସଂଚାର ବ୍ୟୁରୋ): କେନାଲରେ ଫସି ରହିଥିବା ଜନୈକ ଯୁବକଙ୍କୁ ଉଦ୍ଧାର କରିଛନ୍ତି ଅଗ୍ନିଶମ କର୍ମଚାରୀ। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଇନ୍ଦ୍ରାବତୀ ବାମ ମୁଖ୍ୟ କେନାଲ କନ୍ଧାବୁଟ୍ରା ଗ୍ରାମ ନିକଟସ୍ଥ କେନାଲରେ ଉକ୍ତ ଯୁବକ ଜଣଙ୍କ ଫସିଯାଇଥିଲେ। ଗାଧୋଇବା ସମୟରେ କେନାଲର ପ୍ରଖର ସ୍ରୋତରେ ଭାସି ଯାଇ ଯୁବକ ଜଣଙ୍କ ପାୱାର ଗେଟ୍ ନିକଟରେ ଫସିରହିଥିଲେ। ଖବର ପାଇ ସ୍ଥାନୀୟ ସମାଜସେବୀ ରୁଦ୍ର ନାଏକ କୋକସରା ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ ବିଭାଗ ଓଆଇସି ପ୍ରଶାନ୍ତ ବାଘଙ୍କ ନେତୃତ୍ୱରେ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି କେନାଲ ଗେଟ୍ ମଧ୍ୟରେ ଥିବା ଉକ୍ତ ଯୁବକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଉକ୍ତ ଯୁବକ ଜଣଙ୍କ ସ୍ଥାନୀୟ କନ୍ଧାବୁଟ୍ରା ଗ୍ରାମର ୩୦ ବର୍ଷୀୟ କୁମର ରାଉତ ବୋଲି ଜଣାପଡ଼ିଛି। ତେବେ ତାଙ୍କ ମାନସିକ ସ୍ଥିତି ଭଲ ନ ଥିବା ଜଣାପଡ଼ିଛି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କ ଏପରି ତ୍ୱରିତ ପଦକ୍ଷେପ ଯୋଗୁଁ ଯୁବକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇପାରିଥିବାରୁ କର୍ମଚାରୀମାନଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ରାଜ୍ୟସଭା ନିର୍ବାଚନ; ଜଣଙ୍କ ପ୍ରାର୍ଥିପତ୍ର ନାକଚ



● କଂଗ୍ରେସ ସହ ଡିଲ ସାମୟିକ: ସଂତୃପ୍ତ
● ବିବେକ ଅନୁସାରେ ଭୋଟ ଦେବେ ବିଧାୟକ: ଦିଲ୍ଲୀପ

ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରୁ ୬ ଜଣ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଛି। କାରଣ ଜଣଙ୍କର ପ୍ରାର୍ଥିପତ୍ର ଆଜି ନାକଚ ହୋଇଛି। ଆଜି ନାମାଙ୍କନ ଯାଞ୍ଚ ପରେ ଏହା ଜଣାପଡ଼ିଛି। ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାରଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ସେହିଭଳି ବିଜେଡିର ସଂତୃପ୍ତ ମିଶ୍ର, କମନ୍ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ଓ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଅନ୍ୟପକ୍ଷରେ ତେଲଙ୍ଗାନାର କାନ୍ତେ ସାୟାନାଙ୍କ ପ୍ରାର୍ଥିପତ୍ର ବି ନାକଚ ହୋଇଯାଇଛି।

୪ର୍ଥ ଆସନ ପାଇଁ ଦିଲୀପ ରାୟ ଓ ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହେବ ବୋଲି କୁହାଯାଉଛି। ଦିଲୀପ କହିଛନ୍ତି ଯେ ୨୦୦୨ରେ ସେ ଯୋଜନାବଦ୍ଧ ଭାବେ ଲଢ଼ିଥିଲେ। ସେତେବେଳେ ୨ ମାସର ଗ୍ରାଉଣ୍ଡ ୱାର୍କ ହୋଇଥିଲା। ଏବେ ହଠାତ୍ ନିଷ୍ପତ୍ତି ହେଲା। ବିଧାୟକମାନେ ସେମାନଙ୍କ ବିବେକ ଅନୁସାରେ ଭୋଟ ଦେବେ ବୋଲି ସେ ଆଶା ରଖିଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଆଜି କହିଛନ୍ତି ଯେ କଂଗ୍ରେସ ସହିତ ବିଜେଡିର ସାମୟିକ ଡିଲ୍ ହୋଇଛି। କଂଗ୍ରେସ ଏକୁଟିଆ ପ୍ରାର୍ଥୀ ଦେଇପାରି ନଥାନ୍ତା।

## ଝାରପଡ଼ା ଜେଲ୍ କ୍ୱାର୍ଟରରୁ ୱାର୍ଡରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ଜେଲ କ୍ୱାର୍ଟରରେ ୱାର୍ଡରଙ୍କ ଝୁଲନ୍ତା ମୃତଦେହ। ଭୁବନେଶ୍ୱର ଝାରପଡ଼ା ଜେଲ୍ କ୍ୱାର୍ଟରରୁ ମିଳିଲା ମୃତଦେହ। ମୃତକ ହେଲେ ସାରଥୀ ପ୍ରଧାନ। ତାଙ୍କ ଘର ଗଜପତି ଜିଲ୍ଲାରେ। ସେ ନୟାଗଡ଼ ଜେଲରେ କାର୍ଯ୍ୟରତ ଥିଲେ। ଭୁବନେଶ୍ୱର କ୍ୱାର୍ଟରରେ ପତ୍ନୀ ଓ ଅନ୍ୟ ଘର ଲୋକ ଥିଲେ। ସେହି କ୍ୱାର୍ଟରରୁ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ମିଳିଛି। ମୃତଦେହ ଜବତ କରି ହସ୍ପିଟାଲ ପଠାଇଛି ପୋଲିସ। ସନ୍ଦେହ ଜନକ ମୃତ୍ୟୁର ତଦନ୍ତ କରୁଛି ଲକ୍ଷ୍ମୀସାଗର ଥାନା ପୋଲିସ୍।

## ରାଜ୍ୟରେ କାଳବୈଶାଖୀ ସମ୍ଭାବନା




ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ରାଜ୍ୟରେ ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା ସମ୍ଭାବନା। ଉତ୍ତର ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ରହିବ ପ୍ରଭାବ। ୧୨ଟି ଜିଲ୍ଲାକୁ ୟେଲୋ ଆଲର୍ଟ। ସେପଟେ ପ୍ରବଳ ଗୁଳୁଗୁଳି ନେଇ ବି ସତର୍କ କରାଇଛି ପାଣିପାଗ ବିଭାଗ। ଆସନ୍ତାକାଲିଠୁ ୯ ତାରିଖ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା। ଆସନ୍ତାକାଲି ଉତ୍ତର ଓଡ଼ିଶାର ଝାରସୁଗୁଡ଼ା, ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ଖୋର୍ଦ୍ଧା, ପୁରୀରେ କାଳବୈଶାଖି ବର୍ଷା ହେବ। ୮ ତାରିଖ ପାଇଁ ୨୪ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି। ୯ ତାରିଖରେ ୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ। ୮ରେ ଅଧା ଓଡ଼ିଶାରେ ହେବ ବର୍ଷା। ସୁନ୍ଦରଗଡ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱରରେ କାଳବୈଶାଖୀ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଦିଆଯାଇଛି।

## ରାତି ଅଧରେ ବିଦ୍ୟାଳୟରୁ ଚାଉଳ ଚୋରି ଉଦ୍ୟମ



ଲାଞ୍ଜିଗଡ଼, ୬।୩ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲା ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ସୋମବାର ବିଳମ୍ବିତ ରାତିରେ ୨ କ୍ୱିଣ୍ଟାଲ ଚାଉଳ ଚୋରି କରିବା ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ହଠାତ୍ ଜମା ହୋଇଯିବାରୁ ଉଦ୍ୟମକାରୀ ଘଟଣାସ୍ଥଳରୁ ଫେରାର ହୋଇଥିବା ଜଣାପଡ଼ିଛି। ସୂଚନାନୁସାରେ, ବିଜେପୁର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚତୁରତାର ସହିତ ଅଖା ବସ୍ତା ବଦଳରେ ସିମେଣ୍ଟ ବସ୍ତାରେ ୨ କ୍ୱିଣ୍ଟାଲ ତଥା ୪ ପ୍ୟାକେଟ୍ ଚାଉଳ ପୂରାଇ ରାତି ଅଧରେ ପାଚେରି ଡିଆଁଇ ଏକ ବୋଲେରୋ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଚାଉଳ ଚୋରା ଚାଲାଣ କରୁଥିବା ସମୟରେ ସ୍ଥାନୀୟ ଲୋକେ ହଠାତ୍ ମାଡି ବସିଥିବା ବେଳେ ଆବାସିକ ବିଦ୍ୟାଳୟ ଦାୟିତ୍ୱରେ ଥିବା ମେଟ୍ରନ ଚୂଳେନ୍ଦ୍ରି ସାହୁ ସମେତ ୪ ପ୍ୟାକେଟ୍ ଚାଉଳ ଜବତ କରି ପଚରାଉଚରା କରିଥିଲେ ଗ୍ରାମବାସୀ। ହେଲେ ମେଟ୍ରନ ଚୂଳେନ୍ଦ୍ରି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିବାରୁ ଏହା ଚୋରି ଚାଉଳ ବୋଲି ଗ୍ରାମବାସୀ ସ୍ପଷ୍ଟ ସନ୍ଦେହ କରିଥିବା ଜଣାପଡ଼ିଛି। ହେଲେ ଏପଟେ ଘଟଣାରେ ଲିପ୍ତ ଥିବା ବୋଲେରୋ ପିକ୍‌ଅପ୍ ଭ୍ୟାନ ଘଟଣାସ୍ଥଳରୁ ଫେରାର ମାରିଥିବାରେ ସକ୍ଷମ ହୋଇଛି। ତେବେ ଏହା ଚୋରି ଚାଉଳ ବୋଲି ଗାଁ ଲୋକେ ସ୍ପଷ୍ଟ ଜାଣିଥିଲେ ସୁଦ୍ଧା ପୋଲିସକୁ ନ ଜଣାଇ ସେହି ଚୋରି ଚାଉଳକୁ ଜବତ କରି ସ୍କୁଲ ଦାୟିତ୍ୱରେ ଥିବା ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଜିମା ଦେଇଥିବା ସୂଚନା ମିଳିଛି। ତେବେ ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ସହିତ ଗରିବ ନିରୀହ ଅନ୍ତେବାସୀ ଛାତ୍ରୀଛାତ୍ରଙ୍କ ପେଟକୁ ଲାତ ମାରି ସେମାନଙ୍କ ମୁହଁର ଦାନାକୁ ଚୋରି କରି ଭଦ୍ରମୁଖା ପିନ୍ଧିଥିବା କର୍ମଚାରୀଙ୍କ ବିରୋଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି।

## ଦେବବ୍ରତଙ୍କ ଫୁଲବାଣୀ ବାସଭବନରେ ଭିଜିଲାନ୍ସ

● ୮ଜଣିଆ ଟିମ୍‌ର ଖୋଲତାଡ଼

କନ୍ଧମାଳ, ୬।୩ (ସଂଚାର ବ୍ୟୁରୋ): କୋଟିପତି ଖଣିବାବୁ ଦେବବ୍ରତ ମହାନ୍ତିଙ୍କ ଫୁଲବାଣୀ ବାସଭବନରେ ପହଞ୍ଚିଛି ଭିଜିଲାନ୍ସ ଟିମ୍। ଭୁବନେଶ୍ୱର ଭିଜିଲାନ୍ସର ଏକ ସ୍ୱତନ୍ତ୍ର ୮ଜଣିଆ ଟିମ ଶ୍ରୀ ମହାନ୍ତିଙ୍କୁ ନେଇ ଫୁଲବାଣୀର ନାରାୟଣ ସାହିସ୍ଥିତ ଭଡ଼ା ଘରେ ପହଞ୍ଚି ଖୋଲତାଡ଼ କରୁଥିବା ଜଣାପଡ଼ିଛି। ଆୟ



ବହିର୍ଭୂତ ସମ୍ପତ୍ତି ଠୁଳ ଓ ଲାଞ୍ଚ ନେବା ଅଭିଯୋଗରେ ପୂର୍ବରୁ ଦେବବ୍ରତ ଗିରଫ ହୋଇଥିଲେ। ତାଙ୍କର ଭୁବନେଶ୍ୱରସ୍ଥିତ ବାସଭବନରୁ ଏକକାଳୀନ ଭିଜିଲାନ୍ସ ଇତିହାସରେ ରେକର୍ଡ ୪ କୋଟି ୨୭ ଲକ୍ଷରୁ ଅଧିକ ଟଙ୍କା ଜବତ ହୋଇଥିଲା। ଜଣେ କୋଇଲା ବ୍ୟବସାୟୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେବା ସମୟରେ ଦେବବ୍ରତ ଧରାପଡ଼ିଥିଲେ। ଏହାପରେ ତାଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିଲା। ଦେବବ୍ରତ ୨୦୦୪ରେ ସରକାରୀ ଚାକିରିରେ ଯୋଗ ଦେଇଥିଲେ। ଚଳିତ ବର୍ଷ ଜାନୁଆରୀରେ ଖଣି ବିଭାଗର କଟକ ସର୍କଲର ଡେପୁଟି ଡାଇରେକ୍ଟର ଭାବେ ଦାୟିତ୍ୱ ସେ ଗ୍ରହଣ କରିଥିଲେ।

## ହାଇଦ୍ରାବାଦରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ



କୋକସରା, ୬।୩ (ସଂଚାର ବ୍ୟୁରୋ): କାମଧନ୍ଦା ନ ପାଇ ହାଇଦ୍ରାବାଦ ସହରକୁ ଦାଦନ ଖଟିବାକୁ ଯାଇଥିବା ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ମୃତ ଶ୍ରମିକ ଜଣଙ୍କ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଡହଗାଁ ପଞ୍ଚାୟତ ସର୍ଗିଗୁଡା ଡଙ୍ଗରୀପଡ଼ାର ଜଗମୋହନ ମାଝୀଙ୍କ ପୁଅ ଦୁର୍ଲ୍ଲଭ। ସେହିପରି ଗୁରୁତର ଶ୍ରମିକ ଜଣଙ୍କ ଉକ୍ତ ଗ୍ରାମର ଚନ୍ଦ୍ରଶେଖର ମାଝୀ। ମିଳିଥିବା ସୂଚନା ଅନୁସାରେ, ଦୁର୍ଲ୍ଲଭ ଓ ଚନ୍ଦ୍ରଶେଖର ୩/୪ ମାସ ତଳେ ଗାଁର କେତେକ ଯୁବକଙ୍କ ସହ ହାଇଦ୍ରାବାଦ ସହର ପଟାନଚେରୁର ନନ୍ଦିଗାଁଓକୁ କାମ କରିବାକୁ ଯାଇଥିଲେ। ସେଠାରେ ସେମାନେ ଏକ ଘରୋଇ ସଂସ୍ଥା ଜରିଆରେ ବିଲ୍ଡିଂ କାମରେ ନିୟୋଜିତ ହୋଇଥିଲେ। ତେବେ ଆଜି ସକାଳେ କାମ କରୁଥିବା ସମୟରେ ହଠାତ୍ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦୁର୍ଲ୍ଲଭଙ୍କ ମୃତ୍ୟୁ ଘଟିଥିବା ବେଳେ ବିଦ୍ୟୁତ୍ ଝଟ୍‌କାରେ ବିଲ୍ଡିଂରୁ ଖସି ପଡ଼ି ଚନ୍ଦ୍ରଶେଖର ଗୁରୁତର ଆହତ ହୋଇଛନ୍ତି। ଚନ୍ଦ୍ରଶେଖର ସ୍ଥାନୀୟ ଏକ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଚନ୍ଦ୍ରଶେଖରଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ପୁଲିସ ଏକ ମାମଲା ରୁଜୁ କରି ଦୁର୍ଲ୍ଲଭଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ସାଥୀ ଶ୍ରମିକ ଓ ଠିକା ସଂସ୍ଥାକୁ ହସ୍ତାନ୍ତର କରିଛି। ଆମ୍ବୁଲାନ୍ସ ଯୋଗେ ମୃତଦେହ ଗାଁକୁ ଫେରୁଥିବା ପରିବାର ଲୋକେ କହିଛନ୍ତି। ତେବେ ମୃତ ଦୁର୍ଲ୍ଲଭଙ୍କ ପରିବାର ଗରୀବ ଶ୍ରେଣୀର ହୋଇଥିବା ବେଳେ ଏକମାତ୍ର ରୋଜଗାରିଆ ପୁଅକୁ ହରାଇବା ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ତେଣୁ ତୁରନ୍ତ ଉକ୍ତ ପରିବାରକୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସହାୟତା ଯୋଗାଇଦେବା ସହ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ଚନ୍ଦ୍ରଶେଖରଙ୍କୁ ଆବଶ୍ୟକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦାବି ହେଉଛି।

## ହସ୍ତତନ୍ତ ପୋଷାକ ପିନ୍ଧି ଆସିଲେ କର୍ମଚାରୀ ଓ ଅଧିକାରୀ



ଭୁବନେଶ୍ୱର, ୬।୩ (ସଂଚାର ବ୍ୟୁରୋ): ରାଜସ୍ୱ ବିଭାଗ ପକ୍ଷରୁ ଆଜି ହସ୍ତତନ୍ତ ବସ୍ତ୍ର ପରିଧାନ ଉଦ୍ୟମକୁ ଉତ୍ସାହର ସହିତ ପାଳନ କରାଯାଇଛି। ଏହି ଅବସରରେ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ଓଡ଼ିଶାର

**ରାଜସ୍ୱ ବିଭାଗରେ ଶୁକ୍ରବାର ହସ୍ତତନ୍ତ ବସ୍ତ୍ର ପରିଧାନ**

ସମୃଦ୍ଧ ଓ ପାରମ୍ପରିକ ହସ୍ତତନ୍ତ ପୋଷାକ ପରିଧାନ କରି କାର୍ଯ୍ୟାଳୟକୁ ଆସିଥିଲେ। ଏହା ମାଧ୍ୟମରେ ରାଜ୍ୟର ପାରମ୍ପରିକ ବୟନ ଓ ହସ୍ତତନ୍ତ ଶିଳ୍ପ ପ୍ରତି ସମ୍ମାନ ଓ ସମର୍ଥନ ପ୍ରକାଶ ପାଇଛି। ଏହି ଅବସରକୁ ସ୍ମରଣୀୟ କରିବା ପାଇଁ ଆଜି ଲୋକସେବା ଭବନ ସମ୍ମୁଖରେ ସମସ୍ତଙ୍କର ଏକ ଗ୍ରୁପ୍ ଫଟୋ ମଧ୍ୟ ଉଠାଯାଇଥିଲା, ଯାହା ମାଧ୍ୟମରେ ଓଡ଼ିଶାର ହସ୍ତତନ୍ତ ଏବଂ ଐତିହ୍ୟର ପ୍ରଚାର ପ୍ରତି ବିଭାଗର ସମୂହ ଅଙ୍ଗୀକାରବଦ୍ଧତା ପ୍ରକାଶ ପାଇଛି।

ଏହି ଅବସରରେ ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ କହିଥିଲେ, ଏହି ପ୍ରୟାସ ମାଧ୍ୟମରେ ରାଜ୍ୟର ସ୍ୱଦେଶୀ ହସ୍ତତନ୍ତ ପଦାର୍ଥ ବ୍ୟବହାରକୁ ଉତ୍ସାହିତ କରିବା ସହିତ ସ୍ଥାନୀୟ ବୁଣାକାରମାନଙ୍କ ଜୀବିକାକୁ ସମର୍ଥନ ଦେବା ଲକ୍ଷ୍ୟ ରହିଛି। ସେହିପରି ଏହା ମାଧ୍ୟମରେ ସରକାରୀ କର୍ମଚାରୀ ଓ ସାଧାରଣ ଲୋକଙ୍କ ମଧ୍ୟରେ ଓଡ଼ିଶାର ବିଶିଷ୍ଟ ହସ୍ତତନ୍ତ ପରମ୍ପରା ପ୍ରତି ଅଧିକ ସଚେତନତା ଓ ସ୍ୱୀକୃତି ମଧ୍ୟ ବୃଦ୍ଧି ପାଇବ। ରାଜସ୍ୱ ସଚିବ ଶ୍ରୀ ପାଢ଼ୀ ଏହି ଉଦ୍ୟମରେ ଅଧିକାରୀ ଓ କର୍ମଚାରୀମାନଙ୍କ ଆଗ୍ରହ ସହକାରେ ଅଂଶଗ୍ରହଣକୁ ପ୍ରଶଂସା କରିଥିଲେ। ସୂଚନାଯୋଗ୍ୟ ଯେ, ପୂର୍ବରୁ ରାଜସ୍ୱ ସଚିବ ବିଭାଗର ସମସ୍ତ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କୁ ଚିଠି ଲେଖି ପ୍ରତ୍ୟେକ ଶୁକ୍ରବାର ହସ୍ତତନ୍ତ ପୋଷାକ ପରିଧାନ ସହ ଓଡ଼ିଶାର ପାରମ୍ପରିକ ହସ୍ତତନ୍ତ ସଂସ୍କୃତିକୁ ପ୍ରଚାର କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







## ଯୁଦ୍ଧ ପାଇଁ ବଜାର ବେହାଲ, ଖସିଲା ସେନସେକ୍ସ-ନିଫ୍ଟି

ମୁମ୍ବାଇ, ୬।୩ଃ ବିଶ୍ୱର ଅର୍ଥନୀତି ଉପରେ ଯୁଦ୍ଧର ପ୍ରଭାବ। ଭାରତ ବି ପଡିନି ବାଦ୍। ସେୟାର ବଜାର ଉପରେ ଯୁଦ୍ଧର କଳା ବାଦଲ ହଟୁନି। ଶୁକ୍ରବାର ମଧ୍ୟ ମାର୍କେଟ୍ କ୍ରାଶ୍ କରି ଯାଇଛି। କାରବାର ଆରମ୍ଭରୁ ଉଭୟ ସେନସେକ୍ସ ଏବଂ ନିଫ୍ଟିରେ ହ୍ରାସ ପରିଲକ୍ଷିତ ହୋଇଛି। ସକାଳ ୯ଟା ୧୫ରେ ବିଏସଇ ସେନସେକ୍ସ ପୂର୍ବ ଦିନ ଅପେକ୍ଷା ୫୪୭.୪୯ ଅଙ୍କ ଖସି ଯାଇଛି। ଅର୍ଥାତ ସେନସେକ୍ସରେ ୦.୬୮ ପ୍ରତିଶତ ହ୍ରାସ ପରିଲକ୍ଷିତ ହୋଇଛି। ଏହା ଏବେ ୭୯,୪୬୮.୪୧ରେ ଟ୍ରେଡ୍ କରୁଛି। ସେହିପରି ନିଫ୍ଟି ୧୫୫.୪୫ ପଏଣ୍ଟ ଅର୍ଥାତ ୦.୬୩ ପ୍ରତିଶତ ହ୍ରାସ ପାଇଛି। ଏବେ ଏହା ୨୪,୬୧୦.୪୫ ଅଙ୍କରେ ଟ୍ରେଡ୍ କରୁଥିବା ଦେଖିବାକୁ ମିଳିଛି। ବଜାର ବିଶେଷଜ୍ଞଙ୍କ କହିବାନୁସାରେ, ଯୁଦ୍ଧ ଜାରି ରହିଛି। ତେଣୁ ବଜାରରେ ଅନିଶ୍ଚିତତା ଦେଖିବାକୁ ମିଳିଛି। ଅଶୋଦ୍ଧିତ ତୈଳ ଦାମ୍ ବଜାରକୁ ପ୍ରଭାବିତ କରିବ। ଯୁଦ୍ଧ ହେଲା ପରେ ଅଶୋଦ୍ଧିତ ତୈଳ ଦାମ୍ ୧୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ସେନସେକ୍ସରେ ଇଣ୍ଟରଗ୍ଲୋବ୍ ଆଭିଏସନ, ଆଇସିଆଇସିଆଇଇ ବ୍ୟାଙ୍କ, ଏଚଡିଏଫସି ବ୍ୟାଙ୍କ୍ ସେୟାର ପ୍ରାଇସ୍ କମିଛି। କେବଳ ଭାରତ ନୁହେଁ ଆମେରିକାର ସେୟାର ବଜାର ଓ୍ୱାଲ୍ ଷ୍ଟ୍ରିଟରେ ରାତାରାତି ଅନେକ କମ୍ପାନୀର ସେୟାର ଦାମ୍ କମିଯାଇଛି। ଯୁଦ୍ଧର ପ୍ରଭାବ ପାଇଁ ନିବେଶକ ମାର୍କେଟରୁ ଟଙ୍କା କାଢି ଦେଉଥିବା ବିଶେଷଜ୍ଞ କହୁଛନ୍ତି।

### ଏଲପିଜି ସମସ୍ୟାର ସମାଧାନ ପାଇଁ ସରକାରଙ୍କ ଯୋଜନା

# ଏଲପିଜି ଉତ୍ପାଦନ ବୃଦ୍ଧି କରିବାକୁ ନିର୍ଦ୍ଦେଶ

### ପ୍ରଭାବ ପକାଇପାରିବନି ମଧ୍ୟପ୍ରାଚ୍ୟରେ ଯୁଦ୍ଧ



ନୂଆଦିଲ୍ଲୀ, ୬।୩ଃମଧ୍ୟପ୍ରାଚ୍ୟରେ ଯୁଦ୍ଧ ଯୋଗୁ ପ୍ରଭାବିତ ହୋଇଛି ଘରୋଇ ରନ୍ଧନ ଗ୍ୟାସ ଯୋଗାଣ। ଭାରତ ସମେତ ଅନେକ ଦେଶଙ୍କୁ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଅବଶ୍ୟ ଏଥିରୁ ବାହାରିବାକୁ ପ୍ରୟାସ ଆରମ୍ଭ କରିଦେଇଛି ଭାରତ। ଏହିକ୍ରମରେ ଇନ୍ଧନ ଗ୍ୟାସ ଅଭାବକୁ ଏଡ଼ାଇବା ପାଇଁ ଜରୁରୀକାଳୀନ କ୍ଷମତା ବ୍ୟବହାର କରି ଭାରତ ସରକାର ତୈଳ ବିଶୋଧନାଗାରଗୁଡ଼ିକୁ ତରଳ ପେଟ୍ରୋଲିୟମ ଗ୍ୟାସ (ଏଲପିଜି) ଉତ୍ପାଦନ ବୃଦ୍ଧ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଥାଉକି, ଭାରତ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଏଲପିଜି ଆମଦାନୀକାରୀ ଦେଶ। ଗତ ବର୍ଷ ପ୍ରାୟ ୩୩.୧୫ ମିଲିୟନ ମେଟ୍ରିକ୍ ଟନ୍ ରନ୍ଧନ ଗ୍ୟାସ୍ ବ୍ୟବହାର ହୋଇଥିଲା। ଦେଶର ମୋଟ ଏଲପିଜି ଆବଶ୍ୟକତାର ପ୍ରାୟ ଦୁଇ- ତୃତୀୟାଂଶ ଆମଦାନୀ ମାଧ୍ୟମରେ ପୂରଣ କରାଯାଏ। ଏହି ଯୋଗାଣର ପ୍ରାୟ ୮୫-୯୦% ମଧ୍ୟପ୍ରାଚ୍ୟରୁ ଆସିଥାଏ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ଗ୍ୟାସ ମୁଖ୍ୟତଃ ସରକାରୀ ତେଲ କମ୍ପାନୀ ଯଥା, ଇଣ୍ଡିଆନ ଅଏଲ୍ କର୍ପୋରେସନ, ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେସନ ଏବଂ ଭାରତ ପେଟ୍ରୋଲିୟମ୍ କର୍ପୋରେସନକୁ ଯୋଗାଇ ଦିଆଯିବା ଉଚିତ। ଯେଉଁମାନେ ଏହାକୁ ଘରୋଇ ଗ୍ରାହକମାନଙ୍କୁ ଯୋଗାଇବେ। ସରକାରୀ ତଥ୍ୟ ଅନୁଯାୟୀ, ଦେଶରେ ପ୍ରାୟ ୩୩.୨ କୋଟି ସକ୍ରିୟ ଏଲପିଜି ଗ୍ରାହକ ଅଛନ୍ତି। ଆମେରିକାରୁ ଭାରତକୁ ଏଲପିଜି ଆମଦାନୀ ଜାନୁଆରୀ ମାସରୁ ଆରମ୍ଭ ହୋଇଛି। ଭାରତୀୟ ସରକାରୀ କ୍ଷେତ୍ରର ତୈଳ କମ୍ପାନୀଗୁଡ଼ିକ ୨୦୨୬ ଚୁକ୍ତିନାମା ବର୍ଷ ପାଇଁ ଆମେରିକା ଗଲ୍ଫ କୋଷ୍ଟରୁ ପ୍ରତିବର୍ଷ ପ୍ରାୟ ୨.୨ ମେଟ୍ରିକ୍ ଟନ୍ ଏଲପିଜି ଆମଦାନୀ କରିବା ପାଇଁ ନଭେମ୍ବର ୨୦୨୫ରେ ଏକ ବର୍ଷ ପାଇଁ ଚୁକ୍ତି ସ୍ୱାକ୍ଷର କରିଥିଲେ। ଏହା ସହ ସରକାର ସରକାର ରିଫାଇନାରୀଗୁଡ଼ିକୁ ପ୍ରୋପେନ ଏବଂ ବ୍ୟୁଟେନକୁ ଫେରାଇ ଆଣିବା ଏବଂ ଏଲପିଜି ଉତ୍ପାଦନ ପାଇଁ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବିଶେଷଜ୍ଞଙ୍କ ଅନୁସାରେ, ପ୍ରୋପେନ ଏବଂ ବ୍ୟୁଟେନକୁ ଏଲପିଜି ପାଇଁ ବ୍ୟବହାର କରିବା ପେଟ୍ରୋକେମିକାଲ କମ୍ପାନୀଗୁଡ଼ିକର ଲାଭକୁ ପ୍ରଭାବିତ କରିପାରେ। କାରଣ ପଲିପ୍ରପିଲିନ ଏବଂ ଆଲକାଇଲେଟ ଭଳି ଉତ୍ପାଦଗୁଡ଼ିକ ଏଲପିଜି ଅପେକ୍ଷା ଅଧିକ।

# କତାରରେ ଗ୍ୟାସ ଉତ୍ପାଦନ ବନ୍ଦ

### ବଢ଼ିପାରେ ସିଏନ୍‌ଜି, ପିଏନ୍‌ଜି ଦର





ନୂଆଦିଲ୍ଲୀ,୬।୩ଃ ମଧପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁ ଭାରତରେ ସିଏନ୍‌ଜି (କମ୍ପ୍ରେସ୍ଡ ନାଚୁରାଲ ଗ୍ୟାସ) ଏବଂ ପିଏନ୍‌ଜି (ପାଇପ୍ଡ ନାଚୁରାଲ ଗ୍ୟାସ) ଦର ବଢ଼ିପାରେ। ଇରାନର ଡ୍ରୋନ୍ ହମ୍‌ଲା ପରେ ଭାରତକୁ ଗ୍ୟାସ ଯୋଗାଉଥିବା ସର୍ବବୃହତ୍ ଦେଶ କତାର ଏହାର ଲିକ୍ୱିଫାଏଡ୍ ନାଚୁରାଲ ଗ୍ୟାସ(ଏଲ୍‌ଏନ୍‌ଜି) ପ୍ଲାଣ୍ଟରେ ଉତ୍ପାଦନ ବନ୍ଦ କରିଦେଇଛି। ଏହାଦ୍ୱାରା ଭାରତ ଆସିବାକୁ ଥିବା ଜାହାଜଗୁଡ଼ିକ ଅଟକିଛି ଏବଂ ଘରୋଇ ବଜାରରେ ଗ୍ୟାସ ଯୋଗାଣ ୪୦% ପର୍ଯ୍ୟନ୍ତ ହ୍ରାସ ପାଇଛି। ଭାରତ ଏହାର ଆବଶ୍ୟକତାର ୪୦% ଏଲ୍‌ଏନ୍ଜି ଅର୍ଥାତ୍ ପାଖାପାଖି ୨.୭ କୋଟି ଟନ୍ କତାରରୁ ଆମଦାନି କରିଥାଏ। ବିଦେଶରୁ ଆସୁଥିବା ଏଲ୍‌ଏନ୍‌ଜିକୁ ସିଏନ୍‌ଜି ଏବଂ ପିଏନ୍‌ଜିରେ ବଦଳାଇ ଏହାର ଯୋଗାଣ କରାଯାଇଥାଏ। ଏହାର ଯୋଗାଣ ଅଟକିବା ଦ୍ୱାରା ସିଟି ଗ୍ୟାସ କମ୍ପାନି(ସିଜିଡି)ଗୁଡ଼ିକ ଚେତାବନୀ ଦେଇଛନ୍ତି ଯେ, ଯଦି ଶୀଘ୍ର ପରିସ୍ଥିତି ନ ସୁଧୁରେ ତେବେ ସିଏନ୍‌ଜି ଏବଂ ପିଏନ୍‌ଜି ଦାମ ବଢ଼ିପାରେ।

ଭାରତ ପାଇଁ ସବୁଠାରୁ ବଡ଼ ଆହ୍ୱାନ ହେଉଛି 'ହୋର୍ମୁଜ' ଜଳପଥ ବନ୍ଦ ହେବା। ଏହି ବାଟ ଦେଇ କତାର ଏବଂ ୟୁଏଇ ଭଳି ଦେଶ ନିଜ ନିଜର ତେଲ ଏବଂ ଗ୍ୟାସ ରପ୍ତାନି କରିଥାନ୍ତି। ଇରାନ ଏବଂ ଇସ୍ରାଏଲ ଯୁଦ୍ଧ ଯୋଗୁ ଏହି ରୁଟ୍ ଏବେ ସୁରକ୍ଷିତ ନାହିଁ। ୨୮ ଫେବ୍ରୁଆରୀରେ ଏହି ମାର୍ଗ ଦେଇ ୯୧ ଜାହାଜ ଅତିକ୍ରମ କରୁଥିଲେ, ଯାହା ଏବେ ହ୍ରାସ ପାଇ ୨୬ ହୋଇଯାଇଛି। ଭାରତ ଏହାର ଆବଶ୍ୟକତାର ୫୦% ଅଶୋଧିତ ତୈଳ ଏବଂ ୫୪% ଏଲ୍‌ଏନ୍ଜି ଏହି ମାର୍ଗରେ ଆଣିଥାଏ। ଏଭଳି ସ୍ଥିତିରେ ତେଲ ଏବଂ ଗ୍ୟାସ ଯୋଗାଣ ରାସ୍ତା ବନ୍ଦ ହୋଇଯାଇଛି। କତାର ଏନର୍ଜୀ ମୁତାବକ ଇରାନ କତାରର 'ରାସ୍ ଲଫାନ' ଏବଂ 'ମେସାଇଦ୍' ଶିଳ୍ପ ସହରସ୍ଥିତ ପ୍ଲାଣ୍ଟ ଉପରେ ଡ୍ରୋନ ହମ୍ଲା କରିଥିଲା। ସୁରକ୍ଷା କାରଣରୁ କମ୍ପାନି ଏଲ୍‌ଏନ୍ଜି ଉତ୍ପାଦନକୁ ବର୍ତ୍ତମାନ ପାଇଁ ବନ୍ଦ କରିଦେଇଛି।

### ଯୁଦ୍ଧ ଯୋଗୁ ଅଶାନ୍ତ ପଶ୍ଚିମ ଏସିଆ

# ବିପଦରେ ଭାରତର ପ୍ରାୟ ୪ ଲକ୍ଷ କୋଟି ଟଙ୍କାର ବୈଦ୍ୟୁତିକ ବାଣିଜ୍ୟ

ନୂଆଦିଲ୍ଲୀ, ୬।୩ଃ ଇରାନ-ଇସ୍ରାଏଲ ଯୁଦ୍ଧକୁ ନେଇ ବଢୁଥିବା ଉତ୍ତେଜନା ଭାରତର ମୋବାଇଲ୍ ଇଲେକ୍ଟ୍ରୋନିକ୍ସ ରପ୍ତାନି ଉପରେ ନକାରାତ୍ମକ ପ୍ରଭାବ ପକାଇବା ନେଇ ଆସଙ୍କା ବୃଦ୍ଧି ପାଇଛି। ଇଲେକ୍ଟ୍ରୋନିକ୍ସ ଶିଳ୍ପ ସଂଗଠନଗୁଡ଼ିକ ସମ୍ପ୍ରତି ଚେତାବନୀ ଦେଇଛନ୍ତି ଯେ ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଭାରତର ୪୪ ଅରବ ଡଲାର (ପ୍ରାୟ ୪ ଲକ୍ଷ କୋଟି ଟଙ୍କା) ଇଲେକ୍ଟ୍ରୋନିକ୍ସ ରପ୍ତାନିକୁ ଗୁରୁତର ଭାବରେ ପ୍ରଭାବିତ କରିପାରେ। ଏହା ଲଜିଷ୍ଟିକ୍ସ ଏବଂ ଉତ୍ପାଦନ ଖର୍ଚ୍ଚକୁ ମଧ୍ୟ ଯଥେଷ୍ଟ ବୃଦ୍ଧି କରିବ। କାରଣ ବଢୁଥିବା ଉତ୍ତେଜନା ଯୋଗୁ ବିମାନ ଯାତାୟତ ଏବଂ ବାଣିଜ୍ୟ ମାର୍ଗରେ ଅସ୍ଥିରତା ବଢ଼ିବାର ବିପଦ ଦେଖା ଦେଇଛି। ଏନେଇ ବିଜନେସ ଷ୍ଟାଣ୍ଡାର୍ଡରେ ଖବର ପ୍ରକାଶ ପାଇଛି। ଇଲେକ୍ଟ୍ରୋନିକ୍ ରପ୍ତାନି ବିଶ୍ୱ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହୋଇପାରେ। ICEA (ଇଣ୍ଡିଆ ସେଲ୍ୟୁଲାର ଆଣ୍ଡ ଇଲେକ୍ଟ୍ରୋନିକ୍ସ ଆସୋସିଏସନ) ସଭାପତି ପଙ୍କଜ ମହେନ୍ଦ୍ରୁ କହିଛନ୍ତି ଯେ ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ବିଶ୍ୱ ଯୋଗାଣ ଶୃଙ୍ଖଳ ସହିତ ଜଡିତ ରହିଛି। ଏବଂ ଅର୍ଦ୍ଧାଂଶ ସାମଗ୍ରୀ କାର୍ଗୋ ବିମାନ ଦ୍ୱାରା ରପ୍ତାନୀ କରଯାଉଛି। ମଧ୍ୟପ୍ରାଚ୍ୟରେ ପ୍ରମୁଖ ବିମାନ ଏବଂ ଆଞ୍ଚଳିକ ବାଣିଜ୍ୟ ମାର୍ଗରେ କୌଣସି ପ୍ରକାରର ବାଧା ସୃଷ୍ଟି ହେଲେ ଅସ୍ଥାୟୀ ପରିବହନ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଏହି ସମସ୍ୟା ଦୀର୍ଘ ସମୟ ପାଇଁ ଜାରି ରହେ, ତେବେ ରପ୍ତାନି ବିଳମ୍ବିତ ହୋଇପାରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଶ୍ୱ ଇଲେକ୍ଟ୍ରୋନିକ୍ସ ଉତ୍ପାଦନରେ ଭାରତର ବୃଦ୍ଧି ପାଉଥିବା ଭୂମିକାକୁ ମଧ୍ୟପ୍ରାଚ୍ୟ ବଜାରଗୁଡ଼ିକରୁ ସମର୍ଥନ ମିଳୁଛି। ଯଦି ଏହି ସମୟରେ ସମସ୍ୟା ସୃଷ୍ଟି ହେବ ତେବେ ଇଣ୍ଡଷ୍ଟ୍ରୀ ପାଇଁ ଏହା ବଡ଼ ବିପଦ।

୨୦୨୫ ମସିହାରେ ଭାରତର ଇଲେକ୍ଟ୍ରୋନିକ୍ସ ରପ୍ତାନି ୪ ଲକ୍ଷ କୋଟି ଟଙ୍କା (୪୪ ଆରବ ଡଲାର) ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଚଳିତ ବର୍ଷ ଚାରୋଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ଆରମ୍ଭ ହେବା ସହିତ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବାର ଆଶା କରାଯାଉଛି। ସ୍ମାର୍ଟଫୋନ୍ ଭାରତର ସର୍ବବୃହତ ରପ୍ତାନି ଉତ୍ପାଦ ପାଲଟିଛି, ୨୦୨୫ ମସିହାରେ ମୋଟ ବିଦେଶ ବିକ୍ରୟ ୩୦ ଆରବ ଡଲାର ବା ୨.୭୪ଲକ୍ଷ କୋଟି ପହଞ୍ଚିବ ବୋଲି ଆଶା କରାଯାଉଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ମଧ୍ୟପ୍ରାଚ୍ୟ ଭାରତୀୟ ଇଲେକ୍ଟ୍ରୋନିକ୍ ଉତ୍ପାଦ ପାଇଁ ଏକ ପ୍ରମୁଖ ବଜାର ପାଲଟିଛି।



# ଏଟିଏମ୍‌ରୁ ଦୈନିକ ଉଠାଣ ସୀମାରେ ହେବ ସଂଶୋଧନ

### ବଦଳିବ ପିଏନବିର ନିୟମ




ନୂଆଦିଲ୍ଲୀ ୬।୩ଃ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ (ପିଏନବି) ଡେବିଟ କାର୍ଡ ବ୍ୟବହାର କରୁଥିବା ଗ୍ରାହକଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘୋଷଣା କରିଛନ୍ତି। ଏଥିରେ ବ୍ାଙ୍କ ଏଟିଏମରୁ ଦୈନିକ ଉଠାଣର ସୀମା ସଂଶୋଧନ କରିବାକୁ ନିଷ୍ପତ୍ତି ନେଇଛନ୍ତି।ବ୍ୟାଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ନୂଆ ନିୟମ ୧ ଏପ୍ରିଲ ୨୦୨୬ରୁ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନର ଉଦ୍ଦେଶ୍ୟ ଗ୍ରାହକଙ୍କ ଆକାଉଣ୍ଟ ସୁରକ୍ଷା ଆହୁରି ମଜଭୁତ କରିବା ଓ ଡିଜିଟାଲ ନେଣଦେଣକୁ ପ୍ରୋତ୍ସାହିତ କରିବା। ବ୍ୟାଙ୍କର ଏପରି କେତେକ ଡେବିଟ କାର୍ଡ ଅଛି ଯେଉଁଥିରେ ଦୈନିକ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଉଠାଣ ହୋଇ ପାରୁଥିଲା। ହେଲେ ନୂଆ ନିୟମ ଲାଗୁ ହେବା ପରେ ଏହି ସବୁ ଡେବିଟ କାର୍ଡର ଉଠାଣ ସୀମା ହ୍ରାସ ହୋଇ ୫୦ ହଜାର ଟଙ୍କା ହୋଇଯିବ। ଏହି ପରିବର୍ତ୍ତନରେ ମୁଖ୍ୟତଃ ରୂପେ ଓ ଅନ୍ୟ ନେଟୱାର୍କର କିଛି କାର୍ଡ ରହିଛି। ଏଥିରେ ରୂପେ ଏନସିଏମସି ପ୍ଲାଟିନମ ଡୋମେଷ୍ଟିକ୍ ଓ ଇଣ୍ଟରନ୍ୟାସନାଲ ଡେବିଟ କାର୍ଡ ସମେତ ରୂପେ ୱମେନ ପାୱାର ପ୍ଲାଟିନମ କାର୍ଡ, ରୂପେ ପିଏନବି ପ୍ଲସ୍ ଡେବିଟ କାର୍ଡ, ରୂପେ ବିଜନେସ୍ ପ୍ଲାଟିନମ ଏନସିଏମସି କାର୍ଡ, ମାଷ୍ଟର ପ୍ଲାଟିନମ ଡେବିଟ୍ କାର୍ଡ ଓ ଭିସା ଗୋଲ୍ଡ ଡେବିଟ କାର୍ଡ ଭଳି କାର୍ଡ ସବୁ ରହିଛି। କିଛି ଏପରି ପ୍ରିମିୟମ ଡେବିଟକାର୍ଡ ଅଛି ଯାହାର ଦୈନିକ ଉଠାଣ ସୀମା ଦେଢ ଲକ୍ଷ ଟଙ୍କା ରହିଛି। ଏବେ ଏପରି କାର୍ଡ ନିମନ୍ତେ ନୂଆ ସୀମା ଦୈନିକ ୭୫ ହଜାର ଟଙ୍କା ନିର୍ଦ୍ଧାରଣ କରାଯାଇଛି। ବ୍ୟାଙ୍କ ଏହା ବି ସ୍ପଷ୍ଟ କରିଛନ୍ତି ଯେ ଯେଉଁ ଡେବିଟ୍ କାର୍ଡ ଏହିଲିଷ୍ଟରେ ସାମିଲ ନାହିଁ ସେଗୁଡିକର ଏଟିଏମ ଉଠାଣ ସୀମା ପୂର୍ବ ଭଳି ରହିବ। ଅର୍ଥାତ ଅନେକ ଗ୍ରାହକଙ୍କୁ ଏହି ପରିବର୍ତ୍ତନର ପ୍ରଭାବ ଅନୁଭବ ହେବ ନାହିଁ। ପିଏନବି ତାଙ୍କ ଗ୍ରାହକଙ୍କୁ ନିଜ ଏଟିଏମ ଉଠାଣ ଲିମିଟ୍ ନିଜେ ନିର୍ଦ୍ଧାରଣ କରିବାକୁ ମଧ୍ୟ ସୁବିଧା ଦେଇଛି। ଏଥିଲାଗି ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ, ପିଏନବି ୱାନ୍ ମୋବାଇଲ ଆପ୍, ଆଇଭିଆର ସର୍ଭିସ ଓ ହ୍ୱାଟସଆପ୍ ବ୍ୟାଙ୍କିଙ୍ଗ ଭଳି ବିକଳ୍ପ ମଧ୍ୟ ଉପଲବ୍ଧ ରଖିଛି। ବ୍ୟାଙ୍କ ଏହା ବି ସ୍ପଷ୍ଟ କରିଛନ୍ତି ଯେ ଏଟିଏମ ଉଠାଣ ସୀମା ପରିବର୍ତ୍ତନର ପ୍ରଭାବ ଟ୍ରାଞ୍ଜାକ୍ସନ ଉପରେ ପଡିବ ନାହିଁ। ଦୋକାନରେ କାର୍ଡରୁ ପୈଠ, ଅନଲାଇନ କ୍ରୟ ଓ କଣ୍ଟାକ୍ଟ ଲେସ୍ ପେମେଣ୍ଟ ଲିମିଟ୍ ପୂର୍ବଭଳି କାର୍ଯ୍ୟ କରିବ। ଏଣୁ ଗ୍ରାହକ ଡିଜିଟାଲ ପୈଠ ସେବା ନିର୍ବାଧରେ ଉପଯୋଗ କରିପାରିବେ।



## ଆଜିର ସୁନା ଦର

ସୁନା ଓ ରୁପା ଦରରେ ନିଆଁ। ଗୋଟିଏ ଦିନରେ ୧୦,୦୦୦ ଟଙ୍କାରୁ ଅଧିକ ବଢ଼ିଲା। ମଧପ୍ରାଚ୍ୟରେ ବଢୁଥିବା ଯୁଦ୍ଧ ଓ ଉତ୍ତେଜନା ଯୋଗୁଁ ଭାରତୀୟ ବଜାରରେ ସୁନା ଏବଂ ରୁପା ଦର ଆକାଶଛୁଆଁ ହୋଇଛି। ଆଜି ସକାଳେ ସୁନା ଦରରେ ଏକ ବଡ଼ ଧରଣର ବୃଦ୍ଧି ଦେଖିବାକୁ ମିଳିଛି। ଯାହା ସାଧାରଣ ଗ୍ରାହକଙ୍କୁ ବଡ଼ ଝଟକା ଦେଇଛି। ୨୪ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ପ୍ରାୟ ୧ ଲକ୍ଷ ୭୩ ହଜାର ୯୦ ଟଙ୍କାରେ ପହଞ୍ଚିଛି। ଶୁକ୍ରବାର ତୁଳନାରେ ଏହା ପ୍ରାୟ ୧୦,୬୦୦ ଟଙ୍କା ବୃଦ୍ଧି ପାଇଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପିଛା ଦର ବଢ଼ି ୧ ଲକ୍ଷ ୫୯ ହଜାର ଟଙ୍କାରେ ପହଞ୍ଚିଛି। ସେହିପରି ରୁପା ମଧ ସୁନାକୁ ତାଳ ଦେଇ ବଢ଼ିଛି। କିଲୋଗ୍ରାମ ପିଛା ପ୍ରାୟ ୨ ହଜାର ୯୪ ହଜାର ୯୦୦ ଟଙ୍କାରେ ପହଞ୍ଚିଛି। ଗୋଟିଏ ଦିନରେ ରୁପା ଦର ପ୍ରାୟ ୧୨,୭୬୦ ଟଙ୍କା ବଢ଼ିଛି। ଆମେରିକା-ଇସ୍ରାଏଲ ଏବଂ ଇରାନ ମଧରେ ଚାଲିଥିବା ସଂଘର୍ଷ ଯୋଗୁଁ ନିବେଶକମାନେ ସୁନାକୁ ସବୁଠାରୁ ସୁରକ୍ଷିତ ମନେକରୁଛନ୍ତି। ସେହିପରି ଟଙ୍କାର ମୂଲ୍ୟ ହ୍ରାସ ଘଟିବାରୁ ସୁନା ଦର ବଢ଼ିଛି। ଡଲାର ତୁଳନାରେ ଭାରତୀୟ ଟଙ୍କାର ମୂଲ୍ୟ କମିଥିବାରୁ ଦେଶରେ ସୁନା ଦର ବୃଦ୍ଧି ପାଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୪ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ। ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ଏକ୍ସାଇଜ୍ ଡ୍ୟୁଟି, ଡିଲର କମିଶନ ଏବଂ ଅନ୍ୟାନ୍ୟ ଜିନିଷ ଯୋଡିବା ପରେ ଏହାର ମୂଲ୍ୟ ପ୍ରାୟ ଦ୍ୱିଗୁଣିତ ହୁଏ। ବୈଦେଶିକ ମୂଲ୍ୟ ସହିତ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ମୂଲ୍ୟ ଉପରେ ନିର୍ଭର କରି ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ପ୍ରତିଦିନ ବଦଳିଥାଏ।




# ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ ?



ସୁସ୍ଥ ରହିବା ପାଇଁ ବହୁ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି। ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ? ଏହା ଓଜନ କମାଇବାଠାରୁ ଆରମ୍ଭ କରି ହୃଦୟ ରୋଗରୁ ରକ୍ଷା କରିବା ଯାଏ ବହୁତ କିଛିରେ ସହାୟକ ହୋଇଥାଏ।

ବାସ୍ତବରେ କହିବାକୁ ଗଲେ ଫାଇବର ହେଉଛି, ଆମେ ଯାହା ଖାଉଛେ ସେସବୁକୁ ଠିକ୍ ଭାବେ ହଜମ କରିବାରେ ଫାଇବର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଶରୀରକୁ ସିଧାସଳଖ ଭାବେ କୌଣସି ପୋଷକ ତତ୍ତ୍ୱ ଯୋଗାଇ ନଥାଏ, କିନ୍ତୁ ସୁସ୍ଥ ଜୀବନଶୈଳୀ ପାଇଁ ଡାଏଟ୍‌ରେ ଏହାକୁ ସାମିଲ୍ କରିବ ଖୁବ୍ ଜରୁରି। ଏହା ସାହାଯ୍ୟରେ ହିଁ ବ୍ୟକ୍ତି ଅଧିକ ସମୟ ଯାଏ ଭୋକ ଅନୁଭବ କରି ନଥାଏ। ଏହା ଓଭର ଇଟିଙ୍ଗ୍‌ଠାରୁ ରକ୍ଷା କରିବା ସହ ଓଜନ କମାଇବାରେ ସହଯୋଗ କରିଥାଏ। ଚାଲନ୍ତୁ ଜାଣିବା ଫାଇବର କ'ଣ? ଶରୀରରେ ଏହାର ଆବଶ୍ୟକତା ଓ ଅଭାବରୁ ହେଉଥିବା କ୍ଷତି ବିଷୟରେ ଜାଣିବା। ଫାଇବର ଏକ ପ୍ରକାର କାର୍ବୋ ହାଇଡ୍ରେଟ୍। ଏହା ହଜମ ପ୍ରକ୍ରିୟାକୁ ସୁଚାରୁ ରୂପେ ନିୟନ୍ତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଦୁଇପ୍ରକାରର ହୋଇଥାଏ। ପ୍ରଥମତଃ ଘୂର୍ଣ୍ଣନଶୀଳ ଓ ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର। ଘୂର୍ଣ୍ଣନଶୀଳ ଫାଇବର ଦ୍ୱାରା ଖାଦ୍ୟ ସହଜରେ ପାଣିରେ ମିଶିଯାଇଥାଏ। ଏହା ଶରୀରରେ ତରଳ ପଦାର୍ଥ ଭାବେ ରୂପାନ୍ତରିତ ହୋଇ କୋଲେଷ୍ଟେରଲ୍‌କୁ ନିୟନ୍ତ୍ରିତ କରିବାରେ ସହଯୋଗ କରିଥାଏ। ସେହିପାଇଁ ମଧୁମେହ ଓ ରକ୍ତଚାପ ରୋଗୀଙ୍କୁ ଡାଏଟ୍‌ରେ ଅଧିକ ଘୂର୍ଣ୍ଣନଶୀଳ ଫାଇବର ନେବାକୁ ପରାମର୍ଶ ଦିଆଯାଇଥାଏ। ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁବ୍ ସହାୟକ ହୋଇଥାଏ। ଏହା ଶରୀରରେ ଥିବା ଅଦରକାରୀ ଖାଦ୍ୟକୁ ସଫା କରିବାରେ ସାହାଯ୍ୟ କରିଥାଏ।

ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କେତେକ ରୋଗରୁ ମୁକ୍ତି ମିଳିଥାଏ। ଫାଇବର ଗହମ ଅଟା, ସବୁଜ ପତ୍ରଯୁକ୍ତ ପରିବା, ସାଲାଡ, ଟମାଟୋ, ପିଆଜ, ଚୋପାଯୁକ୍ତ ଡାଲି, ଶାକରକନ୍ଦ, ସୁଜି, ବେସନ, ଦଲିଆ, ଅଙ୍ଗୁର ଓ ସେଓ ଆଦିରୁ ଭରପୂର ମାତ୍ରାରେ ମିଳିଥାଏ। ଯଦି ବ୍ୟକ୍ତିଠାରେ ମଧୁମେହ କିମ୍ବା ମୋଟାପଣ ସମସ୍ୟା ରହିଥାଏ, ତେବେ ଏସବୁ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ।

ଶରୀରକୁ ଆବଶ୍ୟକ ପର୍ଯ୍ୟାପ୍ତ ମାତ୍ରାର ଫାଇବର ନ ମିଳିବା ଦ୍ୱାରା ପାଚନ ତନ୍ତ୍ର ବିଗିଡ଼ି ଯାଇଥାଏ। ଫଳରେ ପେଟ ସମସ୍ୟା, ମୁହଁରେ ବ୍ରଣ, ପାଟିରେ ଅଲସର୍ ପରି ସମସ୍ୟା ଦେଖା ଦେଇଥାଏ। ଏହାବ୍ୟତୀତ ଫାଇବର ଅଭାବରୁ ଗ୍ୟାସ୍, କବ୍ଜ, ବଦ୍‌ହଜମୀ ଓ ଏସିଡିଟି ପରି ସମସ୍ୟାମାନ ଉପୁଜିଥାଏ। ସେହିପରି ହୃଦୟଜନିତ ସମସ୍ୟା, ଅନ୍ତଃନଳୀ କର୍କଟ ଇତ୍ୟାଦି ସମସ୍ୟା ମଧ୍ୟ ଆସିପାରେ।



# ଦାନ୍ତ ସୁରକ୍ଷା ପ୍ରତି ଯତ୍ନବାନ୍ ହେବା ଜରୁରୀ



ଦାନ୍ତ ଆମକୁ ଖାଦ୍ୟ ଚୋବାଇବାରେ ସାହାଯ୍ୟ କରିଥାଏ । ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର ଯଦି ଆମେ ଠିକ୍ ଭାବରେ ଯତ୍ନ ନ ନେବା ତେବେ ପରବର୍ତ୍ତୀ ସମୟରେ ତାହା ସମସ୍ୟା ସୃଷ୍ଟି କରିବ। ଆଉ ଠିକ୍ ସମୟରେ ତାହାର ଉପଚାର କରା ନ ଗଲେ,ଏହି ସମସ୍ୟା ଗମ୍ଭୀର ଆକାର ଧାରଣ କରିଥାଏ। ତେବେ ଦାନ୍ତକୁ ସୁସ୍ଥ ରଖିବା କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ 'ଜାତୀୟ ଦନ୍ତ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ସୁସ୍ଥ ପାଟି ଆତ୍ମବିଶ୍ୱାସ ଆଣିଥାଏ ଏବଂ ଉତ୍ତମ ଜୀବନଯାପନରେ ସହୟକ ହୋଇଥାଏ।' ଯଦି ଆପଣଙ୍କର ଦାନ୍ତଜନିତ ସମସ୍ୟା ରହିଛି, ତେବେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଯେହେତୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବାରେ ଦାନ୍ତ ସାହାଯ୍ୟ କରିଥାଏ, ତେଣୁ ଦାନ୍ତ କିପରି ସୁସ୍ଥ ତଥା ଦୃଢ଼ ରହିବ ସେନେଇ ଯତ୍ନବାନ ହେବା ନିହାତି ଆବଶ୍ୟକ। କେବଳ ସକାଳେ ବିଛଣାରୁ ଉଠିବା ପରେ ନୁହେଁ, ରାତ୍ର ଭୋଜନ ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ସନ୍ଧିରେ ଯଦି ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ରହିଗଲା, ତେବେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷିବା ସହ ଏଭଳି ସମସ୍ୟାର କୌଣସି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାନ୍ତୁ। ଦାନ୍ତ ରୋଗ ନିରୂପଣ ସମୟରେ ଦନ୍ତ ଚିକିତ୍ସକ ପ୍ରେସ୍କ୍ରିପ୍‌ସନରେ ଉଲ୍ଲେଖ କରିଥିବା ପାଥୋଲୋଜିକାଲ ଟେଷ୍ଟ କରାଇ ନିଅନ୍ତୁ। ନିଜେ ସତର୍କ ରହିଲେ ଆମେ ଦାନ୍ତଜନିତ ସମସ୍ୟାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା।

# ରାତିରେ ପାଦ ଯନ୍ତ୍ରଣା କିପରି ଦୂର କରିବେ ?

ରାତିରେ ଖଟ ଉପରେ ପଡିବା ପରେ ପାଦରେ ଅଜବ ପ୍ରକାରର ସମସ୍ୟା ଅନୁଭବ ହେଉଛି କି? ଚଲାବୁଲା କରିବା ପରେ ପାଦକୁ ଆରାମ ମିଳୁଛି? ଯଦି ହଁ, ତେବେ ଏହା ଆଦୌ ସାମାନ୍ୟ ସମସ୍ୟା ନୁହେଁ। ବରଂ ଏହା ରେଷ୍ଟଲେସ୍ ଲେଗ୍ ସିଣ୍ଡ୍ରୋମ୍‌ର ଲକ୍ଷଣ। ନ୍ୟୁରୋଲୋଜିଷ୍ଟ ଡାକ୍ତର ଭୂପେଶ କୁମାର ମନସୁଖାନିଙ୍କ ଅନୁସାରେ... ଏହି ଲକ୍ଷଣ ନ୍ୟୁରୋଲୋଜିକାଲ୍ ବ୍ୟବସ୍ଥା ସହ ଜଡ଼ିତ। ଆମ ଶରୀରର ସମସ୍ତ ଗତିବିଧିକୁ ମସ୍ତିଷ୍କ ଓ ଶିରାପ୍ରଶିରା ନିୟନ୍ତ୍ରଣ କରିଥାନ୍ତି। ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ କେମିକାଲ୍ ରହିଥାଏ, ଯାହା ମାଂସପେଶୀର ପ୍ରତି କାମକୁ ଉପଯୁକ୍ତ ଢଙ୍ଗରେ କରିବାକୁ ସହାୟତା କରିଥାଏ। ଯେତେବେଳେ ମସ୍ତିଷ୍କରେ ଏହି ରସାୟନର ସନ୍ତୁଳନ ବିଗିଡ଼ିଯାଏ ତେବେ ପାଦରେ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଓ ବ୍ୟସ୍ତତା ଅନୁଭବ ହୋଇଥାଏ। ଅନେକ ସମୟରେ ଏପରି ସମସ୍ୟା ମଧ୍ୟ ଅନ୍ୟ କେତେକ ସ୍ଥିତିର ଲକ୍ଷଣ ହୋଇପାରେ। ଡାକ୍ତରଙ୍କ ମତରେ ଏହା ପାର୍କିନସନ୍ ରୋଗ ସହ ଜଡ଼ିତ ହୋଇଥାଇପାରେ। କାରଣ ଏହି ରୋଗ ମଧ୍ୟ ଡୋପାମାଇନ୍ ଅଭାବରୁ ହୋଇଥାଏ। ଏହାବ୍ୟତୀତ ଅନ୍ୟାନ୍ୟ କେତେକ କାରଣରୁ ମଧ୍ୟ ପାଦ ସମସ୍ୟା ସୃଷ୍ଟି ହୋଇଥାଏ। ଯେପରିକି ଶରୀରରେ ଆଇରନ୍‌ର ଅଭାବ। ନ୍ୟୁରୋପାଥି ସମସ୍ୟା। ମେରୁଦଣ୍ଡ ହାଡ଼ ସମସ୍ୟା।

ପାଦର ଏପରି ସମସ୍ୟା ଯୋଗୁ ବ୍ୟକ୍ତି ରାତିରେ ଶାନ୍ତିରେ ଶୋଇପାରି ନଥାଏ। ଠିକ୍ ଭାବେ ନିଦ ନ ହେବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଦିନରେ ଶରୀର ଥକ୍କାପଣ ଅନୁଭବ କରିବା, ସ୍ୱଭାବରେ ଚିଡଚିଡାପଣ ଆସିବା ଓ କୌଣସି କାମରେ ଧ୍ୟାନ ଦେଇ ନପାରିବା ପରି ସମସ୍ୟାମାନ ଉପୁଜିଥାଏ। ଯଦି ଏଭଳି ସମସ୍ୟା ବାରମ୍ବାର ଲାଗି ରହୁଥାଏ, ତେବେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ। ପାଦର ଏହି ସମସ୍ୟାକୁ ଅଣଦେଖା କରନ୍ତୁନି। ଏହି ଲକ୍ଷଣ ଜଣାଇଥାଏ ଯେ ଶରୀରର ସ୍ନାୟୁତନ୍ତ୍ରର ବିଶେଷ ଯତ୍ନ ନେବା ଜରୁରି। ସମୟରେ ଏହାର ଚିକିତ୍ସା କରାଗଲେ ରୋଗକୁ ନିୟନ୍ତ୍ରଣ କରିବା ସହଜ ହୋଇଥାଏ।

# ଅଧିକ ସମୟ ଭିଡିଓ ଗେମ୍ ଖେଳୁଛନ୍ତି କି ?



ଭିଡିଓ ଗେମ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଅନେଙ୍କର ଏହା ଏବେ ଅଭ୍ୟାସରେ ପଡିଯାଇଛି। ଏହାଦ୍ୱାରା ନିଜର ଅନ୍ୟ କାମ ବି ପ୍ରଭାବିତ ହୋଇଥାଏ । ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ୍ୟ ଏଥିଯୋଗୁ କମିଯାଏ । 'ଭିଡିଓଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏକ ସର୍ଭେ ରିପୋର୍ଟରେ ସେମାନେ ଉଲ୍ଲେଖ କରିଥିଲେ।



# ବ୍ରଣ ପାଇଁ ଚିନ୍ତିତ କି ?

ସୁନ୍ଦର ଦିଶିବାକୁ କିଏ ନ ଚାହେଁ। ଖାସ୍ କରି ଝିଅମାନେ ନିଜକୁ ଅଧିକ ସୁନ୍ଦର ଦେଖାଯିବା ପାଇଁ ଅନେକ କାର୍ଯ୍ୟ କରିଥାନ୍ତି। ପାର୍ଲର ଯିବାଠାରୁ ଆରମ୍ଭ କରି ସବୁକିଛି କରିଥାନ୍ତି। ଖାଲି ଝିଅମାନେ ନୁହେଁ ବରଂ ପୁଅମାନେ ମଧ୍ୟ ସୁନ୍ଦର ଦେଖାଯିବା ପାଇଁ ଚାହିଁଥାନ୍ତି। ଏଥିପାଇଁ ବିଭିନ୍ନ ପ୍ରକାରର ପ୍ରଡକ୍ଟ ମଧ୍ୟ ବ୍ୟବହାର କରିଥାନ୍ତି। କିନ୍ତୁ ଝିଅମାନେ ତ୍ୱଚାକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଏଥିସହ ସବୁ ସମୟରେ ଫେସ୍ ପ୍ୟାକ୍ ଠାରୁ ଆରମ୍ଭ କରି ପାର୍ଲର ଯାଇ ମଧ୍ୟ ଟ୍ରିଟମେଣ୍ଟ ନେଇଥାନ୍ତି। ଆଜିକାଲି ସୋସିଆଲ ମିଡିଆରେ ପ୍ରତ୍ୟେକ ଦିନ ନୂଆ ନୂଆ ବ୍ୟୁଟି ଟିପ୍ସ ଭାଇରାଲ ମଧ୍ୟ ହେଉଛି। ମୁହଁରୁ ବ୍ରଣ ଦୂର କରିବା ପାଇଁ ଅନେକ ଟିପ୍ସକୁ ଫଲୋ କରିବାକୁ ପରାମର୍ଶ ଦିଆଯାଇଥାଏ। ଯାହାକୁ ମଧ୍ୟ ବର୍ତ୍ତମାନର ଯୁବପିଢ଼ିମାନେ ଖୁବ୍ ସହଜରେ ଆପଣେଇଛନ୍ତି। ହେଲେ ଅନେକ ଲୋକ ସୁନ୍ଦର ଦିଶିବା ପାଇଁ ଶସ୍ତା ଜିନିଷର ବ୍ୟବହାର କରିଥାଆନ୍ତି। ଯାହା ଆମ ସ୍କିନ୍ ପାଇଁ ବହୁତ କ୍ଷତିକାରକ ହୋଇଥାଏ। ହୁଏ ତ କିଛି କ୍ଷଣ ପାଇଁ ଆମେ ସୁନ୍ଦର ଦିଶୁ ହେଲେ ପରବର୍ତ୍ତୀ ସମୟରେ ଏହା ଆମ ତ୍ୱଚା ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ଭୁଲ ଟିପ୍ସକୁ ଫଲୋ କରନ୍ତୁ ନାହିଁ। ନଚେତ୍ ଅନେକ ସମସ୍ୟା ଦେଖା ଦେଇପାରେ। ଯାହା ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ। ତେବେ ଆସନ୍ତୁ ସେହି ସବୁ ଜିନିଷ ଗୁଡିକ ସମ୍ପର୍କରେ ଜାଣିବା।

**ବ୍ରଣରେ ଟୁଥପେଷ୍ଟ ଲଗାଇବା:** ଅନେକ ଲୋକ ଭାବିଥାଆନ୍ତି ଯେ, ବ୍ରଣରେ ଟୁଥପେଷ୍ଟ ଲଗାଇବା ଦ୍ୱାରା ଏହା ଶୀଘ୍ର ଭଲ ହୋଇଯାଇଥାଏ। କିନ୍ତୁ ଟୁଥପେଷ୍ଟ ଦାନ୍ତ ସଫା କରିବା ପାଇଁ ପ୍ରଯୁଜ୍ୟ। ଟୁଥପେଷ୍ଟରେ କେମିକାଲ ଥାଏ। ଯାହା ଚର୍ମକୁ କ୍ଷତି ପହଞ୍ଚାଇଥାଏ। ବ୍ରଣରେ ଟୁଥପେଷ୍ଟ ବ୍ୟବହାର କରିବା ଦ୍ୱାରା ସ୍କିନରେ ପୋଡାଜଳା ଭଳି ସମସ୍ୟା ସୃଷ୍ଟି କରିଥାଏ। ଏଥିସହିତ ଟୁଥପେଷ୍ଟ ବ୍ୟବହାର କରିବା ଦ୍ୱାରା ମୁହଁକୁ ମଧ୍ୟ ଡ୍ରାଏ କରି ଦେଇଥାଏ। ବ୍ରଣ ସମସ୍ୟାକୁ ଆହୁରି ବଢ଼ାଇ ଦେଇଥାଏ।

**ଲେମ୍ବୁ ରସ:** ଲୋକମାନେ ପ୍ରାୟତଃ ଲେମ୍ବୁ ରସକୁ ସିଧାସଳଖ ମୁହଁରେ ଲଗାଇଥାଆନ୍ତି। ଲେମ୍ବୁରେ ଭିଟାମିନ୍ ସି ଥାଏ। କିନ୍ତୁ ଏଥିରେ ଅତ୍ୟଧିକ ମାତ୍ରାର ଏସିଡି ଥାଏ। ଯାହାଫଳରେ ଏହାକୁ ସିଧାସଳଖ ମୁହଁରେ ବ୍ୟବହାର କରିବା ଦ୍ୱାରା ମୁହଁରେ ଲାଲ ଦାଗ ସହିତ ଜଳାପୋଡା ଅନୁଭବ ହୋଇଥାଏ। ଏହାକୁ ଲଗାଇ ଖରାକୁ ଯିବା ମାତ୍ରେ ଆଲର୍ଜି ଭଳି ସମସ୍ୟା ସୃଷ୍ଟି ହୋଇପାରେ।

**ବେକିଂ ସୋଡା:** କିଛି ଲୋକମାନେ ସଫା ଏବଂ ଚମକଦାର ତ୍ୱଚା ପାଇଁ ବେକିଂ ସୋଡାକୁ ସ୍କ୍ରବ୍ ଭାବେ ବ୍ୟବହାର କରିଥାଆନ୍ତି। କିନ୍ତୁ ବେକିଂ ସୋଡାର ପିଏଚ ଲେବୁଲ ତୁଳନାରେ ସ୍କିନଠାରୁ ଭିନ୍ନ ଥାଏ। ଏହାକୁ ବ୍ୟବହାର କରିବା ଦ୍ୱାରା ସ୍କିନର ନ୍ୟାଚୁରାଲ ଅଲଏକୁ ଦୂର କରିଦେଇଥାଏ। ଯାହାଫଳରେ ସ୍କିନ୍ ଡ୍ରାଏ ହୋଇଯାଏ। ଯଦି ଏହାକୁ ଆପଣ ନିୟମିତ ବ୍ୟବହାର କରୁଛନ୍ତି ତେବେ ବ୍ରଣ ସମସ୍ୟାକୁ ବଢ଼ାଇ ଦେଇଥାଏ।

**ବଡି ଲୋଶନ:** ବଡି ଲୋଶନରେ ବହୁତ କେମିକାଲ ଥାଏ। ଯାହା ଆମ ସ୍କିନକୁ କ୍ଷତି ପହଞ୍ଚାଇଥାଏ। ମୁହଁରେ ବଡି ଲୋଶନ ନ ଲଗାଇ ମଇଷ୍ଟରାଇଜର ଲଗାନ୍ତୁ।

**ଗରମ ପାଣି:** ଥଣ୍ଡା ଦିନେ ଆମେ ସାଧାରଣତଃ ଗରମ ପାଣିରେ ମୁହଁ ଧୋଇ ଦେଇଥାଉ। କିନ୍ତୁ ଏହା ଆମ ସ୍କିନ୍ ପାଇଁ ଖରାପ ହୋଇଥାଏ। ଯେଉଁମାନଙ୍କର ଡ୍ରାଏନେସ୍ ଭଳି ସମସ୍ୟା ରହିଛି ଗରମ ପାଣିରେ ମୁହଁ ଧୋଇବାଠାରୁ ଦୂରେଇ ରୁହନ୍ତୁ।

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଦର୍ଶିତ 'ପବିତ୍ର କୁଞ୍ଜ' ପୋଷ୍ଟରକୁ ମିଳିଲା ପ୍ରଥମ ସ୍ଥାନର ମାନ୍ୟତା


भारतीय विश्वविद्यालय संघ
ASSOCIATION OF INDIAN UNIVERSITIES
This is to certify that Maharaja Sriram Chandra Bhanja Deo University, Odisha was awarded the First Prize in the AIU poster competition for exhibiting the poster on the theme Conservation of Sacred groves of Mayurbhanj and Indigenous Cultures of Ethnic Communities during the AIU Central Zone Vice Chancellors' Meet 2025-26 held at Osmania University, Hyderabad, Telangana during 19th to 20th February 2026
Dr.(Mrs.) Pankaj Mittal
Secretary General

**ବାରିପଦା,୬/୩ (ସଂଚାର ବ୍ୟୁରୋ)**: ଗତ ଫେବୃୟାରୀ ୧୯ ରୁ ୨୦ ରେ ଅନୁଷ୍ଠିତ ହୋଇଥିବା ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏ.ଆଇ.ୟୁ)ର କେନ୍ଦ୍ରୀୟ ଜୋନାଲ୍ କୁଳପତି ସମ୍ମିଳନୀରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଦର୍ଶିତ ଏକ ପୋଷ୍ଟର ପ୍ରଥମ ସ୍ଥାନ ଅଧିକାର କରିଛି। ଏହାର ମାନପତ୍ର ବିଶ୍ୱବିଦ୍ୟାଳୟକୁ ହସ୍ତଗତ ହୋଇଛି । ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଅବସ୍ଥିତ ପବିତ୍ର କୁଞ୍ଜ (ସାକ୍ରେଡ୍ ଗ୍ରୋଭ୍)କୁ ସର୍ବୋତ୍ତମ ପ୍ରଥା (ବେଷ୍ଟ୍ ପ୍ରାକ୍ଟିସ୍) ଭାବେ ଦର୍ଶାଇ ତିଆରି ହୋଇଥିବା ପୋଷ୍ଟରକୁ ଏହି ସମ୍ମାନ ଦେଇଥିବାରୁ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏ.ଆଇ.ୟୁଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ଏବଂ ପୋଷ୍ଟରର ଡିଜାଇନର କମ୍ପ୍ୟୁଟର ପ୍ରୟୋଗ ବିଭାଗର ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୟୀ ଓ ସାନ୍ତାଳୀ ବିଭାଗର ସହକାରୀ ପ୍ରଫେସର ଡ. ଯତୀନ୍ଦ୍ରନାଥ ବେଶ୍ରାଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି । ସୂଚନାଯୋଗ୍ୟ ଯେ ମୟୂରଭଞ୍ଜର ଜନଜାତିଙ୍କର ଧାର୍ମିକ ପ୍ରଥା ଏବଂ ସାଂସ୍କୃତିକ ପରମ୍ପରାର ଭିତ୍ତିକୁ ସଂରକ୍ଷଣ କରିବାର ଏକ ମହତ୍ କାର୍ଯ୍ୟ ସାଧନ ରୂପେ ପବିତ୍ର କୁଞ୍ଜର ପରିକଳ୍ପନା କରାଯାଇଛି । ଏହା ପରିବେଶ ପାଇଁ ଗୁରୁତ୍ୱପୂର୍ଣ୍ଣ, ସାଂସ୍କୃତିକ ଦୃଷ୍ଟିରୁ ସମ୍ବେଦନଶୀଳ ଏବଂ ଆଞ୍ଚଳିକ ଜୈବ ବିବିଧତା ସଂରକ୍ଷଣରେ ଆଧ୍ୟାତ୍ମିକ ଭାବରେ ଗୁରୁତ୍ୱପୂର୍ଣ୍ଣ । ସର୍ବୋପରି, ପ୍ରାକୃତିକ ସମ୍ପଦର ସମ୍ପ୍ରଦାୟ ଭିତ୍ତିକ ପରିଚାଳନାର ଏକ ସର୍ବୋତ୍ତମ ଉଦାହରଣ । ଏହି ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ଖବର ମିଳିବା ପରେ ବିଶ୍ୱବିଦ୍ୟାଳୟରେ ଖୁସିର ଲହର ଖେଳିଯାଇଛି ।

## ଉଦୟପୁର ଓ ଅସ୍ତରଙ୍ଗରେ ଦୋଳ ମେଳଣ

# ସମସ୍ତେ ଏକାକାର, ଭକ୍ତ ଓ ଭଗବାନଙ୍କ ମିଳନର ଅପୂର୍ବ ଦୃଶ୍ୟ

**କାକଟପୁର/ଅସ୍ତରଙ୍ଗ,୬/୩ (ସଂଚାର ବ୍ୟୁରୋ)**: ପୁରାଣରେ ବର୍ଣ୍ଣିତ ଅଛି "ଦୋଳେଚ ଦୋଳ ଗୋବିନ୍ଦ, ଚାପେଚ ମଧୁସୂଦନ, ରଥେ ତୁ ବାମନ ଦୃଷ୍ଟା, ପୁନଃ ଜନ୍ମ ନ ବିଦ୍ୟତେ "। ଏହି ଉକ୍ତିକୁ ଆଧାର କରି କେଉଁ ଆବାହନ କାଳରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ ରାଧାକୃଷ୍ଣ ମେଳଣ ପଡିଆ ଓ ଅସ୍ତରଙ୍ଗ ଜାଗୁଲାଇ ପଡିଆରେ ଦୋଳ ଯାତ୍ରା ତଥା ହରିହର ଭେଟ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ ହେଉଛି ।

ଓଡିଶାରେ ପାଳିତ ହେଉଥିବା ପର୍ବ ମାନଙ୍କ ମଧ୍ୟରେ ଏକ ବିଶେଷ ପର୍ବ ହେଉଛି ଦୋଳ ପର୍ବ। ଫାଲ୍ଗୁନ ଶୁକ୍ଳଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହାର ଅନ୍ୟ ନାମ ଦୋଳଯାତ୍ରା। ଏଥିରେ ଦୋଳ ବା ଦୋଳ ଗୋବିନ୍ଦ ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ। ବିମାନରେ ଝୁଲି ଝୁଲି ଆସୁଥାନ୍ତି ରାଧା କୃଷ୍ଣ। ଘଣ୍ଟ, ଘଣ୍ଟା, ଧ୍ୱନିରେ ପ୍ରକମ୍ପିତ ହେଉଥାଏ ସମଗ୍ର ଅଞ୍ଚଳ। ଆନନ୍ଦ ଉଲ୍ଲାସ ସହ ଠାକୁରଙ୍କୁ ପାଛୋଟି ଆଣୁଥାନ୍ତି ଶ୍ରଦ୍ଧାଳୁ। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଉଦୟପୁର ସ୍ଥିତ



ରାଧାକୃଷ୍ଣ ମେଳଣ ପଡିଆରେ ରବିବାର ସନ୍ଧ୍ୟାରେ ଦୋଳ ମେଳଣ ପଡିଆକୁ କେନ୍ଦ୍ରାପଟି, ପାପିରା, ବଣ୍ଟିଲୋ, ମୁଦୁଗଲ, ଉଦୟପୁର ସରିପୁର, ସିଦ୍ଧିପୁର, ରାଇବେରୁଆଁ ସମେତ ବିଭିନ୍ନ ସ୍ଥାନରୁ ପାଖାପାଖି ୧୮ଟି ଦୋଳ ଏକତ୍ରିତ ହୋଇଥିଲା।ସେହିପରି ଅସ୍ତରଙ୍ଗ ପଂଚାୟତ ଜାଗୁଲାଇ ପଡିଆରେ ବାଲିଆପଟା, ଝାଡ଼ଲିଙ୍ଗ, ବେଗୁନିଆବସ୍ତ, ଅସ୍ତରଙ୍ଗ, ବରାଙ୍ଗ, କରଞ୍ଜପୁର ଅଞ୍ଚଳ ଦୋଳ ଏକତ୍ରିତ ହୋଇଥିଲା।

ବିମାନରେ ରାଧାକୃଷ୍ଣ ଙ୍କ ଯୁଗଳ ପ୍ରତିମାକୁ ସୁସଜ୍ଜିତ ବିମାନରେ ଭକ୍ତ ମାନେ ବାଜା, ବାଣ ରୋଷଣୀ ସହ ମେଳଣ ପଡିଆକୁ ଆଣିଥିଲେ। ଉଦୟପୁର ମେଳଣ ପଡିଆ ଓ ଅସ୍ତରଙ୍ଗ ଜାଗୁଲାଇ ପଡିଆରୁ ପୁରୋହିତ ଙ୍କ ବେଦ ମନ୍ତ୍ର ମାଧ୍ୟମରେ ଠାକୁର ଙ୍କୁ ନିମନ୍ତ୍ରଣ କରିଥିଲେ। ପାରମ୍ପରିକ ବାଦ୍ୟ ଓ ଲଉଡ଼ି ଖେଳ ସହ ଶ୍ରୀଜିଉକୁ ଆଣିବା ସମୟରେ ଶ୍ରଦ୍ଧାଳୁଙ୍କ ଆବେଗ ଆକର୍ଷଣ କେନ୍ଦ୍ରବିନ୍ଦୁ ହୋଇଥିଲା। ରାତିରେ ଠାକୁର ଙ୍କ ନିକଟରେ ଭୋଗ ଲାଗି ପରେ ଆକର୍ଷଣୀୟ ବାଦ୍ୟରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମନ୍ଦିରରେ ଠାକୁରଙ୍କ ବିଶେଷ ନୀତିକାନ୍ତି କରାଯାଇ ସିଂହାସନ ବିଜେ କରାଯାଇଥିଲା।

ଅସ୍ତରଙ୍ଗ ଦୋଳ ମେଳଣ ରେ ସମାଜସେବୀ ତଥା ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ବଜାର କମିଟି ସଭାପତି ଦୁଷ୍ମନ୍ତ କୁମାର ପରିଡା, ସରପଞ୍ଚ ରାମଚନ୍ଦ୍ର କାଣ୍ଡି, କେଳୁ ଓଝା ସମେତ ବିଭିନ୍ନ ଗ୍ରାମର ବୁଦ୍ଧିଜୀବୀ ଅଂଶ ଗ୍ରହଣ କରି ଅସ୍ତରଙ୍ଗ ମୁଖ୍ୟ ବଜାର ପରିକ୍ରମା କରିଥିଲେ।ମେଳଣକୁ ସୁରୁଖୁରୁ ରେ ସାରିବା ପାଇ ମେଳଣ କମିଟି ଓ ସ୍ଥାନିୟ ପୋଲିସ ପକ୍ଷରୁବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

## ଅନ୍ତର୍ଜାତୀୟ ମହିଳା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ



**ସୁନ୍ଦରଗଡ଼,୬/୩ (ସଂଚାର ବ୍ୟୁରୋ)**: ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୁକ୍ରବାର ସ୍ଥାନୀୟ ଭବାନୀ ଭବନ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଏକ ମାସ୍ ଫିଟନେସ, ଯୋଗ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଶେଷଜ୍ଞ ଡ଼ଃ ସସ୍ମିତା ପଣ୍ଡା ମହିଳା ମାନଙ୍କର ପୋଷଣ ଓ ସ୍ୱାସ୍ଥ୍ୟ ସେବା ବିଷୟରେ ମୂଲ୍ୟବାନ ତଥ୍ୟ ଓ ପରାମର୍ଶ ଦେଇଥିଲେ। ସେହିଭଳି ମହିଳାମାନେ ସୁସ୍ଥ ଜୀବନଶୈଳୀ ଆପଣାଇବା ସହିତ ସନ୍ତୁଳିତ ଖାଦ୍ୟ ଖାଇବା ଉପରେ ଗୁରୁତ୍ୱାରୋପ କରିବା ନେଇ ଆଲୋକପାତ କରିଥିଲେ। ପରେ ଯୋଗ ପ୍ରଶିକ୍ଷକ ଅଂଶ ଗ୍ରହଣକାରୀ ମାନଙ୍କୁ ବିଭିନ୍ନ ଯୋଗ ଆସନ ଉପରେ ପ୍ରଶିକ୍ଷଣ ଦେଇ ଥିଲେ ଏବଂ ଯୋଗ ଅଭ୍ୟାସ କରେଇ ଥିଲେ।

ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସଂସ୍ଥାର ମହିଳା ଓ ମହିଳା କ୍ରୀଡାବିତ୍, ସୁନ୍ଦରଗଡ଼ ମହିଳା ମହାବିଦ୍ୟାଳୟ ଏବଂ ସୁନ୍ଦରଗଡ଼ ମହାବିଦ୍ୟାଳୟର ଛାତ୍ରୀ, ରାଜ୍ୟ କ୍ରୀଡା ହୋଷ୍ଟେଲ ଓ ସାଇ ହୋଷ୍ଟେଲ ରୁ ବହୁ ସଂଖ୍ୟାରେ ପ୍ରଶିକ୍ଷାର୍ଥୀ ମାନେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାସ୍ ଫିଟନେସ ଓ ଯୋଗ କାର୍ଯ୍ୟକଳାପ ସହିତ ସଚେତନତା ଅଧିବେଶନ ମଧ୍ୟ ଅନୁଷ୍ଠିତ ହୋଇଥିଲା, ଯେଉଁ ଥିରେ କି ମହିଳାମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

## ୯୫୧ ସ୍ୱେଚ୍ଛାକୃତ ଶବ ସଂସ୍କାର କରି ଚର୍ଚ୍ଚାରେ ଟିମ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ,୬/୩ (ସଂଚାର ବ୍ୟୁରୋ)**: ସହରର ଟିମ ଶ୍ମଶାନ ବନ୍ଧୁର ସଦସ୍ଯ ମାନେ ଶୁକ୍ରବାର ଦିନ ଦୁଇ ଟି ଶବସଂସ୍କାର କରିବା ସହିତ ସଂଖ୍ୟା ୯୫୧ କୁ ପହଞ୍ଚାଇ ପାରିଛନ୍ତି। ଏହି ଟିମର ସଦସ୍ଯ ମାନେ ଅନେକ ଦିନରୁ ଅସହାୟ, ଅପରିଚିତ, ଅଜଣା ତଥା ସହରର କାହାରି ପରଲୋକ ଘଟିଲେ ସ୍ୱେଚ୍ଛାକୃତ ଭାବରେ ଶବସଂସ୍କାର ରେ ସହଯୋଗ କରି ଆସୁଥିବା ବେଳେ କୋଭିଡର ପ୍ରଥମ ଲହର ରେ କରୋନା ସଂକ୍ରମିତ ମୃତକଙ୍କ ଶବସଂସ୍କାର କରିବାକୁ କେହି ଆଗେଇ ନ ଆସିବାରୁ ପ୍ରଶାସନ ଏମାନଙ୍କ ସହଯୋଗ ଲୋଡିଥିଲା। ଏହା ପରେ ଲୋକଲୋଚନକୁ ଏମାନେ ଆସୁଥିଲେ ଏବଂ ଏହି ଟିମ



ସଦସ୍ୟମାନଙ୍କ ବିଷୟରେ ସମସ୍ତେ ଅବଗତ ହୋଇଥିଲେ। ଏହା ପର ଠାରୁ ସେମାନେ ଆଉ ପଛକୁ ଫେରି ନାହାନ୍ତି। କୋଭିଡର ଚାରୋଟି ଲହରରେ ନିଃଶୁଳ୍କ ନିଃସ୍ୱାର୍ଥପର ଭାବରେ ୪୬୩ଟି କୋଭିଡ ସଂକ୍ରମିତ ମୃତକଙ୍କ ଶବସଂସ୍କାର କରିଥିଲେ। ଟିମ ଶ୍ମଶାନ ବନ୍ଧୁର ସଦସ୍ୟମାନଙ୍କର ଏହି ମାନବିକ କାର୍ଯ୍ୟ ସକାସେ ଦେଶ ବିଦେଶରୁ ଅନେକ ପ୍ରଶଂସା ସାଉଁଟିଥିବା ବେଳେ ଜିଲ୍ଲା, ରାଜ୍ୟ ଓ ରାଜ୍ଯ ବାହାରେ ମଧ୍ୟ ସୁନ୍ଦରଗଡକୁ ତାଙ୍କର ସେବା କାର୍ଯ୍ୟକ୍ରମ ଦ୍ୱାରା ଗୌରବାନ୍ୱିତ କରିଛନ୍ତି। ଜିଲ୍ଲା ପ୍ରଶାସନ, ଅନେକ ସଂସ୍ଥା, ସଂଗଠନ ତରଫରୁ ଏହି ଟିମକୁ ସମ୍ବର୍ଦ୍ଧିତ କରିଛନ୍ତି । ଆଗକୁ ମଧ୍ୟ ସେବାକାର୍ଯ୍ୟ ଜାରୀ ରହିବ ବୋଲି ଟିମ ସଦସ୍ୟମାନେ ଜଣାଇଛନ୍ତି।

### ହାଟ ନିଲାମ୍ ହେଲା ୧ କୋଟି ୩୦ ଲକ୍ଷ ୧ ଟଙ୍କାରେ

## ସର୍ବୋଚ୍ଚ ଡାକରେ ନିଲାମ ନେଲେ ଜଣେ ଡାକ୍ତର

**ବାରିପଦା,୬/୩ (ସଂଚାର ବ୍ୟୁରୋ)**: ଭାରତ ସରକାରଙ୍କଠାରୁ ପୁରସ୍କୃତ ହୋଇଥିବା ହାଟବାଦଡା ହାଟର ଆଜି ନିଲାମ ଡାକ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ।ଏହି ନିଲାମ ସମୟରେ କୁସୁମି ବ୍ଲକ ଏବିଡିଓ ବିନତୀ ମାରାଣ୍ଡୀ, ହାଟବାଦଡା ସରପଞ୍ଚ ସବିତା ସୋରେନ , ପଞ୍ଚାୟତ ନିର୍ବାହୀ ଅଧିକାରୀ ଜନ୍ମେଜୟ ସେଠୀ, କର୍ମଚାରୀ ଭୋଳାନାଥ ବେହେରା,ବାଦାମ ପାହାଡ଼ ଥାନାଧିକାରୀ କମଳାକାନ୍ତ ହେମ୍ବ୍ରମ,ସୁଲାଇପାଟ ଫାଣ୍ଡି ଅଧିକାରୀ ରଘୁନାଥ ଦେହୁରୀ,ହାଟବାଦଡା ଫାଣ୍ଡି ଅଧିକାରୀ, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି,ଗଣମାଧ୍ୟମ ପ୍ରତିନିଧି ଓ ନିଲାମ ଧାରୀମାନେ ଉପସ୍ଥିତ ରହିଥିଲେ । ହାଟ ନିଲାମ ଡାକରେ ଡଃ ଶିବାଶିଷ ଗିରି ୧ କୋଟି ୩୦ ଲକ୍ଷ ୧ ଟଙ୍କା ରେ ହାଟରେ ନିଲାମ ନେଇଥିଲେ ।ଡଃ ଶିବାଶିଷ ଗିରି ଜଣେ ଜର୍ମାନ୍ ର କାର୍ଯ୍ୟରତ ଡାକ୍ତର।

ସୁଦୂର ଜର୍ମାନୀରେ ଥିଲେ ମଧ୍ୟ ଗାଁର ପ୍ରକୃତି, ମାଟି, ମଣିଷ , ସ୍ନେହ ମମତା କୁ ଭୁଲି ନ ମାରି ମାତୃଭୂମି, ଅଞ୍ଚଳବାସୀଙ୍କ ଉ ସ୍ୱାସ୍ଥ୍ୟସେବା, ଯୁବକମାନଙ୍କର ଦକ୍ଷତା ବିକାଶ, ଲୋକମାନଙ୍କୁ ତଥା ବେପାରୀ, ଏବଂ ଗାଇ ଗୋରୁଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ସେ ସେବାର ହାତ ବଢ଼େଇଛନ୍ତି ଓ ସେଥିପାଇଁ ହାଟ ନିଲାମ ନେଇଛନ୍ତି । ଚାରିଆଡେ ଆକାଶରେ ଯୁଦ୍ଧ ଲାଗି ରହିଥିବାବେଳେ ଯୁଦ୍ଧକୁ ଖାତିର ନକରି ଜର୍ମାନରୁ ଓଡାଶା ଆସିବାକୁ ୩ ଦିନ ଲାଗିଥିଲା ଓ ଆଜି ସକାଳେ ହାଟବାଦଡାରେ ପହଞ୍ଚି ହାଟ ନିଲାମରେ ଅଂଶ ଗ୍ରହଣ କରିଥିବା କୋହଭରା କଣ୍ଠରେ କହିଥିଲେ ।ଏହି ହାଟ ନିଲାମ ନେବାର ଉଦେଶ୍ୟ ଅଞ୍ଚଳବାସୀଙ୍କ ଉ ସେବା ଯୋଗାଇବା, ୬୫ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଓ ୱୟସ୍କା ମାନଙ୍କୁ ନିଃଶୁଳ୍କ ବେପାର ଦେବା, ଗୋ ସମ୍ପଦଙ୍କୁ ଖାଦ୍ୟ , ପିଇବା ପାଣି , ଆଶ୍ରୟ ଦେବା , ପ୍ରତି ବୁଧବାର ସାପ୍ତାହିକ ହାଟରେ ମାଗଣା ସ୍ୱାସ୍ଥ୍ୟ ସେବା, ଯୁବକମାନଙ୍କୁ ଦକ୍ଷତା ତାଲିମ,ମହିଳାମାନଙ୍କୁ ଆତ୍ମନିର୍ଭର ଶୀଳ ପାଇଁ ତାଲିମ ଦେବା ସହ ବହୁ ସାମାଜିକ କାର୍ଯ୍ୟକ୍ରମ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ ।ଡାକ ନିଲାମରେ ୩ ଜଣ ନିଲାମଧାରୀ ଭଗବାନ ସାହୁ, ଓମ୍ ପ୍ରକାଶ ସାହୁ ଏବଂ ଡଃ ଶିବାଶିଷ ଗିରି ଅଂଶ ଗ୍ରହଣ କରିଥିଲେ । ସବୁ ବର୍ଷ ଠାରୁ ଚଳିତବର୍ଷ ୧ କୋଟି ୩୦ ଲକ୍ଷରେ ନିଲାମ ଡାକ ରେକର୍ଡ ସୃଷ୍ଟି କରିଅଛି।

## ମହିଳା ଦିବସ ପୂର୍ବରୁ ଯାଜପୁରରେ ଯୋଗ ଓ କ୍ରୀଡାର ଉତ୍ସାହ



**ଯାଜପୁର ଟାଉନ୍ସ,୬/୩ (ସଂଚାର ବ୍ୟୁରୋ)**: ହିଳା ଦିବସ ପୂର୍ବରୁ ଯାଜପୁରରେ ଯୋଗ ଓ କ୍ରୀଡାର ଉତ୍ସାହ ଦେଖିବାକୁ ମିଳିଛି।ଆସନ୍ତା ଆନ୍ତର୍ଜାତିକ ମହିଳା ଦିବସ- ୨୦୨୬କୁ ଆଗକୁ ରଖି ଯାଜପୁରରେ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ସଶକ୍ତିକରଣକୁ ନେଇ ଯୋଗ ଓ ବିଭିନ୍ନ ଶାରୀରିକ କ୍ରୀଡା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜିଲ୍ଲା ପ୍ରଶାସନ ଯାଜପୁର, ଭାରତୀୟ କ୍ରୀଡ଼ା ପ୍ରାଧିକରଣ ଏବଂ ମାଇଁ ଭାରତ, ଯାଜପୁର ପକ୍ଷରୁ ଏହି ସାମୂହିକ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।ମାର୍ଚ୍ଚ ୬ ରୁ ୮ ପର୍ଯ୍ୟନ୍ତ ତିନିଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପ୍ରଥମ ଦିନ 'ଶକ୍ତି ସ୍ୱରୂପିଣୀ', ଦ୍ୱିତୀୟ ଦିନ 'ସଶକ୍ତ ନାରୀ ସଶକ୍ତ ରାଷ୍ଟ୍ର' ଏବଂ ତୃତୀୟ ଦିନ 'ଶକ୍ତିର ଗତି ରାଷ୍ଟ୍ରର ପ୍ରଗତି' ଥିମ୍‌କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ଥିବାବେଳେ ଆଜି ପ୍ରଥମ ଦିନର କାର୍ଯ୍ୟକ୍ରମ ଉତ୍ସାହର ସହ ଆୟୋଜିତ ହୋଇଥିଲା।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଓ ଶାରୀରିକ ସୁସ୍ଥତା ପାଇଁ ଯୋଗ ଓ ନିୟମିତ ବ୍ୟାୟାମର ଗୁରୁତ୍ୱ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ପୋଲିସ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଉପସ୍ଥିତ ଥିଲେ।ଏହି ଅବସରରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀମାନେ ବହୁ ସଂଖ୍ୟାରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗ ଶିବିର, ଜୁମ୍ବା ଏରୋବିକ୍ସ, ପାରମ୍ପରିକ କ୍ରୀଡ଼ା ଓ ସଙ୍ଗୀତ ତାଳରେ ବ୍ୟାୟାମ ନୃତ୍ୟ ଆଦି ଆୟୋଜିତ ହୋଇଥିଲା।ଯୋଗ ଓ ନିୟମିତ ବ୍ୟାୟାମ ଦ୍ୱାରା ଶରୀର ଓ ମନ ସୁସ୍ଥ ରହିବା ସହ ଏକାଗ୍ରତା ଓ ସକାରାତ୍ମକ ଚିନ୍ତାଧାରା ବିକଶିତ ହୁଏ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

## ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ: ଯୁଦ୍ଧ ବନ୍ଦ ଦାବି ନେଇ ସିପିଆଇର ବିକ୍ଷୋଭ

**ବାରିପଦା,୬/୩ (ସଂଚାର ବ୍ୟୁରୋ)**: ସାର୍ବଭୌମ ରାଷ୍ଟ୍ର ଇରାନ ଉପରେ ସାମ୍ରାଜ୍ୟବାଦୀ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଯୁଦ୍ଧର ଧ୍ୱଂସ ଲିଳା ସହ ତାଣ୍ଡବ ମଧ୍ୟପ୍ରାଚ୍ୟରେ ରଚି ଚାଲିଛନ୍ତି।ଏଥିରୁ ବିଦ୍ୟାଳୟର କୋମଳମତି ଛାତ୍ରଛାତ୍ରୀ, ଡାକ୍ତରଖାନା, ସରକାରୀ କାର୍ଯ୍ୟାଳୟ, ଜନବସତି, ବ୍ୟବସାୟ ପ୍ରତିଷ୍ଠାନ ଇତ୍ୟାଦି ବାଦ୍ ପଡ଼ିନାହିଁ। ଇରାନର ମୁଖ୍ୟ ଆୟୋତୋଲା ଅଲ୍ଲି ଖାମେନେଇକ ଜଘନ୍ୟ ଏବଂ କାପୁରୁଷୋଚିତ ହତ୍ୟାର ପ୍ରତିବାଦ ଏବଂ " ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ, ଧ୍ୱଂସ ନୁହେଁ ଜୀବନ ଚାହୁଁ" ଭଳି ସ୍ଲୋଗାନ ନେଇ ସିପିଆଇ, ମୟୂରଭଞ୍ଜ ପକ୍ଷରୁ ବିକ୍ଷୋଭ - ପ୍ରତିବାଦ ସ୍ଥାନୀୟ ବାରିପଦା ପାଲବଣି ବାଇପାସ୍ ଠାରେ ଅନୁଷ୍ଠିତ ହୋଇଯାଇଛି।

ସିପିଆଇ ପକ୍ଷରୁ କୁହାଯାଇଛି, ଇରାନ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର। ତେଣୁ ସେ ଦେଶର ରାଷ୍ଟ୍ର ମୁଖ୍ୟଙ୍କୁ ଚୟନ କରିବା ଦାୟିତ୍ୱ ଇରାନ ବାସୀଙ୍କର। ସାମ୍ରାଜ୍ୟବାଦୀ ଶକ୍ତି ଆମେରିକା ସେଥିରେ ଜୋର୍ ଜବରଦସ୍ତ ହସ୍ତକ୍ଷେପ କରି ନରସଂହାର ଚଳାଇଛି। ସେହିଭଳି ଭାରତର




ନିରପେକ୍ଷ ବୈଦେଶିକ ନୀତିକୁ ଜଳାଞ୍ଜଳି ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇସ୍ରାଏଲ ଓ ଆମେରିକା ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି।ତାହା ଆମ ଦେଶର ପ୍ରଚଳିତ ବୈଦେଶିକ ନୀତିକୁ ଉଲଂଘନ କରୁଛି। ଯୁଦ୍ଧ ଅପରାଧୀ ଇସ୍ରାଏଲ ର ପ୍ରଧାନମନ୍ତ୍ରୀ ନେତା ନ୍ୟାହୁ ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପକୁ ଆନ୍ତର୍ଜାତିକ ବିଚାରାଳୟରେ ହାଜିର୍ କରିବା ପାଇଁ ମିଳିତ ଜାତିସଂଘ ଆଶୁ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ଅଧିକନ୍ତୁ, ପଶ୍ଚିମ ଏସିଆରେ ନିଜର ଆଧିପତ୍ୟ ବିସ୍ତାର କରିବା ପାଇଁ ଏହି ଦୁଇ ଦେଶ ବିଶ୍ୱ ଶାନ୍ତିକୁ ବିପନ୍ନ କରୁଛନ୍ତି। ଜଣେ ରାଷ୍ଟ୍ର ମୁଖ୍ୟଙ୍କୁ କୁତ୍ସିତ ଭାବେ ଟାର୍ଗେଟ କରି ହତ୍ୟା କରିବା କୋଣସି ବି ଦେଶର ସାର୍ବଭୌମତ୍ୱ ଏବଂ ଅନ୍ତର୍ଜାତୀୟ ଆଇନ୍ ର ଖୋଲା ଉଲ୍ଲଂଘନ।

ଆଜିର ଏହି ପ୍ରତିବାଦ ସଭାରେ ସିପିଆଇ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ର, ଶ୍ରୀକାନ୍ତ ସାମଲ, କାହ୍ନୁଚରଣ ବେହେରା,ହରି ଲୋହାର୍, ମହେଶ୍ୱର ବେହେରା,ଶାଖାଏ ମାଝୀ, ମୁଦୁନୀ ବିନ୍ଧାଣୀ, ଶାରଦେଈ ବିନ୍ଧାଣୀ,ସୋମବାରି ପାତ୍ର, ମମତା ମିଶ୍ର, ପ୍ରମିଳା ବିନ୍ଧାଣୀ, ଫୁଲେଶ୍ରୀ, ସୁବାସିନୀ ବିନ୍ଧାଣୀ, ରବିନ୍ଦ୍ର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

## ଜଙ୍ଗଲ ନିଆଁରୁ ଘରପୋଡି



**ବେତନଟୀ,୬/୩ (ସଂଚାର ବ୍ୟୁରୋ)**:ବେତନଟୀ ବ୍ଲକ ଅନ୍ତର୍ଗତ ମହୁଲିଆ ଶଗଡଭଙ୍ଗାର ଭଞ୍ଜ କିଶୋର ମୁର୍ମୁଙ୍କ ଚାଳ ଛପର ଘରଟି ନିଆଁ ଲାଗି ପୋଡି ପାଉଁଶ ହୋଇ ଯାଇଛି। ଗତ ମଙ୍ଗଳବାର ଦିନ ଗ୍ରାମ ସଂଲଗ୍ନ ଜଙ୍ଗଲରେ ନିଆଁ ଲାଗିଯାଇଥିଲା ଏବଂ ଚାରିଆଡେ ବ୍ୟାପି ଯାଇଥିଲା। ପବନର ପ୍ରକୋପ ଯୋଗୁଁ ନିଆଁ ଝୁଲ ଉଡିଯାଇ ଭଞ୍ଜ କିଶୋର ମୁର୍ମୁଙ୍କ ଘରେ ପଡିଥିଲା । ଫଳରେ ସମ୍ପୂର୍ଣ୍ଣ ୨ ବଖରା ଘର ପୋଡି ପାଉଁଶ ହୋଇଯିବା ସହିତ ସେମାନଙ୍କର ସମସ୍ତ ଆସବାବପତ୍ର, ଧାନ, ଚାଉଳ,ଟଙ୍କା ପଇସା ପୋଡି ପାଉଁଶ ହୋଇ ଯାଇଥିଲା। ବେତନଟୀ ଦମକଳ କେନ୍ଦ୍ରକୁ ଗ୍ରାମବାସୀ ଯୋଗାଯୋଗ କରିଥିଲେ ମଧ୍ଯ ଗାଡି ମହଜୁଦ ନଥିବାରୁ ଘଟଣା ସ୍ଥଳକୁ ଗାଡି ପହଞ୍ଚି ପାରି ନଥିଲା । ଫଳରେ ଗ୍ରାମବାସୀ ସେଲୋ ପାଣିରେ ନିଆଁକୁ ବହୁ କଷ୍ଟରେ ଆୟତ୍ତ କରିଥିଲେ । ଖବର ପାଇ ଘଟଣାସ୍ଥଳରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ, ବିଜେପିର ବେତନଟୀ ମଣ୍ଡଳ ସଭାପତି ଜୀବନ କୁମାର ପରିଡା, କ୍ଷିତିଶ ଚନ୍ଦ୍ର ମହାନ୍ତ, ସଞ୍ଜିବ କୁମାର ଜେନା ପ୍ରମୁଖ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସହାୟତା ପ୍ରଦାନ କରିବା ସହ କେମିତି ସରକାରୀ ସହାୟତା ପାଇପାରିବେ ତାହା ବ୍ୟବସ୍ଥା କରିଥିଲେ ।

## ବାଲିଆ ହାଇସ୍କୁଲ ୧୯୮୫ ବ୍ୟାଚ୍ ବନ୍ଧୁ ମିଳନ

**ଡେରାବିଶ,୬/୩ (ସଂଚାର ବ୍ୟୁରୋ)**: କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆ ସରକାରୀ ଉଚ୍ଚବିଦ୍ୟାଳୟ କ୍ରୀଡ଼ା ପ୍ରାଙ୍ଗଣରେ ବିଦ୍ୟାଳୟର ୧୯୮୫ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ଏକ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉମାକାନ୍ତ ସ୍ୱାଇଁ, ପ୍ରମୋଦ ବେହେରା, ସମୀର ସାମଲ, ପ୍ରକାଶ ଚନ୍ଦ୍ର ରାଉତଙ୍କ ଉଦ୍ୟମରେ ଦୀର୍ଘ ବର୍ଷରେ ଏହି ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇପାରିଥିଲା। ପ୍ରଶାନ୍ତ ପ୍ରଧାନ, କୈଳାସ ଦାସ, ବିକାଶ କୁମାର ମଲ୍ଲ, ବିଭୂତି ଭୂଷଣ ବରାଳ ପ୍ରମୁଖଙ୍କ ସହଯୋଗରେ ଏହି ବ୍ୟାଚ୍‌ର ୭୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଯୋଗଦେଇଥିଲେ।



ମାନସ ରଞ୍ଜନ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ଦିବଂଗତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ୍ଧୁବାନ୍ଧବୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯିବା ସହ ସେମାନଙ୍କ ସ୍ମୃତିଚାରଣ କରିଥିଲେ। ଦୀର୍ଘ ବର୍ଷର ବ୍ୟବଧାନ ପରେ ଏହି ମିଳନ ଉତ୍ସବରେ ସମସ୍ତେ ପରସ୍ପର ମଧ୍ୟରେ ବୃତିଗତ ଓ ବ୍ୟକ୍ତିଗତ ପାରିବାରିକ ଜୀବନର ତିକ୍ତ ମଧୁର ସ୍ମୃତି ବାଣ୍ଟିଥିଲେ।

# ପାରାଦୀପରେ ବିଜୁ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ପାଳିତ

**ପାରାଦୀପ,୬/୩ (ସଂଚାର ବ୍ୟୁରୋ)**: ଆଧୁନିକ ଓଡ଼ିଶାର ବରପୁତ୍ର, ମହାନ ସ୍ୱାଧୀନତା ସଂଗ୍ରାମୀ, ପାରାଦୀପ ବନ୍ଦର ନିର୍ମାଣ ର ପ୍ରମୁଖ ବିନ୍ଧାଣି ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜନ୍ମଜୟନ୍ତୀ। ଯାହାକୁ ନେଇ ପାରାଦୀପ ନଗର ବିଜେଡି ଓ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ତରଫରୁ ପାରାଦୀପ ର ବିଭିନ୍ନ ଦେବାଳୟ ରେ ପୂଜାର୍ଚ୍ଚନା ସହିତ ମେଡିକାଲ ରେ ଫଳ ବଣ୍ଟନ ଓ ଅଠରବାଙ୍କୀ ରେ ରହିଥିବା ବିଜୁବାବୁ ଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇଛି ।

ପାରାଦୀପ ନଗର ବିଜେଡି ର ସମସ୍ତ ତୁଙ୍ଗନେତା ଓ କର୍ମୀ ମାନେ ସାମିଲ ହୋଇ ଏକତାର ସୂତ୍ରରେ ବାନ୍ଧିହେବା ସହିତ ପାରାଦୀପ ବନ୍ଦର ନିର୍ମାଣ ପାଇଁ ବିଜୁବାବୁଙ୍କ ପ୍ରଚେଷ୍ଟା ଓ ଦେଖିଥିବା ସ୍ୱପ୍ନ ଆଜି ସାକାର ହୋଇଥିବା କହିଛନ୍ତି। ଆଜି ପାରାଦୀପ ବନ୍ଦର ସର୍ବଭାରତୀୟ ବୃହତ ବନ୍ଦର ମାନଙ୍କ ମଧ୍ୟରେ ପ୍ରମୁଖ ବନ୍ଦର ଭାବରେ ପରିଗଣିତ ହୋଇଛି । ପଣ୍ୟ କାରବାର କ୍ଷେତ୍ରରେ ପାରାଦୀପ ବନ୍ଦର ଆଜି ବିଶ୍ୱରେ ସ୍ୱତନ୍ତ୍ର ସ୍ଥାନ ଜାହିର କରିଛି। ଯାହା ବିଜୁବାବୁ ଙ୍କର ଅବଦାନ ବୋଲି କହିବା ସହିତ ବିଜୁବାବୁ ଙ୍କ ସୁପୁତ୍ର ନବୀନ ପଟ୍ଟନାୟକ



ମଧ୍ୟ ବାପାଙ୍କ ସ୍ୱପ୍ନ କୁ ସାକାର କରିବପାଇଁ ଓଡିଶାବାସୀ ଙ୍କ ପାଇଁ ଉତ୍ସର୍ଗୀକୃତ ଭାବରେ ଦୀର୍ଘ ୨୪ ବର୍ଷର ଶାସନ ପ୍ରମାଣିତ କରିଛି । ସକାଳ ସମୟରେ ବିଜୁବାବୁ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରିବା ପରେ ସନ୍ଧ୍ୟା ରେ ନୂଆବଜାର ଠାରେ ବିଜୁ ମେମୋରିଆଲ ଟ୍ରଷ୍ଟ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଜୁବାବୁ ଙ୍କୁ ଭଲ ପାଉଥିବା ବରେଣ୍ୟ ବ୍ୟକ୍ତି ବିଶେଷ ଓ ବିଜେଡି ର ପ୍ରମୁଖ ନେତୃବୃନ୍ଦ ସାମିଲ ହୋଇ ପାରାଦୀପ ପାଇଁ ବିଜୁବାବୁ ଙ୍କ ଅବଦାନ ବିଷୟରେ ସ୍ମୃତିଚାରଣ କରିଥିଲେ । ଆଜି ବୁଜୁବାବୁ ନାହାନ୍ତି, ହେଲେ ପାରାଦୀପ ପାଇଁ ଏଭଳି ସ୍ମୃତି ଛାଡି ଚାଲିଯାଇଛନ୍ତି, ଯାହାକୁ ଆମର ପିଢ଼ି ପରେ ପିଢ଼ି ମନେ ପକାଇବେ । ଆଜି ନବୀନ ପଟ୍ଟନାୟକ ଶାସନ ରେ ନାହାନ୍ତି ହେଲେ ବିଜୁବାବୁ ଙ୍କ ନୀତି ଆଦର୍ଶ ରେ ଓଡିଶା ପାଇଁ ଏପରି କାର୍ଯ୍ୟ କରିଛନ୍ତି ଯାହାକୁ ଆଜି ଓଡ଼ିଶାବାସୀ ଝୁରୁଛନ୍ତି । ବର୍ତ୍ତମାନ ର ବିଜେପି ସରକାର ରଙ୍ଗବୋଳା ସରକାର ବୋଲି କହିବା ସହିତ ବିଭିନ୍ନ କ୍ଷେତ୍ରରେ ବିଜେପି ସରକାର ବିଫଳ ହୋଇଛନ୍ତି । ପାରାଦୀପ ର ଆଇନ ଶୃଙ୍ଖଳା ପରିସ୍ଥିତି ଆଜି ଭୁଶୁଡି ପଡିଛି, ଆଜି ନାରୀ ସୁରକ୍ଷିତ ନାହାନ୍ତି, ଆଜି ଶ୍ରମିକ ସଠିକ ପ୍ରାପ୍ୟ ପାଇପାରୁନାହାଁ, ଆଜି ପ୍ରତ୍ୟେକ କ୍ଷେତ୍ରରେ ଏହି ସରକାର ବିଫଳ ବୋଲି ଉପସ୍ଥିତ ବିଜେଡିର ତୁଙ୍ଗନେତା ମାନେ କହିବା ସହିତ ବିଜୁବାବୁ ଙ୍କୁ ଭାରତରତ୍ନ ପ୍ରଦାନ କରିବାକୁ ସ୍ୱର ଉଠାଇଛନ୍ତି । ସ୍ମୃତିଚରଣ ସଭା ରେ ପାରାଦୀପ ର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦୀପ ନଗର ବିଜେଡି ସଭାପତି କୁମର ବର ନାୟକ, ଜଗତସିଂହପୁର ଜିଲ୍ଲା ମହିଳା ସଭାନେତ୍ରୀ ଲୋରା ମହାପାତ୍ର, ରାଜ୍ୟ ବିଜେଡି ମହିଳା ଉପସଭାନେତ୍ରୀ ସବିତା ମହାପାତ୍ର, କୁଜଙ୍ଗ ବ୍ଲକ ଚେୟାରମ୍ୟାନ ନିନାରାଣୀ ସାହୁ, କୁଜଙ୍ଗ ବ୍ଲକ ଭାଇସ ଚେୟାରମ୍ୟାନ ଜ୍ଞାନଜିତ ସ୍ୱାଇଁ, ଙ୍କ ସମେତ ପାରାଦୀପ ବିଜେଡିର ତୁଙ୍ଗ ନେତୃତ୍ୱ ଓ କର୍ମୀ ମାନେ ଉପସ୍ଥିତ ରହିଥିଲେ ଲା

## ମହିଳା ସଶକ୍ତିକରଣର ବିନ୍ଧାଣୀ ଥିଲେ ବିଜୁ

**ଡେରାବିଶ,୬/୩ (ସଂଚାର ବ୍ୟୁରୋ)** ଡେରାବିଶ ବ୍ଲକ କୁରୁଜଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଅପରାହ୍ନରେ ଡେରାବିଶର ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ



ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବରିଷ୍ଠ ବିଜେଡ଼ି ନେତା ହଳଧର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲକ୍ଷ୍ମିକାନ୍ତ ମହାପାତ୍ର, ସଚିଦାନନ୍ଦ ରଥ, ପୂର୍ବତନ ସରପଞ୍ଚ ମହେନ୍ଦ୍ର ସିଂ, ଭବାନୀ ପ୍ରସାଦ ଓଝା, ସରଳରେଖା ସାହୁ, ବିପିନବିହାରୀ ସାହୁ, ଶିକ୍ଷାବିତ୍ କରୁଣାକର ସ୍ୱାଇଁ, ପାଟକୁରା ବିଧାୟକଙ୍କ ପ୍ରତିନିଧି ମନୋରଞ୍ଜନ ଉପାଧ୍ୟାୟ, ନରସଂହପୁର ସରପଞ୍ଚ ସୁଧିର କୁମାର ଖଟୁଆ, ତ୍ରିଲୋଚନ ରାଉତ ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ମହିଳା ସଶକ୍ତିକରଣର ଅନ୍ୟତମ ବିନ୍ଧାଣୀ ଥିଲେ ବୋଲି ସେମାନଙ୍କ ବକ୍ତବ୍ୟରେ କହିଥିଲେ। ଏଥିସହିତ ସେ ଓଡ଼ିଆ ଜାତିର ବୀରତ୍ୱକୁ ସେ ସମଗ୍ର ବିଶ୍ୱ ଦରବାରରେ ପ୍ରତିପାଦିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସରୋଜକାନ୍ତ ନାୟକ, କୁରୁଜଙ୍ଗା ସରପଞ୍ଚ ମାନସୀ ସାମଲ, ସମିତିସଭ୍ୟ କୃଷ୍ଣଚନ୍ଦ୍ର ସାହୁ, ଚାନ୍ଦୋଳ ସରପଞ୍ଚ ସୁରେନ୍ଦ୍ର ମଳିକ, ରତାଦିଆ ସରପଞ୍ଚ ଶିଶିର ସାମଲ, ସମିତିସଭ୍ୟ ନିତ୍ୟାନନ୍ଦ ଭଦ୍ର, ଚାଟରାଚକଡ଼ା ସମିତିସଭ୍ୟ ନିରଞ୍ଜନ କର, ସମାଜସେବୀ ସତ୍ୟରଞ୍ଜନ ସାମଲ, ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଓଡ଼ିଶାର ସମସ୍ତ ଜନସାଧାରଣ ଜଣେ ଜଣେ ବିଜୁ ପଟ୍ଟନାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ।